بِسۡمِ اللّٰہِ الرَّحۡمٰنِ الرَّحِیۡمِ نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ
وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ସାପ୍ତାହିକ

# ବଦର

Weekly BADAR Qadian କାଦିଆନ Odia

ଖଣ୍ଡ: 11

ସଂଖ୍ୟା: 3

ବାର୍ଷିକ ଦେୟ : 600/-

ସମ୍ପାଦକ: କମ୍ରୁଲ୍ ହକ୍ ଖାନ୍

ସହ ସମ୍ପାଦକ: ସୟଦ୍ ଅତାଉଲ୍ ୱାହାବ୍

25 ରଜବ୍, 1447 ହି.କ, 15 ସୁଲାହ୍ 1405 ହି.ଶ, 15 January 2026 ମସିହା

www.akhbarbadr.in


## ଅଲ୍ଲାଃତାଲାଙ୍କ ବାଣୀ

اِنَّ الَّذِیۡنَ یُبَایِعُوۡنَکَ اِنَّمَا یُبَایِعُوۡنَ اللّٰہَ ؕ یَدُ اللّٰہِ فَوۡقَ اَیۡدِیۡہِمۡ ۚ فَمَنۡ نَّکَثَ فَاِنَّمَا یَنۡکُثُ عَلٰی نَفۡسِہٖ ۚ وَمَنۡ اَوۡفٰی بِمَا عٰہَدَ عَلَیۡہُ اللّٰہَ فَسَیُؤۡتِیۡہِ اَجۡرًا عَظِیۡمًا-

(ଅଅଲ୍ ଫତହ୍: 37)

**ଅନୁବାଦ:** ନିଃସନ୍ଦେହ ରୂପେ ଯେଉଁ ଲୋକମାନେ ତୁମ୍ଭ ହସ୍ତରେ ବୈଅତ୍ କରୁଛନ୍ତି ସେମାନେ ବାସ୍ତବରେ ଅଲ୍ଲାଃତାଲାଙ୍କର ହିଁ ବୈଅତ୍ କରୁଛନ୍ତି । ଅଲ୍ଲାଃତାଲାଙ୍କ ହସ୍ତ ସେମାନଙ୍କ ହସ୍ତ ଉପରେ ରହିଛି । ଅତଏବ୍ ଯେକେହି ଉକ୍ତ ଅଙ୍ଗୀକାରକୁ ଭଙ୍ଗ କରେ ତେବେ ସେ ନିଜର ବ୍ୟକ୍ତିଗତ ସ୍ୱାର୍ଥ ସକାଶେ ଅଙ୍ଗୀକାରକୁ ଭଙ୍ଗ କରିଥାଏ ଏବଂ ଯେକେହି ଅଲ୍ଲାଃତାଲାଙ୍କ ସହିତ କରିଥିବା ଉକ୍ତ ଅଙ୍ଗୀକାରକୁ ପୂର୍ଣ୍ଣ କରେ ତେବେ ନିଃସନ୍ଦେହ ରୂପେ ଅଲ୍ଲାଃତାଲା ସେହି ବ୍ୟକ୍ତିକୁ ବୃହତ୍ତମ ପ୍ରତିଫଳ ପ୍ରଦାନ କରିବେ ।

## ଅହମଦିୟା ଖବର

**ଅଲହମଦୁଲିଲ୍ଲାଃ!**

ଅଲ୍ଲାଃତାଲାଙ୍କ କୃପାରୁ ହୁଜୁର ଅନ୍ୱର୍ ଅ.ବ ସକୁଶଳେ ଅଛନ୍ତି।

ଜମାଅତ୍ର ସଦସ୍ୟବୃନ୍ଦଙ୍କୁ ବିନମ୍ରତାପୂର୍ବକ ଅନୁରୋଧ କି ସେମାନେ ହୁଜୁର ଅନ୍ୱର୍ ଅ.ବଙ୍କ ସ୍ୱାସ୍ଥ୍ୟବାନ୍, ନିରୋଗ, ଦୀର୍ଘାୟୁ ହେବା ନିମନ୍ତେ ଦୁଆ କରନ୍ତୁ । ସକଳ ଏବଂ ସର୍ବୋଚ୍ଚ ଉଦ୍ଦେଶ୍ୟରେ ସାଫଲ୍ୟ ମଣ୍ଡିତ ହେବା ନିମନ୍ତେ ଓ ହୁଜୁର ଅନ୍ୱର୍ ଅ.ବଙ୍କ ବିଶେଷ ସୁରକ୍ଷା ନିମନ୍ତେ ଦୁଆ ଜାରି ରଖନ୍ତୁ। ଅଲ୍ଲାଃତାଲା ପ୍ରତ୍ୟେକ ମୁହୂର୍ତ୍ତ ହୁଜୁର ଅନ୍ୱର୍ ଅ.ବଙ୍କର ରକ୍ଷକ ଓ ସହାୟକ ହୁଅନ୍ତୁ । **ଆମିନ୍** ।

## ଆଁହଜରତ୍ ସ.ଅଙ୍କ ବାଣୀ

### ପୁଣ୍ୟ କରିବା ସହିତ ଈଶ୍ୱରଙ୍କୁ ମଧ୍ୟ ଡରିବା ଉଚିତ୍ :

☆ عَنۡ عَائِشَۃَ رَضِیَ اللَّهُ عَنۡهَا أَنَّهَا قَالَتۡ يَا رَسُولَ اللَّهِ فِي هَذِهِ الۡآيَةِ الَّذِينَ يُؤۡتُونَ مَا آتَوۡا وَقُلُوبُهُمۡ وَجِلَةٌ أَنَّهُمۡ إِلَى رَبِّهِمۡ رَاجِعُونَ (ଅଲ୍ ମୁମିନୁନ୍: 20) يَا رَسُولَ اللَّهِ هُوَ الَّذِي يَسۡرِقُ وَيَزۡنِي وَيَشۡرَبُ الۡخَمۡرَ وَهُوَ يَخَافُ اللَّهَ قَالَ لَا يَا بِنۡتَ أَبِي بَكۡرٍ يَا بِنۡتَ الصِّدِّيقِ وَلَكِنَّهُ الَّذِي يُصَلِّي وَيَصُومُ وَيَتَصَدَّقُ وَهُوَ يَخَافُ اللَّهَ عَزَّ وَجَلَّ۔ (ମସନଦ୍ **ଅହମଦ୍ ବିନ୍ ହମ୍ବଲ୍, ଗ୍ରନ୍ଥଖଣ୍ଡ-8, ପୃ-296-297, ମସନଦ୍ ଆଏଶା ର.ଅ, ହଦିସ୍ ନଂ-25777, ପ୍ରକାଶନ ସ୍ଥାନ-ଆଲିମୁଲ୍ କୁତୁବ୍ (ବୈରୁତ୍-1998 ମସିହା**

ହ. ଆଏଶା ର.ଅ ବର୍ଣ୍ଣନା କରନ୍ତି ଯେ, ସେ ରସୁଲୁଲ୍ଲାଃ ସ.ଅଙ୍କୁ ପଚାରିଲେ, ଯେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! କ'ଣ وَالَّذِيۡنَ يُؤۡتُوۡنَ مَاۤ اٰتَوۡا وَّقُلُوۡبُهُمۡ وَجِلَةٌ **(ଅଲ ମୁମିନୁନ୍:62)** ର ଅର୍ଥ ଏହା ହିଁ ଯେ, ମନୁଷ୍ୟ ଯାହା ଚାହିଁବ ତାହା ସେ କରିବ । କିନ୍ତୁ ସେ ଈଶ୍ୱରଙ୍କୁ ଡରିବା ଉଚିତ୍ ? ଆପଣ ସ.ଅ କହିଲେ, ନା ଏହାର ଅର୍ଥ ଏହା ନୁହେଁ ବରଂ ଏହାର ଅର୍ଥ ଏହିକି ଯେ, ମନୁଷ୍ୟ ପୁଣ୍ୟ କରୁ । କିନ୍ତୁ ତତ୍‌ସହିତ ମନୁଷ୍ୟ ଈଶ୍ୱରଙ୍କୁ ମଧ୍ୟ ଭୟ କରିବା ଉଚିତ୍ ।

☆--☆--☆

## ହଜରତ୍ ମସିହ୍ ମଉଦ୍ ଅସ.ଙ୍କ ନିତୀବାଣୀ

### ପ୍ରକୃତ ଜ୍ଞାନର ପରିଚୟ ।

ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ଧର୍ମପରାୟଣତା ଏବଂ ଈଶ୍ୱରଭୀରୁତା ଜ୍ଞାନ ଦ୍ୱାରା ହିଁ ସୃଷ୍ଟି ହୋଇଥାଏ । ଯେପରିକି ଅଲ୍ଲାଃତାଲା ସ୍ୱୟଂ ପବିତ୍ର କୁରଆନ୍ କରୀମରେ କୁହନ୍ତି: اِنَّمَا يَخۡشَى اللّٰهَ مِنۡ عِبَادِهِ الۡعُلَمٰٓؤُا ଅର୍ଥାତ୍ ଅଲ୍ଲାଃତାଲାଙ୍କୁ ସେହିମାନେ ହିଁ ଭୟ କରନ୍ତି ଯେଉଁମାନେ ବିଦ୍ୱାନ୍ ଓ ପଣ୍ଡିତ ଅଟନ୍ତି । ତହିଁରୁ ସ୍ପଷ୍ଟ ରୂପେ ପ୍ରତିଭାତ ହୁଏ ଯେ, ପ୍ରକୃତ ଜ୍ଞାନ ହିଁ ଈଶ୍ୱରଙ୍କ ଭୀରୁତାକୁ ସୃଷ୍ଟି କରିଥାଏ । ତେଣୁ ଈଶ୍ୱର ଜ୍ଞାନକୁ ଧର୍ମପରାୟଣତା ସହିତ ସଂଶ୍ଳିଷ୍ଟ କରିଛନ୍ତି। ଅର୍ଥାତ୍ ଯେକେହି ପୂର୍ଣ୍ଣ ଜ୍ଞାନୀ, ବିଦ୍ୱାନ୍ ତଥା ପଣ୍ଡିତ ହେବ ତା' ମଧ୍ୟରେ ଅବଶ୍ୟ ଅଲ୍ଲାଃତାଲାଙ୍କ ଭୟ ସୃଷ୍ଟି ହେବ। ଅତଏବ୍ ଆପଣ ଅ.ସ କହିଲେ: "ମୋ ଧାରଣାରେ ଏଠାରେ ଜ୍ଞାନରୁ ଯଥାର୍ଥ ପବିତ୍ର କୁରଆନ୍ କରୀମ୍‌ର ଶିକ୍ଷା ଅଟେ । ତହିଁରୁ ଯଥାର୍ଥ ଦର୍ଶନଶାସ୍ତ୍ର, ବିଜ୍ଞାନ କିମ୍ବା ଅନ୍ୟ କୌଣସି ପ୍ରଚଳିତ ଜ୍ଞାନ (ବିଦ୍ୟା) ଯଥାର୍ଥ ନୁହେଁ । କାରଣ ସେହି ସାଂସାରିକ ଜ୍ଞାନକୁ ପ୍ରାପ୍ତ କରିବା ନିମନ୍ତେ ଧର୍ମପରାୟଣତା ଏବଂ ପୁଣ୍ୟବାନ୍ ଓ ସଦାଚାରୀ ହେବାର ସର୍ତ୍ତ ନାହିଁ। ବରଂ ଯେପରିକି ଜଣେ ପାପୀ, ଦୁରାଚାରୀ ଓ ଅଧାର୍ମିକ ବ୍ୟକ୍ତି ସେହି ସାଂସାରିକ ଜ୍ଞାନରୁ ଶିକ୍ଷା ପ୍ରାପ୍ତ କରିଥାଏ ଠିକ୍ ସେହିପରି ଜଣେ ଧାର୍ମିକ ବ୍ୟକ୍ତି ମଧ୍ୟ ସାଂସାରିକ ଜ୍ଞାନକୁ ଆହରଣ କରିପାରେ । କିନ୍ତୁ ପାର୍ଥକ୍ୟ କେବଳ ଏତିକି ହିଁ ଯେ, ପବିତ୍ର କୁରଆନ୍ କରୀମ୍‌ର ଜ୍ଞାନ (ଶିକ୍ଷା ବା ବିଦ୍ୟା) ଧର୍ମପରାୟଣ ବ୍ୟକ୍ତିଙ୍କ ବ୍ୟତୀତ ଅନ୍ୟ କୌଣସି ବ୍ୟକ୍ତିକୁ ପ୍ରଦାନ କରାଯାଇ ନଥାଏ । ଅତଏବ୍ ଏଠାରେ ଜ୍ଞାନରୁ ଯଥାର୍ଥ ପବିତ୍ର କୁରଆନ୍ କରୀମ୍‌ର ହିଁ ଜ୍ଞାନ ଯଥାର୍ଥ ଅଟେ।"**(ମଲ୍‌ଫୁଜାତ୍, ଗ୍ରନ୍ଥଖଣ୍ଡ-4, ପୃ-599, ସଂସ୍କରଣ ବର୍ଷ-2003 ମସିହା, ପ୍ରକାଶନ ସ୍ଥାନ-ରବୱା)**

ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ ପୁନଶ୍ଚ କୁହନ୍ତି: "ବିଦ୍ୱାନ୍ ଶବ୍ଦରୁ ଭ୍ରମିତ ହେବେ ନାହିଁ । କାରଣ ବିଦ୍ୱାନ୍ ହେଉଛି ସେହି ବ୍ୟକ୍ତି ଯିଏ ଅଲ୍ଲାଃତାଲାଙ୍କୁ ପ୍ରତ୍ୟେକ ପ୍ରକାରର ଅପକର୍ମ କରିବା ସମୟରେ ଭୟ କରିଥାଏ । ସୁତରାଂ اِنَّمَا يَخۡشَى اللّٰهَ مِنۡ عِبَادِهِ الۡعُلَمٰٓؤُا **(ଫାତିର୍: 29)** ଅର୍ଥାତ୍ ନିଃସନ୍ଦେହ ରୂପେ ଯେଉଁ ଲୋକମାନେ ଅଲ୍ଲାଃତାଲାଙ୍କୁ ଭୟ କରନ୍ତି, ସେହି ଭକ୍ତମାନଙ୍କ ମଧ୍ୟରୁ ହିଁ ଈଶ୍ୱରଙ୍କର ବିଦ୍ୱାନ୍‌ମାନେ ଥାଆନ୍ତି । ସେମାନଙ୍କ ମଧ୍ୟରେ ପୂର୍ଣ୍ଣ ଭକ୍ତିକତା ଏବଂ ଈଶ୍ୱରଭୀରତୁତା ଏତେମାତ୍ରାରେ ସୃଷ୍ଟି ହୋଇଯାଇଥାଏ ଯେ, ସେମାନେ ସ୍ୱୟଂ ଅଲ୍ଲାଃତାଲାଙ୍କ ଠାରୁ ଜ୍ଞାନ ଓ ଅଧ୍ୟାତ୍ମ ଶିକ୍ଷା ପ୍ରାପ୍ତ କରିଥାଆନ୍ତି । ସେମାନେ ଈଶ୍ୱରଙ୍କ ଠାରୁ ହିଁ କୃପା ଓ କଲ୍ୟାଣ ପ୍ରାପ୍ତ କରିଥାଆନ୍ତି । ଏହି ମର୍ଯ୍ୟାଦା ଏବଂ ଏହି ସ୍ତର ଆଁହଜରତ୍ ସ.ଅଙ୍କ ପୂର୍ଣ୍ଣ ଆଜ୍ଞାବହତ୍ୱ ଓ ତାହାଙ୍କ ପ୍ରତି ଥିବା ପୂର୍ଣ୍ଣ ପ୍ରେମ ଓ ଆନ୍ତରୀକତା ଦ୍ୱାରା ହିଁ ପ୍ରାପ୍ତ ହୋଇଥାଏ। ଏପର୍ଯ୍ୟନ୍ତକି ମନୁଷ୍ୟ ସଂପୂର୍ଣ୍ଣ ରୂପେ ଆପଣ ସ.ଅଙ୍କ ରଙ୍ଗରେ ରଙ୍ଗୀନ୍ ହୋଇଯାଇଥାଏ ।" **(ମଲ୍‌ଫୁଜାତ୍, ଗ୍ରନ୍ଥଖଣ୍ଡ-4, ପୃ-433-434, ସଂସ୍କରଣ ବର୍ଷ-2003 ମସିହା, ପ୍ରକାଶନ ସ୍ଥାନ-ରବୱା)**

☆--☆--☆

## ତଫସିର୍ କବିରରୁ ଉଦ୍ଧୃତ ଆଲେଖ୍ୟ

### ଈଶ୍ୱର ଭୀରୁତା ଓ ଭୟର ମାତ୍ରା ବା ପରିମାଣ ।

ସୟେଦିନା ହ. ମୁସ୍‌ଲେହ୍ ମଉଦ୍ ର.ଅ ସୁରତୁଲ୍ ଗାଶିୟାହ୍‌ର ଆୟତ୍ ସଂଖ୍ୟା 22 وَالَّذِيۡنَ يَصِلُوۡنَ مَاۤ اَمَرَ اللّٰهُ بِهٖۤ اَنۡ يُّوۡصَلَ وَيَخۡشَوۡنَ رَبَّهُمۡ وَيَخَافُوۡنَ سُوۡٓءَ الۡحِسَابِ ର ବ୍ୟାଖ୍ୟା କରି କୁହନ୍ତି: "ଖଶିୟତ୍ ଅର୍ଥାତ୍ ଭୟ ଶବ୍ଦରେ ଅଧ୍ୟାତ୍ମ ପ୍ରସଙ୍ଗର ସେହି ଭାବାର୍ଥ ନିହିତ ରହିଛି ଯାହା ପ୍ରତି ଭୟ ପ୍ରଦର୍ଶନ କରାଯାଇଛି । ଅର୍ଥାତ୍ ଭୟର ଶବ୍ଦ କେବଳ ସେତେବେଳେ ପ୍ରକାଶ କରାଯାଇଥାଏ ଯେତେବେଳେ କୌଣସି ପ୍ରସଙ୍ଗ ବା ବସ୍ତୁ ପ୍ରତି ଭୟ ଲାଗିଥାଏ ଏବଂ ସେ (ଭୟ) ସଂପର୍କରେ ମନୁଷ୍ୟକୁ ଅବବୋଧ ବା ପରିଚୟ ପ୍ରାପ୍ତ ହୋଇଯାଏ ଯେ, ସେ ଅମକ ବସ୍ତୁକୁ ଓ ଅମକ ବସ୍ତୁ ଠାରୁ ଡରୁଛି । ସେହିପରି ଯେତେବେଳେ ମନୁଷ୍ୟ ମନରେ କେବଳ କ୍ଷତି (ଅନିଷ୍ଟ) କିମ୍ବା ହାନୀର ଡ଼ର ଭୟ ନଥାଏ ବରଂ ସେହି କାରଣରୁ ମଧ୍ୟ ମନୁଷ୍ୟ ଡରିଥାଏ ଯେ, ମନୁଷ୍ୟ ସେହି ବସ୍ତୁ ସଂପର୍କରେ ଏହି ବିଶ୍ୱାସ ରଖିଥାଏ ଯେ, ସେହି ବସ୍ତୁଟି ସର୍ବୋଚ୍ଚ ଏବଂ ମର୍ଯ୍ୟାଦାର ଅଧିକାରୀ ଅଟେ । ତେଣୁ ମନୁଷ୍ୟ ଏହା ମନେକରେ ଯେ, ମୋ ଦ୍ୱାରା ଏପରି କୌଣସି ତ୍ରୁଟି ସମ୍ପାଦିତ ନହୋଇଯାଉ ଯେ, ମୁଁ ସେହି ମର୍ଯ୍ୟାଦା ତଥା ମହାନ୍ ବ୍ୟକ୍ତି ଏବଂ ଈଶ୍ୱରଙ୍କର ସାମୀପ୍ୟତାକୁ ହରାଇ ବସିବି । ଅତଏବ୍ ଅଲ୍ଲାଃତାଲାଙ୍କୁ ଭୟ କରିବାର ଅର୍ଥ ଏହିକି ଯେ, ମନୁଷ୍ୟ ଯେତେବେଳେ ଈଶ୍ୱରଙ୍କ ସାନ୍ନିଧ ଜନିତ ମର୍ଯ୍ୟାଦାକୁ ପ୍ରାପ୍ତ କରିନିଏ ସେତେବେଳେ ମନୁଷ୍ୟ ନିକଟରେ ଏକଥା ପରିପ୍ରକାଶିତ ହୋଇଯାଇଥାଏ ଯେ, ଉକ୍ତ ମର୍ଯ୍ୟାଦା ବା ସ୍ଥାନ ମନୁଷ୍ୟର ପ୍ରକୃତ ଶାନ୍ତି, ଉନ୍ନତି ଓ ପୂର୍ଣ୍ଣତ୍ୱର ମର୍ଯ୍ୟାଦା ଅଟେ । ତେଣୁ ମନୁଷ୍ୟ ଯେଉଁ ମର୍ଯ୍ୟାଦାକୁ ହରାଇବାର ଭୟ ମଧ୍ୟ ରହିଥାଏ ସେହି ମର୍ଯ୍ୟାଦା ଯେତେବେଳେ ମନୁଷ୍ୟ ଠାରୁ ଛିନ୍ନ ହେବାକୁ ବସେ ସେତେବେଳେ ମନୁଷ୍ୟ ଉକ୍ତ ଚିନ୍ତାଧାରା ଅର୍ଥାତ୍ ଉକ୍ତ ପ୍ରସଙ୍ଗକୁ କଦାପି ସହ୍ୟ କରିପାରି ନଥାଏ । ମନୁଷ୍ୟ ସର୍ବଦା ସେହି ମର୍ଯ୍ୟାଦାକୁ ସୁରକ୍ଷିତ ରଖିବା ନିମନ୍ତେ ଉଦ୍ୟମରତ ଥାଏ ଏବଂ ଏଥି ପାଇଁ ସେ ସର୍ବଦା ଚିନ୍ତିତ ରହିଥାଏ । ଅର୍ଥାତ୍ ମନୁଷ୍ୟକୁ ଯେଉଁ ସାମୀପ୍ୟତାର ମର୍ଯ୍ୟାଦା ପ୍ରାପ୍ତ ହୋଇଛି ତାହା କୌଣସି ଅବଚେତନ ଏବଂ ଅବହେଳା ଯୋଗୁଁ ଅବକ୍ଷୟ ନହେଉ।

ଅତଏବ୍ ଉକ୍ତ ନିଦର୍ଶନର ଦ୍ୱିତୀୟ ଭାଗ ଏହା ସୂଚାଏ ଯେ, وَيَخَافُوۡنَ سُوۡٓءَ الۡحِسَابِ ଅର୍ଥାତ୍ ଏକ ପକ୍ଷେ ବ୍ୟକ୍ତି ଅର୍ଥାତ୍ ବିଶ୍ୱାସକାରୀ

## ପୃ-1ରେ ବର୍ଣ୍ଣିତ ତଫସିରର ଅବଶିଷ୍ଟାଂଶ...

ବ୍ୟକ୍ତି ଅଲ୍ଲାଃତାଲାଙ୍କ ସାମୀପ୍ୟତାର ମର୍ଯ୍ୟାଦକୁ ସୁରକ୍ଷିତ ରଖିବା ନିମନ୍ତେ ସର୍ବଦା ଚିନ୍ତିତ ରହିଥାଏ । ଅନ୍ୟ ପକ୍ଷେ ଦୁଇଟି ଲକ୍ଷଣମାନଙ୍କ ମଧ୍ୟରେ ଯଦିଓ ଅଲ୍ଲାଃତାଲାଙ୍କ ସଂପର୍କକୁ ପ୍ରକୃତ ଏବଂ ମାନବ ଜାତି ପ୍ରତି ସଦୟଭାବ ପ୍ରଦର୍ଶନ କରିବାକୁ ତାହାର ପରିଣାମ ବୋଲି ବିବେଚିତ କରାଯାଇଛି । ତୃତୀୟ ପ୍ରମାଣରେ ତଦନୁଯାୟୀ ଅଲ୍ଲାଃତାଲାଙ୍କ ସହିତ ସଂପର୍କର ଅଭାବକୁ ଖଶିୟତ୍ (ଭୟ)ର ଶବ୍ଦ ଏବଂ ପ୍ରାଣୀମାନଙ୍କ ସହିତ ସଂପର୍କ ଅଭାବ ସଂକ୍ରାନ୍ତରେ ଭୟର ଶବ୍ଦ ବ୍ୟବହାର କରାଯାଇଛି । କାରଣ ପ୍ରଥମତଃ ଭୟର ଶବ୍ଦ ଏହା ସୂଚାଏ ଯେ, ଯେଉଁ ବସ୍ତୁ ଠାରୁ ଭୟ ପ୍ରଦର୍ଶନ କରାଯାଏ ତାହା ବିଶେଷ ଅସ୍ତିତ୍ୱ ଅଟେ । ଭୟର ଶବ୍ଦ ନିମନ୍ତେ ଏହା ଜରୁରୀ ନୁହେଁ ଯେ, କୌଣସି ବିଶେଷ ଅସ୍ତିତ୍ୱ ପ୍ରତି ଉଚ୍ଚାରଣ କରାଯାଉ । ବରଂ ବେଳେବେଳେ ଉକ୍ତ ଶବ୍ଦଟି ଏପରି ବସ୍ତୁ ନିମନ୍ତେ ପ୍ରୟୋଗ କରାଯାଇଥାଏ ଯେ, ଯେଉଁ ବସ୍ତୁ ଠାରୁ ଦୂରେଇ ଯିବା ଉଦ୍ଦେଶ୍ୟ ତଥା ଅଭିପ୍ରାୟ ହୋଇଥିବ । ଅର୍ଥାତ୍ ବେଳେବେଳେ ଭୟର ଶବ୍ଦ ବିଶେଷ ଅସ୍ତିତ୍ୱ ଏବଂ ବସ୍ତୁର କୋପ ନିମନ୍ତେ ମଧ୍ୟ ବ୍ୟବହୃତ ହୋଇଥାଏ ।" **(ତଫସିର୍ କବିର୍, ଗ୍ରନ୍ଥଖଣ୍ଡ-5, ପୃ-54, ଚର୍ଚ୍ଚିତ ତଫସିର୍ ସୁରାଃ ରାଆଦ୍, ଆୟତ୍ ନଂ-22)**

☆--☆--☆

**ସମ୍ପାଦକୀୟ**

## ଚାଲ କାଦିୟାନ୍ ଯିବା !

ଶାନ୍ତିର ଗୃହ କାଦିୟାନ୍ ଠାରେ ବର୍ତ୍ତମାନ ଜଲ୍‌ସା ସାଲାନାର ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ରହିଛି ଏବଂ ଅନ୍ୟ ପଟରେ ପ୍ରତ୍ୟେକ ଅହମଦିର ହୃଦୟ ମଧ୍ୟ ଜଲ୍‌ସା ସାଲାନାରେ ଅଂଶ ଗ୍ରହଣ କରିବା ନିମନ୍ତେ ଉତ୍ସାହପୂର୍ଣ୍ଣ ସ୍ୱେଚ୍ଛାସେବୀମାନଙ୍କ ପରି ସ୍ପନ୍ଦିତ ହେଉଅଛି। ଆବାଳ ବୃଦ୍ଧ ବନୀତାମାନେ ମଧ୍ୟ ଅତ୍ୟନ୍ତ ବ୍ୟଗ୍ରତାର ସହିତ ଜଲ୍‌ସା ସାଲାନାକୁ ଅପେକ୍ଷା କରି ବସିଛନ୍ତି। ଅଲ୍ଲାଃତାଲା ପ୍ରତ୍ୟେକଙ୍କ ନିମନ୍ତେ ସହଜତା ସୃଷ୍ଟି କରନ୍ତୁ ଏବଂ ସକୁଶଳତାର ସହିତ ଜଲସା ସାଲାନାରେ ଅଂଶଗ୍ରହଣ କରିବା ଏବଂ ଧର୍ମ ପୀଠର କଲ୍ୟାଣରୁ ପୂର୍ଣ୍ଣ ରୂପେ ଉପକୃତ ହେବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । **ଆମିନ୍** ।

ଚଳିତ ବର୍ଷ ଜଲସା ସାଲାନା କାଦିୟାନ୍ ହୁଜୁର ଅନ୍‌ୱର୍ ଅ.ବଙ୍କ ଅନୁମୋଦନ କ୍ରମେ ତା- 26, 27, 2୮ ଡିସେମ୍ବର ମାସ, ବାର- ଶୁକ୍ରବାର, ଶନିବାର ଓ ରବିବାର ଦିନ ଆୟୋଜିତ ହେଉଅଛି । ଉକ୍ତ ଐଶୀ ଜଲସା ସଂପର୍କରେ ସୟେଦିନା (ପୁଣ୍ୟଶ୍ଳୋକ) ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ଆପଣମାନେ ଉକ୍ତ ଜଲସାକୁ ସାଧାରଣ ଜଲସା ବୋଲି ମନେକରନ୍ତୁ ନାହିଁ। ଉକ୍ତ ପ୍ରସଙ୍ଗ ଅର୍ଥାତ୍ ଉକ୍ତ ଜଲ୍‌ସା ହେଉଛି ନିଷ୍ଠା, ଈଶ୍ୱରଙ୍କ ସାହାଯ୍ୟ ଏବଂ ସମର୍ଥନ ଓ ଈଶ୍ୱରଙ୍କ ବାଣୀର ଉନ୍ନତି ଇସ୍‌ଲାମ୍ ଧର୍ମର ଉନ୍ନତି ଉପରେ ପ୍ରତିଷ୍ଠିତ ଅଟେ। ଉକ୍ତ ଜଲସାର ମୂଳଦୁଆ ସ୍ୱୟଂ ଅଲ୍ଲାଃତାଲା ସ୍ୱହସ୍ତରୁ ରଖିଛନ୍ତି ଏବଂ ଏଥି ନିମନ୍ତେ ଜାତିମାନଙ୍କୁ ପ୍ରସ୍ତୁତ ମଧ୍ୟ କରିଛନ୍ତି । ସେହି ଜାତିମାନେ ଭବିଷ୍ୟତରେ ଉକ୍ତ ଜଲ୍‌ସାରେ ଆସି ସମ୍ମିଳିତ ହୋଇଯିବେ । କାରଣ ଏହା ସେହି ସର୍ବ ଶକ୍ତିମାନ ଈଶ୍ୱରଙ୍କ କାର୍ଯ୍ୟ ଅଟେ । ସେହି ସର୍ବ ଶକ୍ତିମାନ ଈଶ୍ୱରଙ୍କ ସମ୍ମୁଖରେ କୌଣସି କଥା ଅକରଣୀୟ ଓ ଅସମ୍ଭବ ନୁହେଁ ।"**(1891 ମସିହା, ଡିସେମ୍ବର ମାସ 07 ତାରିଖ ଦିନ ପ୍ରକାଶିତ ଇସ୍ତହାର)**

ସେହିପରି ହୁଜୁର୍ ଅ.ସ କୁହନ୍ତି; "ଯଥା ସମ୍ଭବ ଲୋକମାନଙ୍କୁ କେବଳ ଈଶ୍ୱରଙ୍କ ସକାଶେ ଈଶ୍ୱରଭିତ୍ତିକ କଥାଗୁଡ଼ିକୁ ଶୁଣିବା ନିମନ୍ତେ ଏବଂ ଦୁଆରେ ସାମିଲ୍ ହେବା ନିମନ୍ତେ ସେହି ତାରିଖରେ ଯିବା ଉଚିତ୍ । ଉକ୍ତ ଜଲ୍‌ସାରେ ସତ୍ୟତା ଏବଂ ଅଧ୍ୟାତ୍ମ ପରିଚୟ ସମ୍ବଳିତ ବିଷୟବସ୍ତୁ (ଭାଷଣ) ଶୁଣାଯିବାର ବ୍ୟବସ୍ଥା ରହିବ । ସେହି ଭାଷଣ ବିଶ୍ୱାସ ଏବଂ ଆସ୍ଥା ଓ ଈଶ୍ୱରଙ୍କ ଅଧ୍ୟାତ୍ମ ପ୍ରସଙ୍ଗକୁ ଉନ୍ନତି ପ୍ରଦାନ କରିବା ନିମନ୍ତେ ନିତାନ୍ତ ଜରୁରୀ ଅଟନ୍ତି । ସେହିପରି ବନ୍ଧୁମାନଙ୍କ ନିମନ୍ତେ ମଧ୍ୟ ବିଶେଷ ଦୁଆ କରିବା ଓ ବିଶେଷ ଧ୍ୟାନ ଦିଆଯିବ । ଏପର୍ଯ୍ୟନ୍ତକି ଅଶେଷ ଦୟାବାନ ଓ ସଦା କରୁଣାମୟ ପରମେଶ୍ୱରଙ୍କ ପ୍ରଦତ୍ତ ସାମର୍ଥ୍ୟାନୁଯାୟୀ ଏହି ଉଦ୍ୟମ କରାଯିବ ଯେ, ଈଶ୍ୱର ନିଜ ତରଫରୁ ସେହି ଲୋକମାନଙ୍କୁ (ପବିତ୍ରାତ୍ମାମାନଙ୍କୁ) ଆକର୍ଷିତ କରନ୍ତୁ ଏବଂ ନିଜ ନିମନ୍ତେ ସେହି ଭକ୍ତମାନଙ୍କୁ ସ୍ୱୀକାର କରନ୍ତୁ ଏବଂ ସେମାନଙ୍କ (ଜଲ୍‌ସାରେ ଆଗତ ଅତିଥିମାନଙ୍କ) ମଧ୍ୟରେ ପବିତ୍ର ପରିବର୍ତ୍ତନ ସୃଷ୍ଟି କରନ୍ତୁ । **ଆମିନ୍** ।"

ସେହିପରି ହୁଜୁର ଅ.ସ କହିଲେ: "ଏହି ଜଲସାର ସାମିୟକ ଲାଭ ଏହା ମଧ୍ୟ ହେବ ଯେ, ପ୍ରତ୍ୟେକ ନବ ବର୍ଷରେ ନବାଗତ ଭାଇମାନେ ଉକ୍ତ ଜମାଅତ୍‌ରେ ପ୍ରବିଷ୍ଟ ହେବେ, ସେମାନେ ନିର୍ଦ୍ଧାରିତ ତାରିଖରେ ଉପସ୍ଥିତ ହୋଇ ନିଜ ଭାଇମାନଙ୍କର ମୁଖକୁ ଦେଖିନେବେ । ସେହି ଆଗତ ଅତିଥିମାନେ ନିଜର ଭାଇମାନଙ୍କୁ ଦେଖି, ସେମାନଙ୍କୁ ଚିହ୍ନି ପରସ୍ପର ମଧ୍ୟରେ ଆତ୍ମୀୟ ସ୍ୱଜନମୂଳକ ସଂପର୍କ ଗଢି ଉଠିବ ଅବା ଉକ୍ତ ଅବଧି ମଧ୍ୟରେ ଯେଉଁ ଲୋକ ଇହଧାମ ତ୍ୟାଗ କରିବେ ଉକ୍ତ ଜଲ୍‌ସାରେ ସେହି ବ୍ୟକ୍ତି ନିମନ୍ତେ ଈଶ୍ୱରଙ୍କ ସମ୍ମୁଖରେ କ୍ଷମାଯାଚନା (ମୋକ୍ଷ ପ୍ରାପ୍ତି)ନିମନ୍ତେ ଦୁଆ କରାଯିବ, ସମସ୍ତଭାଇମାନଙ୍କୁ ଏକତ୍ରିତ କରିବା ନିମନ୍ତେ ଏବଂ ସେମାନଙ୍କ ମଧ୍ୟରେ ଥିବା ଶୁଷ୍କ ମନୋଭାବ, ଅପରିଚିତତା, ବୈମନସ୍ୟତା ତଥା ବିଦ୍ୱେଷାଭାବକୁ ଦୂରୀଭୂତ କରିବା ନିମନ୍ତେ ଈଶ୍ୱରଙ୍କ ପ୍ରଦତ୍ତ ସାମର୍ଥ୍ୟ କ୍ରମେ ଉଦ୍ୟମ କରାଯିବ । ଉକ୍ତ ଆଧ୍ୟାତ୍ମିକ ଜଲସାର ଆହୁରି ଅନେକ ଆଧ୍ୟାତ୍ମିକ ଲାଭ ମଧ୍ୟ ରହିଛି ଯାହା **ଇନ୍‌ଶାଆଲ୍ଲାଃ** ସମୟେ ସମୟେ ପ୍ରକଟିତ ହେଉଥିବ । **ଇନଶାଲ୍ଲାଃ** ।" **(ଆସ୍‌ମାନୀ ଫୈସ୍‌ଲା, ପୃ-9-10)**

ଉକ୍ତ ପବିତ୍ର ଜଲ୍‌ସାର ଅତିଥିମାନଙ୍କ ନିମନ୍ତେ ସୟେଦିନା ହ. ମସିହ୍ ମଉଦ୍ ଅ.ସ ସ୍ୱୟଂ ବଳିଦାନ ଉପସ୍ଥାପିତ କରିଛନ୍ତି । ପ୍ରାରମ୍ଭିକ ଜଲସା ସାଲାନାମାନଙ୍କରେ ହ. ମୀର୍ ନାସିର୍ ନଓ୍ୱାବ୍ ସାହେବ ର.ଅ ଜଲସା ସାଲାନାର ସମସ୍ତ ଦାୟିତ୍ୱ ନିର୍ବାହ କରୁଥିଲେ । ଏକଦା ଜଲସାରେ ଅତିଥିମାନଙ୍କ ନିମନ୍ତେ ଆର୍ଥିକ ଅଭାବ ପରିଲିକ୍ଷିତ ହେଲା । ସୁତରାଂ ହ. ମୀର୍ ମୁହମ୍ମଦ ନାସିର୍ ସାହେବ ଯେକି ହ. ମସିହ୍ ମଉଦ୍ ଅ.ସଙ୍କ ଶ୍ୱସୁର ମଧ୍ୟ ଥିଲେ ସେ ହ. ମସିହ୍ ମଉଦ୍ ଅ.ସଙ୍କ ପାଖକୁ ଆସିଲେ ଏବଂ କହିଲେ, ହୁଜୁର୍ ! କାଲି ଦିନକ ପାଇଁ ଜଲ୍‌ସାର ଅତିଥିମାନଙ୍କ ଆହାର ନିମନ୍ତେ ଟଙ୍କା ଆଉ ନାହିଁ । ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ କହିଲେ, ମହୋଦୟ ଆମ ଘରୁ ମୋ ପତ୍ନି ମହୋଦୟା ହ. ଉମ୍ମୁଲ୍ ମୁମିନିନ ହ. ନୁସ୍‌ରତା ଯାହାଁ ବେଗମଙ୍କ ଠାରୁ ଅଳଂକାର (ଗହଣା ଗାଠି) ନେଇ ବିକ୍ରି କରି ଦିଅନ୍ତୁ ଏବଂ ଜଲ୍‌ସାର ଅତିଥିମାନଙ୍କ ନିମନ୍ତେ ବ୍ୟବସ୍ଥା କରି ଦିଅନ୍ତୁ । ସୁତରାଂ ହ. ମୀର୍ ସାହେବ ଗହଣା ନେଇ ବିକ୍ରି କରିଦେଲେ ଏବଂ ଜଲସାର ଅତିଥିମାନଙ୍କ ନିମନ୍ତେ ବ୍ୟବସ୍ଥା କଲେ । ହ. ମୀର୍ ସାହେବ ପରବର୍ତ୍ତୀ ଦିନ ପୁଣି କହିଲେ, ହୁଜୁର୍ ! ଗହଣା ବିକ୍ରି କରି ଯେତେ ଅର୍ଥରାଶି (ଟଙ୍କା) ମିଳିଥିଲା ତହିଁରୁ କେବଳ ଗୋଟିଏ ଦିନର ଖର୍ଚ୍ଚ ପୂରଣ ହୋଇ ପାରିଲା ଏବଂ ଅତିଥିମାନଙ୍କ ନିମନ୍ତେ କେବଳ ଗୋଟିଏ ଦିନର ଖର୍ଚ୍ଚର ବ୍ୟବସ୍ଥା ହୋଇ ପାରିଛି । ବର୍ତ୍ତମାନ କାଲି ଦିନକ ପାଇଁ ଅତିଥିଙ୍କ ଖର୍ଚ୍ଚ ନିମନ୍ତେ ପୁଣି ଅର୍ଥରାଶିର ଆବଶ୍ୟକତା ରହିଛି। ପ୍ରତ୍ୟୁତ୍ତରରେ ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ କହିଲେ, ମୋ ପାଖରେ ଯେଭଳି ସାମର୍ଥ୍ୟତା ରହିଥିଲା ମୁଁ ଅତିଥିଙ୍କ ଉପରେ ଅର୍ଥ ବ୍ୟୟ କଲି । ବର୍ତ୍ତମାନ ମୋ ପାଖରେ ଆଉ ଅର୍ଥ ନାହିଁ । ଯାହାର ଅତିଥି ଅଛନ୍ତି ସେ ହିଁ କୌଣସି ବ୍ୟବସ୍ଥା କରିବେ । ଉକ୍ତ ବର୍ଣ୍ଣନାର ବର୍ଣ୍ଣନାକାରୀ ହେଉଛନ୍ତି କପୁରଥଲାର ହ. ମୁନ୍‌ଶୀ ଜଫର୍ ଅହମଦ୍ ସାହେବ । ପରବର୍ତ୍ତୀ ଦିନ ଡାକ ଆସିଲା । ସେହି ଡାକବାଲା ପାଖରେ ମିନି ଅର୍ଡର ଥିଲା। ଯହିଁରେ ଏହା ଉଲ୍ଲେଖ ରହିଥିଲା ଯେ, "ମୁଁ ଜଲସା ସାଲାନାରେ ସାମିଲ୍ ହେବା ନିମନ୍ତେ ଇଚ୍ଛୁକ ହେବା ସତ୍ତ୍ୱେ ମଧ୍ୟ ଜଲସା ସାଲାନାରେ ସାମିଲ୍ ହୋଇ ପାରିଲି ନାହିଁ। ଅତଏବ୍ ଅତିଥିମାନଙ୍କ ସେବାରେ ମୁଁ ଉକ୍ତ ଅର୍ଥରାଶୀ ପ୍ରେରଣ କରିଦେଉଛି । ହୁଜୁର ଅ.ସ ହ. ମୀର୍ ସାହେବଙ୍କୁ ଡକାଇଲେ ଏବଂ ତାଙ୍କୁ ମନି ଅର୍ଡର ଧରାଇ ତୱକ୍କୁଲ୍ ଅଲଲ୍ଲାଃ ଉପରେ (ଅଲ୍ଲାଃତାଲାଙ୍କ ଉପରେ ଥିବା ଭରସା) ବିଷୟ ବସ୍ତୁ ଉପରେ ଭାଷଣ ଦେଲେ । ଆପଣ ଅ.ସ କହିଲେ, "ଯେଭଳି ଜଣେ ସାଂସାରିକ ବ୍ୟକ୍ତି ନିଜ ନୋଟ୍ ଭର୍ତ୍ତି ସିନ୍ଧୁକ ଉପରେ ଭରସା କରିଥାଏ ଏହାଠୁ ବି ଅଧିକ ଭରସା ମୋର ଅଲ୍ଲାଃତାଲାଙ୍କ ଅସ୍ତିତ୍ୱ ଉପରେ ରହିଛି ।"

ସେହିପରି ହ. ମୁନ୍‌ସୀ ଜଫର୍ ଅହମଦ ସାହେବ କପୁର୍‌ଥଲୱୀ ଏହା ମଧ୍ୟ ବର୍ଣ୍ଣନା କରନ୍ତି ଯେ, ଏକଦା ଜଲ୍‌ସାରେ ଏତେ ସଂଖ୍ୟକ ଅତିଥିମାନେ ଆସିଗଲେ ଯେ, ଜଲ୍‌ସାର ଅତିଥିମାନଙ୍କ ନିମନ୍ତେ ଶେଯର ଅଭାବ ଦେଖାଦେଲା । ଜଲ୍‌ସାର ସ୍ୱେଚ୍ଛାସେବୀମାନେ ସମସ୍ତ ଅହମଦିମାନଙ୍କ ଘରୁ ଗରମ ବସ୍ତ୍ର ଚଦର, କମ୍ବଳ, ରେଜେଇ ଇତ୍ୟାଦି ସଂଗ୍ରହ କଲେ ଏବଂ ହୁଜୁର ଅ.ସଙ୍କ ଘରୁ ମଧ୍ୟ ସ୍ୱେଚ୍ଛାସେବୀମାନେ ସମସ୍ତ ରେଜେଇ କମ୍ବଳ ଆଦି ସଂଗ୍ରହ କଲେ । ଏପର୍ଯ୍ୟନ୍ତକି ହୁଜୁର ଅ.ସଙ୍କ ନିମନ୍ତେ ଏବଂ ପରିବାରବର୍ଗଙ୍କ ନିମନ୍ତେ ମଧ୍ୟ କୌଣସି ରେଜେଇ କମ୍ବଳ ବଳିଲା ନାହିଁ । ହ. ମୁନ୍‌ସୀ ଜଫର୍ ଅହମଦ୍ ସାହେବ କପୁର୍ ଥଲୱୀ କୁହନ୍ତି, ମୁଁ ହୁଜୁର୍ ଅ.ସଙ୍କ ଘରେ ଉପସ୍ଥିତ ହେଲି ଦେଖିଲି ଯେ, ହୁଜୁର୍ ଅ.ସଙ୍କ ପାଖରେ କୌଣସି ରେଜେଇ କମ୍ବଳ ନାହିଁ ଏବଂ ଆପଣଙ୍କ ସୁପୁତ୍ର ହ. ମିର୍ଜା ବଶୀରୁଦ୍ଦୀନ୍ ମହମୁଦ୍ ଅହମଦ୍ ସାହେବ ର.ଅ ଗୋଟିଏ କୋଟ୍ ଘୋଡ଼ାଇ ହୋଇଛନ୍ତି । ପ୍ରତ୍ୟୁତ୍ତରରେ ମୁନ୍‌ସୀ ଜଫର୍ ଅହମଦ୍ ସାହେବ ସ୍ୱେଚ୍ଛାସେବୀମାନଙ୍କୁ ପାଟି କଲେ ଯେ, ହେ ସ୍ୱେଚ୍ଛାସେବୀମାନେ ! ତୁମେମାନେ ହୁଜୁର୍ ଅ.ସଙ୍କ ପରିବାରବର୍ଗଙ୍କ ଶୀତ ଦାଉରୁ ରକ୍ଷା ପାଇବା ନିମନ୍ତେ ମଧ୍ୟ ରେଜେଇ କମ୍ବଳ ଓ ଶୀତବସ୍ତ୍ର ଛାଡ଼ିଲ ନାହିଁ? ସ୍ୱେଚ୍ଛାସେବୀମାନେ ତାଙ୍କୁ କହିଲେ, ମହୋଦୟ ! ଆମେମାନେ ଯେଉଁ ଅତିଥିମାନଙ୍କୁ ଶୀତବସ୍ତ୍ର, ରେଜେଇ କମ୍ବଳ ଆଦି ଦେଇ ଦେଇଛୁ ସେମାନଙ୍କ ଠାରୁ ବର୍ତ୍ତମାନ ଫେରସ୍ତ ନେବା କଷ୍ଟକର ମନେହେଉଛି । ଅତି କଷ୍ଟରେ ଅନ୍ୟ କେଉଁଠୁ ଏକ ଶୀତବସ୍ତ୍ର ହୁଜୁର ଅ.ସଙ୍କ ସେବାରେ ଉପସ୍ଥାପିତ କରାଗଲା । ହୁଜୁର ଅ.ସ ଏହା କହି ଶୀତ ବସ୍ତ୍ର ନେବାକୁ ଅସ୍ୱୀକାର କରିଦେଲେ ଯେ, ମୋତେ ତ' ନିଦ ଆସୁ ନାହିଁ । ଆଜି ରାତି ଯେମିତି ସେମିତି କଟିଯିବ। ଏହି ରେଜେଇ କମ୍ବଳ ମଧ୍ୟ ଅନ୍ୟ ଅତିଥିକୁ ଦେଇ ଦିଆଯାଉ। ସୁତରାଂ ସେହି ରେଜେଇ କମ୍ବଳ ମଧ୍ୟ ଅନ୍ୟ ଅତିଥିକୁ ଦେଇ ଦିଆଗଲା । ତହିଁରୁ ଏହା ଜ୍ଞାତ ହୁଏ ଯେ, ହୁଜୁର ଅ.ସଙ୍କ ନିକଟରେ ଜଲସାରେ ଅତିଥିମାନଙ୍କର ସେବା କରିବାରୁ କେତେ ଗୁରୁତ୍ୱ ପ୍ରଦାନ କରାଯିବା ଉଚିତ୍ ? ଅର୍ଥାତ ଆପଣମାନେ ଦେଖନ୍ତୁ ଯେ, ଈଶ୍ୱରଙ୍କ ପ୍ରତିଶ୍ରୁତ ମସିହ୍ ମଧ୍ୟ ସେହି ଅତିଥିମାନଙ୍କୁ ନିଜ ଉପରେ ପ୍ରାଧାନ୍ୟ ଦେଇଛନ୍ତି।

ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ ଜଲସା ସାଲାନାରେ ଅଂଶଗ୍ରହଣ କରିଥିବା ଅତିଥିମାନଙ୍କ ନିମନ୍ତେ ଯେଉଁ ଦୁଆ **(ଅବଶିଷ୍ଟାଂଶ......ପୃ-09ରେ)**

## (ଖୁତ୍‌ବା ଜୁମା)

ତୁବୁକ୍ ଯୁଦ୍ଧରେ ପଛରେ ରହିଯାଇଥିବା ଲୋକମାନଙ୍କ ଉପରେ ଅଲ୍ଲାଃତାଲା ନିଜର ଭୟଙ୍କର ଅସନ୍ତୁଷ୍ଟିର ଭାବାବେଗ ବ୍ୟକ୍ତ କଲେ । ସେହି ଲୋକମାନଙ୍କୁ ଅଲ୍ଲାଃତାଲା ଫାସିକ୍ (ପାପୀ ଓ ଦୁରାଚାରୀ) ବୋଲି ବିବେଚିତ କରିଛନ୍ତି । ନବୀ କରୀମ୍ ସ.ଅଙ୍କୁ ସେମାନଙ୍କର ନମାଜ ଯନାଜାଃ ପାଠ କରିବା ଏବଂ କବର ଉପରେ ଦୁଆ କରିବାକୁ ବାରଣ କରିଦେଲେ ଏବଂ ଉକ୍ତ କଟକଣା ମଧ୍ୟ ଲଗାଇଦେଲେ ଯେ, ଆଗାମୀ ଦିନମାନଙ୍କରେ ଆପଣ ସ.ଅ ପାପୀ କପଟବିଶ୍ୱାସୀମାନଙ୍କର କୌଣସି ଆହ୍ୱାନରେ ଅଂଶ ଗ୍ରହଣ କରିବେ ନାହିଁ ଓ କୌଣସି ଯୁଦ୍ଧରେ ମଧ୍ୟ ସାମିଲ୍ ହେବେ ନାହିଁ ।

**ହ. କାଆବ୍ ବିନ୍ ମାଲିକ୍ ର.ଅ କୁହନ୍ତି ଯେ, ମୁଁ ଅଲ୍ଲାଃତାଲାଙ୍କର ଶପଥ କରି କହୁଛି ! ଉକ୍ତ ଘଟଣା ପରେ ଅଲ୍ଲାଃତାଲା ଇସଲାମ୍ ଧର୍ମ ଆଡ଼କୁ ମୋର ମାର୍ଗଦର୍ଶନ କରି ମୋତେ ସତ୍‌ମାର୍ଗ ପ୍ରଦାନ କଲେ ଏବଂ ଏହାଠୁ ବଳି ଅଲ୍ଲାଃତାଲା ମୋ ଉପରେ ଅନ୍ୟ କୌଣସି ପୁରସ୍କାର କରି ନାହାନ୍ତି । ମୁଁ ରସୁଲୁଲ୍ଲାଃ ସ.ଅଙ୍କ ସମ୍ମୁଖରେ ସବୁ ସତ ସତ କଥା ବର୍ଣ୍ଣନା କରିଦେଲି । ଭଲ ହେଲା ମୁଁ ଆପଣ ସ.ଅଙ୍କ ସମ୍ମୁଖରେ ମିଛ କଥା କହିଲି ନାହିଁ । ଅନ୍ୟଥା ଯେଉଁ ଲୋକମାନେ ମିଛ କଥା କହିଥିଲେ ଏବଂ ସେମାନଙ୍କର ବିନାଶ ଘଟିଥିଲା ଠିକ୍ ସେହିପରି ମୁଁ ଯିଦ ମିଛ କଥା କହିଥାଆନ୍ତି ତେବେ ମୁଁ ମଧ୍ୟ ସେମାନଙ୍କର ପରି ଧ୍ୱଂସ ହୋଇ ଯାଇଥାଆନ୍ତି ।**

ହ. କାଆବ୍ ର.ଅ କହୁଥିଲେ ଯେ, "ମୁଁ ଯେତେବେଳେ ରସୁଲ୍ କରୀମ୍ ସ.ଅଙ୍କୁ ଅସ୍ ସଲାମୁ ଅଲୈକୁମ୍ କହିଲି, ସେତେବେଳେ ରସୁଲୁଲ୍ଲାଃ ସ.ଅ ମୋତେ ୱା ଅଲୈକୁମୁସ୍ ସଲାମ୍ କହିଲେ, ଏବଂ ଆପଣ ସ.ଅଙ୍କ ପବିତ୍ର ମୁଖମଣ୍ଡଳରେ ଆନନ୍ଦ ପ୍ରକାଶିତ ହେଉଥିଲା । ଆଁହଜରତ୍ ସ.ଅ କହିଲେ, ହେ କାଆବ୍! ମୁଁ ତୁମକୁ ତୁମର ଦିନ ଶୁଭ ହେବା ନିମନ୍ତେ ଶୁଭ ସୂଚନା ପ୍ରଦାନ କରୁଛି । ତୁମର ଦିନ ମଙ୍ଗଳମୟ ହେଉ । ଅର୍ଥାତ୍ ତୁମ ମାତା ଯେବେ ଠାରୁ ତୁମକୁ ଜନ୍ମ ଦେଇଛନ୍ତି ସେହି ଦିନ ଅପେକ୍ଷା ଆଜିର ଦିନଟି ତୁମ ନିମନ୍ତେ ବେଶ ଶୁଭ ଓ ମଙ୍ଗଳ ମୁହୂର୍ତ୍ତ ସାବ୍ୟସ୍ତ ଓ ଅତିବାହିତ ହେଉ । ହ. କାଆବ୍ ର.ଅ କହୁଥିଲେ ଯେ, ମୁଁ ଆଁହଜରତ୍ ସ.ଅଙ୍କୁ ପଚାରିଲି ଯେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଉକ୍ତ ଶୁଭ ସୂଚନାଟି ଆପଣ ସ.ଅଙ୍କ ତରଫରୁ ଅଟେ ନା ଅଲ୍ଲାଃତାଲାଙ୍କ ତରଫରୁ ଅଟେ ? ଆପଣ ସ.ଅ କହିଲେ, ନା ଏହି ଶୁଭ ସୂଚନାଟି ମୋ ତରଫରୁ ନୁହେଁ ବରଂ ଅଲ୍ଲାଃତାଲାଙ୍କ ତରଫରୁ ଅଟେ । ରସୁଲୁଲ୍ଲାଃ ସ.ଅ ଯେତେବେଳେ ପ୍ରସନ୍ନ ହେଉଥିଲେ ସେତେବେଳେ ଆପଣ ସ.ଅଙ୍କ ଚେହେରା ଏପରି ଉଜ୍ଜ୍ୱଳ ହୋଇ ଯାଉଥିଲା ଯେପରିକି ତାହା ଏକ ଚନ୍ଦ୍ର ଅଟେ ଓ ଆମେମାନେ ଆପଣ ସ.ଅଙ୍କର ଉକ୍ତ ଖୁସିକୁ ସହଜରେ ଚିହ୍ନି ନେଉଥିଲୁ ।"

ତୁବୁକ୍ ଯୁଦ୍ଧରେ ଘଟିଥିବା ଘଟଣାବଳୀର ପୃଷ୍ଠଭୂମିରେ ଆଁହଜରତ୍ ସ.ଅଙ୍କ ପବିତ୍ର ଜୀବନୀ ଚର୍ଚ୍ଚା ।

ଶ୍ରୀଯୁକ୍ତ ସ୍ୱର୍ଗତ ହାଫିଜ୍ ମୁହମ୍ମଦ୍ ଇବ୍ରାହିମ୍ ଆବିଦ୍ ସାହେବ୍ ମୁବଲ୍ଲିଗ୍ ସିଲ୍‌ସିଲା, ଲାଇବେରିୟାରେ ମୁଅଲ୍ଲିମ୍ ସିଲ୍‌ସିଲା ଶ୍ରୀଯୁକ୍ତ ସ୍ୱର୍ଗତ ଅବୁ ବକ୍କର ଜର୍ଜ୍ ସାହେବ ଓ ଶ୍ରୀମତୀ ସମିନା ଭନ୍ନୋ ସାହେବାଙ୍କ ବିୟୋଗର ଉତ୍ତମ ଚର୍ଚ୍ଚା ଏବଂ ମତୃକ ମୃତକମାନଙ୍କର ନମାଜ୍ ଯନାଜାଃ ପାଠ ।

**28 November 2025 ମସିହା ଅନୁଯାୟୀ ୨୮ ନବୁଓ୍ୱତ୍ ୧୪୦୪ ହିଜ୍ରୀ ଶମ୍ସୀ, ସ୍ଥାନ-ମସ୍‌ଜିଦ୍ ମୁବାରକ୍ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ୍ (ସରେ) ୟୁ.କେ ।**

ଖୁତ୍‌ବାର ଉକ୍ତ ମଧ୍ୟବର୍ତ୍ତୀ ଟୀକା ବଦର୍‌ର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲ୍ ଲଣ୍ଡନ୍‌ର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତାର ସହିତ ପ୍ରକାଶିତ କରାଯାଉଛି ।

أَشْهَدُ أَنْ لَّا إِلٰهَ اِلَّا اللّٰهُ وَحْدَهٗ لَا شَرِيکَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَ رَسُوْلُهٗ۔
أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ۔ بِسْمِ اللّٰهِ الرَّحْمٰنِ الرَّحِيْمِ۔ اَلْحَمْدُلِلّٰهِ رَبِّ الْعَالَمِيْنَ۔ اَلرَّحْمٰنِ الرَّحِيْمِ ۔ مٰلِكِ يَوْمِ الدِّيْنِ ۔اِيَّا کَ نَعْبُدُ وَ اِيَّاکَ نَسْتَعِيْنُ۔ اِهْدِنَا الصِّرَاطَ الْمُسْتَقِيْمَ۔صِرَاطَ الَّذِيْنَ اَنْعَمْتَ عَلَيْهِمْ۔غَيْرِالْمَغْضُوْبِ عَلَيْهِمْ وَلَاالضَّآلِّيْنَ۔

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ କହିଲେ, ଯେପରିକି ମୁଁ ବିଗତ ପୂର୍ବ ଖୁତ୍‌ବାରେ ତୁବୁକ୍ ଯୁଦ୍ଧ ସଂପର୍କରେ ସଂକ୍ଷିପ୍ତ ଚର୍ଚ୍ଚା କରିଥିଲି କି ଏହାର ଅବିଶିଷ୍ଟାଂଶର ଚର୍ଚ୍ଚା ଆଜି ମଧ୍ୟ ମୁଁ ବର୍ଣ୍ଣନା କରିବି । ଯେପରିକି ମୁଁ ବିଗତ ଖୁତ୍‌ବାରେ ବର୍ଣ୍ଣନା କରିଥିଲି ଯେ, ତୁବୁକ୍ ଯୁଦ୍ଧକୁ ନଯିବା ପାଇଁ କେତେକ କପଟବିଶ୍ୱାସୀମାନେ ଅସ୍ୱୀକାର କରିଥିଲେ ଏବଂ ବାହାନା ମଧ୍ୟ କରିଥିଲେ । କିନ୍ତୁ ଆଁହଜରତ ସ.ଅଙ୍କ ମଦିନା ଆଗମନ ପରେ ମଧ୍ୟ କପଟବିଶ୍ୱାସୀମାନଙ୍କୁ ଆଁହଜରତ ସ.ଅଙ୍କ ସହିତ ନଯିବାର ଚର୍ଚ୍ଚା ବର୍ଣ୍ଣନାରେ ଉଲ୍ଲେଖ ଥିବାରେ ମିଳେ । କେବଳ ସେତିକି ନୁହେଁ ବରଂ ପବିତ୍ର କୁରଆନ୍ କରୀମ୍‌ରେ ମଧ୍ୟ ଏଥି ସଂକ୍ରାନ୍ତରେ ଚର୍ଚ୍ଚା ମଧ୍ୟ ହୋଇଛି । ଆଁହଜରତ ସ.ଅଙ୍କର ଏହି ସୁନ୍ନତ (ପରମ୍ପରା ଓ ଅଭ୍ୟାସ) ଥିଲା କି ଯେତେବେଳେ ଆପଣ ସ.ଅ ଯାତ୍ରା କରି ମଦିନାକୁ ଫେରୁଥିଲେ ସେତେବେଳେ ସର୍ବ ପ୍ରଥମେ ଆପଣ ସ.ଅ ମସ୍‌ଜିଦ୍ ଠାରେ ପହଞ୍ଚି ଦୁଇ ରକାତ୍ ନମାଜ ପାଠ କରୁଥିଲେ । ସୁତରାଂ ଆପଣ ସ.ଅ ତୁବୁକ୍ ଯୁଦ୍ଧରୁ ଯେତେବେଳେ ଫେରିଲେ ସେତେବେଳେ ମଦିନାରେ ଚାସ୍ତ ସମୟ ଥିଲା ଅର୍ଥାତ୍ ସକାଳେ ୫ଟା ଓ ୨ଟା ସମୟ ପାଖାପାଖି ମଦିନାରେ ପ୍ରବେଶ କଲେ । ଅତଏବ୍ ଆପଣ ସ.ଅ ସର୍ବ ପ୍ରଥମେ ଦୁଇ ରକାତ୍ ନମାଜ ପାଠ କଲେ। ଆପଣ ସ.ଅ ଯେତେବେଳେ ବି ମଦିନାକୁ ଆସୁଥିଲେ ସେତେବେଳେ ଆପଣ ସ.ଅ ଏହିପରି ଆଚରଣ ପ୍ରଦର୍ଶନ କରୁଥିଲେ । ଅର୍ଥାତ୍ ଦୁଇ ରକାତ୍ ନମାଜ ପାଠ କରୁଥିଲେ ।

ହୁଜୁର ଅନ୍‌ୱର ଅ.ବ କହିଲେ, ଯେପରିକି ମୁଁ ବର୍ତ୍ତମାନ ଉଲ୍ଲେଖ କଲି ଯେ, ନଓ୍ୱାଫିଲ୍ ନମାଜ ପାଠ କରିବା ସାରିବା ପରେ ଆପଣ ସ.ଅ ମସ୍‌ଜିଦରେ ହିଁ ବସିଲେ ଏବଂ ଲୋକମାନେ ଆପଣ ସ.ଅଙ୍କର ଦର୍ଶନ ଓ ସାକ୍ଷାତ୍ ନିମନ୍ତେ ଉପସ୍ଥିତ ହେବାକୁ ଲାଗିଲେ । ଏହିପରି ଭାବରେ ସେହି ଲୋକମାନେ ଯେଉଁମାନେ ଦୁର୍ବଳ ବିଶ୍ୱାସ ଯୋଗୁଁ ତୁବୁକ୍ ଯୁଦ୍ଧରେ ଯାଇ ନଥିଲେ ସେମାନେ ମଧ୍ୟ ଆଁହଜରତ ସ.ଅଙ୍କ ସଭାରେ ଉପସ୍ଥିତ ହେବାକୁ ଲାଗିଲେ । ବିଶେଷ କରି କପଟ ବିଶ୍ୱାସୀମାନେ ଯେଉଁମାନଙ୍କର ଆଶା ଧୂଳିସାତ୍ ହୋଇ ସାରିଥିଲା, ସେମାନେ ବର୍ତ୍ତମାନ ଅତିରିକ୍ତ ଅନୁତାପ ଏବଂ ଲଜ୍ଜାରୁ ବର୍ତ୍ତିବାକୁ ଯାଇ ରାଣ ଖାଇବାକୁ ଲାଗିଲେ ଏବଂ ବିଭିନ ଆଳ ଦର୍ଶାଇବାକୁ ଲାଗିଲେ । ଜୀବନୀ ଲେଖାଳୀମାନେ ଉଲ୍ଲେଖ କରିଛନ୍ତି ଯେ, ଏହି ଲୋକମାନଙ୍କର ସଂଖ୍ୟା ପ୍ରାୟ 80 ଥିଲା । କିନ୍ତୁ ଅନ୍ୟ କେତେକ ବର୍ଣ୍ଣନାନୁଯାୟୀ ସେହି ଲୋକମାନଙ୍କର ସଂଖ୍ୟା 80ରୁ ଉର୍ଦ୍ଧ୍ୱ ଥିଲା । ରସୁଲୁଲ୍ଲାଃ ସ.ଅ ସେମାନଙ୍କ ଠାରୁ ପ୍ରକାଶ୍ୟ କ୍ଷମା ସ୍ୱୀକାର କରିନେଲେ ଏବଂ ସେମାନଙ୍କ ଠାରୁ ବୈଅତ୍ ନେଲେ (ଦୀକ୍ଷା ଗ୍ରହଣ କଲେ) ଓ ସେମାନଙ୍କ ନିମନ୍ତେ ଅଲ୍ଲାଃତାଲାଙ୍କ ନିକଟରେ କ୍ଷମାଯାଚନା କରି ସେମାନଙ୍କର ଆଭ୍ୟନ୍ତର ଅବସ୍ଥାକୁ ଅଲ୍ଲାଃତାଲାଙ୍କୁ ହସ୍ତାନ୍ତର କରିଦେଲେ । **(ସହିହୁଲ୍ ବୁଖାରୀ କିତାବୁଲ୍ ମୁଗାଜି, ବାବ୍-ହଦିସୁ କାଆବ୍ ବିନ୍ ମାଲିକ୍ ର.ଅ, ହଦିସ୍ ନଂ-4418, ଅନୁବାଦକ, ଗ୍ରନ୍ଥଖଣ୍ଡ-9, ପୃ-308) (ମସ୍‌ନଦ୍ ଅହମଦ୍ ବିନ୍ ହମ୍ବଲ୍, ଗ୍ରନ୍ଥଖଣ୍ଡ-5, ପୃ-414, ମସ୍‌ନଦ୍ କାଆବ୍ ବିନ୍ ମାଲିକ୍, ହଦିସ୍ ନଂ-15865, ଆଲିମୁଲ୍ କୁତୁବ୍, ବୈରୁତ୍-1998 ମସିହା) (ଅଲ୍ ଲୁଉଲୁଉଲ୍ ମକ୍‌ନୁନ୍, ଜୀବନୀ ଶବ୍ଦକୋଷ, ଗ୍ରନ୍ଥଖଣ୍ଡ-9 ପୃ-561-562, ମକ୍‌ତବା ଦାରୁସ୍ ସଲାମ୍)**

କିନ୍ତୁ ସେହି କପଟବିଶ୍ୱାସୀମାନଙ୍କର ଏହି ଦୋଷ ଅକ୍ଷମଣୀୟ ଥିଲା । ତେଣୁ ଅଲ୍ଲାଃତାଲା ଏଥି ସଂକ୍ରାନ୍ତରେ ଅର୍ଥାତ୍ କପଟ ବିଶ୍ୱାସୀମାନଙ୍କ ସଂକ୍ରାନ୍ତରେ ନବୀ କରୀମ୍ ସ.ଅଙ୍କ ଉପରେ ଐଶୀବାଣୀ ଅବତୀର୍ଣ୍ଣ କରିଥିଲେ । ଅର୍ଥାତ୍ ଏହି କପଟବିଶ୍ୱାସୀମାନେ ଏପରି ଲୋକ ଅଟନ୍ତି ଯେ, ଈଶ୍ୱର ସେମାନଙ୍କ ଉପରେ ଆଉ ପ୍ରସନ୍ନ ହେଲେ ନାହିଁ । ସୁତରାଂ ସେହି କପଟବିଶ୍ୱାସୀ ଲୋକମାନଙ୍କ ସଂପର୍କରେ ପବିତ୍ର କୁରଆନ୍ କରୀମ୍‌ର ସୁରାଃ ତୌବାରେ ଅଲ୍ଲାଃତାଲା କୁହନ୍ତି: يَعْتَذِرُوْنَ اِلَيْكُمْ اِذَا رَجَعْتُمْ اِلَيْهِمْ ؕ قُلْ لَّا تَعْتَذِرُوْا لَنْ نُّؤْمِنَ لَكُمْ قَدْ نَبَّاَنَا اللّٰهُ مِنْ اَخْبَارِكُمْ ؕ وَسَيَرَى اللّٰهُ عَمَلَكُمْ وَرَسُوْلُهٗ ثُمَّ تُرَدُّوْنَ اِلٰى عٰلِمِ الْغَيْبِ وَالشَّهَادَةِ فَيُنَبِّئُكُمْ بِمَا كُنْتُمْ تَعْمَلُوْنَ ﴿۹۴﴾ سَيَحْلِفُوْنَ بِاللّٰهِ لَكُمْ اِذَا انْقَلَبْتُمْ اِلَيْهِمْ لِتُعْرِضُوْا عَنْهُمْ ؕ فَاَعْرِضُوْا عَنْهُمْ ؕ اِنَّهُمْ رِجْسٌ ؗ وَّمَاْوٰىهُمْ جَهَنَّمُ ۚ جَزَآءًۢ بِمَا كَانُوْا يَكْسِبُوْنَ ﴿۹۵﴾ يَحْلِفُوْنَ لَكُمْ لِتَرْضَوْا عَنْهُمْ ۚ فَاِنْ تَرْضَوْا عَنْهُمْ فَاِنَّ اللّٰهَ لَا يَرْضٰى عَنِ الْقَوْمِ الْفٰسِقِيْنَ ﴿۹۶﴾ (ଅତ୍ ତୌବା: 94- 96)

**ଅନୁବାଦ୍:** "ଅର୍ଥାତ୍ ଯେତେବେଳେ ତୁମେମାନେ ଯୁଦ୍ଧରୁ ସେମାନଙ୍କ ନିକଟକୁ ପ୍ରତ୍ୟାବର୍ତ୍ତନ କରୁଛ, ସେମାନେ ତୁମମାନଙ୍କ ନିକଟକୁ ଆସି ବିଭିନ୍ନ ପ୍ରକାରର ଛଳନା କରନ୍ତି । ତୁମ୍ଭେ କୁହ ! ତୁମମାନେ ଛଳନା କର ନାହିଁ । ଆମ୍ଭେ କଦାପି ତୁମମାନଙ୍କର ଛଳନାକୁ ବିଶ୍ୱାସ କରିବୁ ନାହିଁ । ତୁମମାନଙ୍କ ବିଷୟରେ ଅଲ୍ଲାଃ ଆମମାନଙ୍କୁ ଜଣାଇ ଦେଇଛନ୍ତି ଏବଂ ଅଲ୍ଲାଃ ଓ ତାହାଙ୍କର ବାର୍ତ୍ତାବହ ତୁମମାନଙ୍କ କାର୍ଯ୍ୟଗୁଡ଼ିକୁ ନିରୀକ୍ଷଣ କରୁଥିବେ ଏହାପରେ ତୁମମାନଙ୍କୁ ଦୃଷ୍ଟ ଓ ଅଦୃଷ୍ଟର ଜ୍ଞାତା ଅଲ୍ଲାଃତାଲାଙ୍କ ନିକଟକୁ

ଫେରାଇ ଦିଆଯିବ । ସୁତରାଂ ସେ ତୁମମାନଙ୍କ କାର୍ଯ୍ୟାବଳୀର ପ୍ରକୃତ ସ୍ୱରୂପ ସଂପର୍କରେ ତୁମମାନଙ୍କୁ ଅବଗତ କରାଇବେ । ଯେତେବେଳେ ତୁମେମାନେ ସେମାନଙ୍କ ନିକଟକୁ ଫେରି ଆସିବ ସେତେବେଳେ ସେମାନେ ତୁମମାନଙ୍କ ନିକଟରେ ଅଲ୍ଲାଃଙ୍କ ନାମରେ ଶପଥ କରିବେ ଯେପରିକି ତୁମେମାନେ ସେମାନଙ୍କ ଦୋଷ ଧରିବ ନାହିଁ । ସୁତରାଂ ଆମ୍ଭେ କହୁଛୁ ତୁମେମାନେ ସେମାନଙ୍କ ଦୋଷ ଧର ନାହିଁ । କାରଣ ସେମାନେ ବାସ୍ତବରେ କଳୁଷିତ ଓ ସେମାନେ ଯାହା କରିଛନ୍ତି ତାହାର ପ୍ରତିଫଳ ସ୍ୱରୂପ ସେମାନଙ୍କ ବାସସ୍ଥାନ ପ୍ରଥମରୁ ହିଁ ନର୍କ ନିର୍ଦ୍ଦିଷ୍ଟ ହୋଇଅଛି । ସେମାନେ ତୁମମାନଙ୍କ ନିକଟରେ ଏପରି ଶପଥ କରିବେ ଯେପରିକି ତୁମେମାନେ ସେମାନଙ୍କ ଉପରେ ସନ୍ତୁଷ୍ଟ ହେବ । ସୁତରାଂ ତୁମେମାନେ ସେମାନଙ୍କ ଉପରେ ସନ୍ତୁଷ୍ଟ ହେଲେ ମଧ୍ୟ ଅଲ୍ଲାଃତାଲା ଅମାନ୍ୟକାରୀ ବ୍ୟକ୍ତିମାନଙ୍କ ପ୍ରତି ସନ୍ତୁଷ୍ଟ ହେବେ ନାହିଁ ।"

ହୁଜୁର ଅନ୍ୱର୍ ଅ.ବ କହିଲେ, ତୁବୁକ୍ ଯୁଦ୍ଧରେ ପଛରେ ରହିଯାଇଥିବା ଲୋକମାନଙ୍କ ଉପରେ ଅଲ୍ଲାଃତାଲା ଅତ୍ୟନ୍ତ ଅସନ୍ତୋଷ ଭାବ ବ୍ୟକ୍ତ କରିଛନ୍ତି । ଯେପରିକି ତହିଁରୁ ଏହା ପ୍ରକାଶିତ ଯେ, ସେହି ଲୋକମାନଙ୍କୁ ଫାସିକ୍ (ପାପୀ ବା ଦୁରାଚାରୀ) ବୋଲି ଅଭିହିତ କରାଯାଇଛି । ନବୀ କରୀମ୍ ସ.ଅଙ୍କୁ ସେମାନଙ୍କର ନମାଜ୍ ଯନାଜାଃ ପାଠ କରିବା ଏବଂ ସେମାନଙ୍କ କବର ସମ୍ମୁଖରେ ଦୁଆ କରିବାକୁ ବାରଣ କରିଦେଲେ । ଅଲ୍ଲାଃତାଲା ଆପଣ ସ.ଅଙ୍କ ଉପରେ ଏହି କଟକଣା ମଧ୍ୟ ଲଗାଇଦେଲେ ଭବିଷ୍ୟତରେ ଏହି କପଟବିଶ୍ୱାସୀମାନେ କୌଣସି ଆହ୍ୱାନ ତଥା କୌଣସି ଯୁଦ୍ଧରେ ମଧ୍ୟ ଅଂଶଗ୍ରହଣ କରିବେ ନାହିଁ । ସୁତରାଂ ଅଲ୍ଲାତାଲା ଏଥି ସଂକ୍ରାନ୍ତରେ ପବିତ୍ର କୁରଆନ୍ କରୀମ୍‌ରେ କୁହନ୍ତି: فَرِحَ الْمُخَلَّفُوْنَ بِمَقْعَدِهِمْ خِلٰفَ رَسُوْلِ اللّٰهِ وَكَرِهُوْٓا اَنْ يُّجَاهِدُوْا بِاَمْوَالِهِمْ وَاَنْفُسِهِمْ فِيْ سَبِيْلِ اللّٰهِ وَقَالُوْا لَا تَنْفِرُوْا فِي الْحَرِّ ؕ قُلْ نَارُ جَهَنَّمَ اَشَدُّ حَرًّا ؕ لَوْ كَانُوْا يَفْقَهُوْنَ ﴿۸۱﴾ فَلْيَضْحَكُوْا قَلِيْلًا وَّلْيَبْكُوْا كَثِيْرًا ۚ جَزَآءًۢ بِمَا كَانُوْا يَكْسِبُوْنَ ﴿۸۲﴾ فَاِنْ رَّجَعَكَ اللّٰهُ اِلٰى طَآئِفَةٍ مِّنْهُمْ فَاسْتَاْذَنُوْكَ لِلْخُرُوْجِ فَقُلْ لَّنْ تَخْرُجُوْا مَعِيَ اَبَدًا وَّلَنْ تُقَاتِلُوْا مَعِيَ عَدُوًّا ؕ اِنَّكُمْ رَضِيْتُمْ بِالْقُعُوْدِ اَوَّلَ مَرَّةٍ فَاقْعُدُوْا مَعَ الْخٰلِفِيْنَ ﴿۸۳﴾ وَلَا تُصَلِّ عَلٰٓى اَحَدٍ مِّنْهُمْ مَّاتَ اَبَدًا وَّلَا تَقُمْ عَلٰى قَبْرِهٖ ؕ اِنَّهُمْ كَفَرُوْا بِاللّٰهِ وَرَسُوْلِهٖ وَمَاتُوْا وَهُمْ فٰسِقُوْنَ ﴿۸۴﴾ وَلَا تُعْجِبْكَ اَمْوَالُهُمْ وَاَوْلَادُهُمْ ؕ اِنَّمَا يُرِيْدُ اللّٰهُ اَنْ يُّعَذِّبَهُمْ بِهَا فِي الدُّنْيَا وَتَزْهَقَ اَنْفُسُهُمْ وَهُمْ كٰفِرُوْنَ ﴿۸۵﴾ (ଅତ୍ ତୌବା: 81-85)

**ଅନୁବାଦ୍:** "ଅର୍ଥାତ୍ ଯେଉଁ କପଟବିଶ୍ୱାସୀମାନେ ଜିହାଦ୍‌କୁ ନଯାଇ ପଛରେ ରହି ଯାଇଥିଲେ, ସେମାନେ ଅଲ୍ଲାଃଙ୍କ ରସୁଲଙ୍କର ବିରୁଦ୍ଧାଚରଣ କରି ସ୍ୱସ୍ଥାନରେ ବସି ରହିବାର ଆନନ୍ଦିତ ହେଉଛନ୍ତି ଏବଂ ସେମାନେ ନିଜ ଜୀବନ ଓ ନିଜ ଧନ ଦ୍ୱାରା ଜିହାଦ୍ କରିବାକୁ ଖରାପ୍ ବୋଲି ମନେ କରିଥିଲେ ଏବଂ ସେମାନେ ପରସ୍ପରକୁ କହୁଥିଲେ ଯେ, ଏପରି ପ୍ରଚଣ୍ଡ ଗ୍ରୀଷ୍ମ ଉତ୍ତାପ ସମୟରେ ଯୁଦ୍ଧ କରିବା ପାଇଁ ବାହାର ନାହିଁ । ତୁମ୍ଭେ ସେମାନଙ୍କୁ କୁହ, ନର୍କର ଅଗ୍ନି ଏହି ଉତ୍ତାପ ଅପେକ୍ଷା ଅଧିକ ତୀବ୍ରତର ଅଟେ । ଆହା ! ସେମାନେ ଉକ୍ତ କଥାକୁ ବୁଝି ନିଅନ୍ତେ କି ? ସୁତରାଂ ସେମାନେ ନିଜର ଏହି ପ୍ରତାରଣା ଯୋଗୁଁ ଅଳ୍ପ ହସିବା ଓ ନିଜ କର୍ମର ପ୍ରତିଫଳ ଯୋଗୁଁ ଅଧିକ କାନ୍ଦିବା ଉଚିତ୍ । ସୁତରାଂ ଯଦି ଏହା ପରେ ଅଲ୍ଲାଃ ତୁମ୍ଭଙ୍କୁ ସେମାନଙ୍କ ମଧ୍ୟରୁ ଗୋଟିଏ ଦଳ ନିକଟକୁ ଫେରାଇ ଆଣନ୍ତି ଏବଂ ସେମାନା ଆଗାମୀ କୌଣସି ଯୁଦ୍ଧକୁ ଯିବା ପାଇଁ ତୁମ୍ଭର ଅନୁମତି ପ୍ରାର୍ଥନା (ଲୋଡ଼ନ୍ତି) କରନ୍ତି ତେବେ ତୁମ୍ଭେ ସେମାନଙ୍କୁ କୁହ, ତୁମମାନଙ୍କୁ କଦାପି ଆମ୍ଭ ସହିତ ଭବିଷ୍ୟତରେ ଯୁଦ୍ଧକୁ ଯିବା ପାଇଁ ଅନୁମତି ଦିଆଯିବ ନାହିଁ ଏବଂ ତୁମ୍ଭେମାନେ କଦାପି ଆମ୍ଭ ସହିତ ମିଶି ଶତ୍ରୁ ବିପକ୍ଷରେ ଯୁଦ୍ଧ କରି ପାରିବ ନାହିଁ । କାରଣ ତୁମେମାନେ ପ୍ରଥମଥର ପଛରେ ବସି ରହିବାକୁ ପସନ୍ଦ କରିଥିଲ । ସୁତରାଂ ଭବିଷ୍ୟତରେ ମଧ୍ୟ ସର୍ବଦା ପଛରେ ବସି ରହିଥିବା ଲୋକମାନଙ୍କ ସହିତ ବସିଥାଅ । ଏବଂ ଯଦି ସେମାନଙ୍କ ମଧ୍ୟରୁ କେହି ମୃତ୍ୟୁବରଣ କରେ ତେବେ ତାହା ପାଇଁ ନମାଜ୍ ଯନାଜାଃ ପାଠ କର ନାହିଁ ଓ ତାହାର କବର ନିକଟରେ ପ୍ରାର୍ଥନା କରିବା ସକାଶେ ଦଣ୍ଡାୟମାନ (ଛିଡ଼ା) ହୁଅ ନାହିଁ । କାରଣ ସେମାନେ ଅଲ୍ଲାଃତାଲା ଓ ତାହାଙ୍କର ରସୁଲଙ୍କୁ ଅମାନ୍ୟ କରିଥିଲେ ଓ ଅମାନ୍ୟକାରୀ ଥିବା ଅବସ୍ଥାରେ ହିଁ ମୃତ୍ୟୁବରଣ କରିଛନ୍ତି ଏବଂ ସେମାନଙ୍କ ଧନ ସମ୍ପତ୍ତି ଓ ସନ୍ତାନ ସନ୍ତତି ତୁମକୁ ଆଶ୍ଚର୍ଯ୍ୟାନ୍ୱିତ ନକରୁ । ତଦ୍ଦ୍ୱାରା ଅଲ୍ଲାଃତାଲା ସେମାନଙ୍କୁ ଏହି ପୃଥିବୀରେ ହିଁ ଶାସ୍ତି ପ୍ରଦାନ କରିବାକୁ ଇଚ୍ଛା କରନ୍ତି ଏବଂ ସେମାନେ ଅବିଶ୍ୱାସ କରୁଥିବା ଅବସ୍ଥାରେ ସେମାନଙ୍କର ପ୍ରାଣବାୟୁ ଉଡ଼ିଯିବ ।"

ହୁଜୁର ଅନ୍ୱର୍ ଅ.ବ କହିଲେ, ଉପରୋକ୍ତ ଆୟତ୍ ହେଉଛି ସୁରାଃ ତୌବାର ଆୟତ୍ । ତୁବୁକ୍ ଯୁଦ୍ଧରୁ ପଛରେ ରହିଯାଇଥିବା ଲୋକମାନେ ଚାରି ପ୍ରକାର ଥିଲେ। ଯେଉଁ ସୌଭାଗ୍ୟଶାଳୀ ଲୋକମାନେ ରସୁଲ୍ କରୀମ୍ ସ.ଅଙ୍କ ଆଦେଶକ୍ରମେ କୌଣସି ଅନିର୍ବାର୍ଯ୍ୟ କର୍ତ୍ତବ୍ୟକୁ ସମ୍ପାଦନ କରିବାରୁ ପଛରେ ରହିଗଲେ ଯେପରିକି ହ. ଅଲୀ ର.ଅ ଇବ୍‌ନେ ଉମ୍ମେ ମକତୁମ୍ ଏବଂ ମୁହମ୍ମଦ୍ ବିନ୍ ମସ୍‌ଲମା ଇତ୍ୟାଦି ଲୋକମାନେ । ଏମାନେ ପ୍ରଥମ ପ୍ରକାରର ଲୋକ ଅଟନ୍ତି । ଦ୍ୱିତୀୟ ପ୍ରକାରର ଲୋକମାନେ ହେଉଛନ୍ତି ସେହିମାନେ ଯେଉଁମାନେ ତୁବୁକ୍ ଯୁଦ୍ଧକୁ ଯିବା ନିମନ୍ତେ ଅକ୍ଷମ, ଅସୁସ୍ଥ ଓ ଦୁର୍ବଳ ଥିଲେ । ଏମାନେ ଅଭାବ ଓ ଦରିଦ୍ର ଲୋକମାନେ ଥିଲେ । ଏମାନଙ୍କ ନିକଟରେ ବାହନର ସାମର୍ଥ୍ୟତା ନଥିଲା । ଏହି ଲୋକମାନଙ୍କ ସଂକ୍ରାନ୍ତରେ ଅଲ୍ଲାଃତାଲା କୁହନ୍ତି ଯେ, ଏହିମାନେ ସେହି ଲୋକମାନେ ଥିଲେ ଯେଉଁମାନେ ପ୍ରକୃତ ରୂପେ କ୍ଷମଣୀୟ ଓ ଦୋଷମୁକ୍ତ ଅଟନ୍ତି । ସେଇଥି ପାଇଁ ଅଲ୍ଲାଃତାଲା ଏମାନଙ୍କୁ କେବଳ କ୍ଷମା କରିଦେଇଥିଲେ ତାହା ନୁହେଁ ବରଂ ଯେପରିକି ପୂର୍ବେ ବର୍ଣ୍ଣିତ ହୋଇ ସାରିଛି ଯେ, ଆଁହଜରତ ସ.ଅ ସେମାନଙ୍କ ସଂପର୍କରେ କହିଲେ, ସେମାନେ ପ୍ରତ୍ୟେକ ସ୍ଥାନରେ ଆମମାନଙ୍କ ସହିତ ଥିଲେ । ଅର୍ଥାତ୍ ଅଲ୍ଲାଃତାଲା ସେମାନଙ୍କୁ ଆମମାନଙ୍କର ଉତ୍ତମ ପ୍ରତିଫଳରେ ମଧ୍ୟ ସାମିଲ୍ କରିଥିଲେ । **(ସହିହୁଲ୍ ବୁଖାରୀ କିତାବୁଲ୍ ମୁଗାଜି, ବାବ୍-ହଦିସୁ କାଆବ୍ ବିନ୍ ମାଲିକ୍ ର.ଅ, ହଦିସ୍ ନଂ-4423, ଅନୁବାଦକ, ଗ୍ରନ୍ଥଖଣ୍ଡ-9, ପୃ-320)**

ହୁଜୁର ଅନ୍ୱର୍ ଅ.ବ କହିଲେ, ତୃତୀୟ ପ୍ରକାରର କପଟ ବିଶ୍ୱାସୀମାନେ ହେଉଛନ୍ତି ସେହିମାନେ ଯେଉଁମାନଙ୍କର ଚରିତ୍ର ସଂପର୍କରେ ବ୍ୟଙ୍ଗ ବିଦ୍ରୂପ ତଥା ନିନ୍ଦା କରାଯାଇଛି ଓ ପବିତ୍ର କୁରଆନ୍ କରୀମ୍‌ରେ ଚିରକାଳ ପାଇଁ ସେମାନଙ୍କ ପ୍ରତି ରୁଷ୍ଟଭାବ ଏବଂ କଠୋର ଶାସ୍ତି ଏବଂ ଚେତାବନୀର ଆଦେଶ ଅବତୀର୍ଣ୍ଣ ହେଲା । ଚତୁର୍ଥ ପ୍ରକାରର ଲୋକମାନେ ସେହି ଲୋକମାନେ ଥିଲେ ଯେଉଁମାନେ କେବଳ ମଠାମୀ ଏବଂ ଆଳସ୍ୟତା ଯୋଗୁଁ ତୁବୁକ୍ ଯୁଦ୍ଧରେ ସାମିଲ୍ ହୋଇପାରି ନଥିଲେ ଏବଂ ସେମାନେ ପଛରେ ରହି ଯାଇଥିଲେ । ସେହି ଲୋକମାନଙ୍କ ମଧ୍ୟରେ ବିଶେଷ ରୂପେ ଯୋଗ୍ୟ ବ୍ୟକ୍ତିମାନେ ହେଉଛନ୍ତି ହ. କାଆବ ବିନ୍ ବିନ୍ ମାଲିକ୍ ର.ଅ, ହ. ମୁରାରାହ୍ ବିନ୍ ରବିଇ ର.ଅ ଓ ହ. ବିଲାଲ ବିନ୍ ଉମୈୟାହ୍ ର.ଅ । ଏହି ତିନିଜଣ ବ୍ୟକ୍ତିମାନଙ୍କ ସଂପର୍କରେ ପବିତ୍ର କୁରଆନ୍ କରୀମ୍‌ର ଉକ୍ତ ଆୟତ ଅବତୀର୍ଣ୍ଣ ହେଲା ଯେ, وَّعَلَى الثَّلٰثَةِ الَّذِيْنَ خُلِّفُوْا ؕ حَتّٰٓى اِذَا ضَاقَتْ عَلَيْهِمُ الْاَرْضُ بِمَا رَحُبَتْ وَضَاقَتْ عَلَيْهِمْ اَنْفُسُهُمْ وَظَنُّوْٓا اَنْ لَّا مَلْجَاَ مِنَ اللّٰهِ اِلَّآ اِلَيْهِ ؕ ثُمَّ تَابَ عَلَيْهِمْ لِيَتُوْبُوْا ؕ اِنَّ اللّٰهَ هُوَ التَّوَّابُ الرَّحِيْمُ ﴿۱۱۸﴾ (ଅତ୍ ତୌବା: 118)

ଅନୁବାଦ: ଏବଂ ସେହିପରି ଉକ୍ତ ତିନିଜଣଙ୍କ ପ୍ରତି ମଧ୍ୟ ସେ କୃପା କରିଥିଲେ ଯେଉଁମାନେ ପଛରେ ରହି ଯାଇଥିଲେ । ଏପରିକି ଯେତେବେଳେ ପୃଥିବୀ ପ୍ରଶସ୍ତ ଥାଇ ମଧ୍ୟ ସେମାନଙ୍କ ପାଇଁ ସଂକୀର୍ଣ୍ଣ ହୋଇ ଯାଇଥିଲା ଏବଂ ସେମାନଙ୍କ ନିଜ ଜୀବନ ମଧ୍ୟ ସେମାନଙ୍କ ପାଇଁ ଭାରାକ୍ରାନ୍ତ ହୋଇଥିଲା ଏବଂ ସେମାନଙ୍କୁ ଏହା ହୃଦ୍‌ବୋଧ ହୋଇଥିଲା ଯେ, ଅଲ୍ଲାଃଙ୍କ କୋପରୁ ରକ୍ଷା ପାଇବା ସକାଶେ ତାହାଙ୍କ ବିନା ଅନ୍ୟ କୌଣସି ଆଶ୍ରୟ ନାହିଁ । ତା' ପରେ ଅଲ୍ଲାଃ ସେମାନଙ୍କ ଅବସ୍ଥା ଲକ୍ଷ୍ୟ କରି ସେମାନଙ୍କ ପ୍ରତି କୃପା ଅବତୀର୍ଣ୍ଣ କରିଥିଲେ । ଯପରିକି ସେମାନେ ମଧ୍ୟ ଅନୁତାପ କରିବେ । ବାସ୍ତବରେ ଅଲ୍ଲାଃତାଲା ବାରମ୍ବାର ଅନୁତାପ ଗ୍ରହଣ କରନ୍ତି ଓ ବାରମ୍ବାର କରୁଣା କରନ୍ତି ।

ହୁଜୁର ଅନ୍ୱର୍ ଅ.ବ କହିଲେ, الثَّلٰثَةِ الَّذِيْنَ خُلِّفُوْا ଅର୍ଥାତ୍ ସେହି ତିନିଜଣ ବ୍ୟକ୍ତିମାନେ ଯେଉଁମାନେ ପଛରେ ରହିଯାଇଥିଲେ ସେମାନଙ୍କ ସଂପର୍କିତ ଘଟଣାବଳୀ ଏହିପରି ବର୍ଣ୍ଣିତ ହୋଇଛି । ବୁଖାରୀର ଏକ ବର୍ଣ୍ଣନା ରହିଛି । ଯହିଁରେ ହ. କାଆବ୍ ବିନ୍ ମାଲିକ୍ ର.ଅ ସ୍ୱୟଂ ସମସ୍ତ ବୃତ୍ତାନ୍ତ ବର୍ଣ୍ଣନା କରିଛନ୍ତି । ସୁତରାଂ ସେ ବର୍ଣ୍ଣନା କରନ୍ତି ଯେ, ମୁଁ ରସୁଲୁଲ୍ଲାଃ ସ.ଅଙ୍କ ସହିତ କୌଣସି ଯୁଦ୍ଧରେ ମଧ୍ୟ ପଛରେ ରହିଯାଇ ନଥିଲି । ଅର୍ଥାତ୍ ଆଁହଜରତ ସ.ଅ ଯେତେସବୁ ଯୁଦ୍ଧ ଲଢ଼ିଥିଲେ ସେହି ସମସ୍ତ ଯୁଦ୍ଧରେ ସାମିଲ୍ ଥିଲି । କିନ୍ତୁ ମୁଁ ତୁବୁକ୍ ଯୁଦ୍ଧରେ ସାମିଲ୍ ନଥିଲି । ହଁ ଅବଶ୍ୟ ମୁଁ ବଦର୍ ଯୁଦ୍ଧରେ ପଛରେ ରହିଯାଇଥିଲି ଏବଂ ଯେଉଁମାନେ ଯୁଦ୍ଧରେ ପଛରେ ରହିଯାଇଥିଲେ ସେହି ଲୋକମାନଙ୍କ ଉପରେ ଆପଣ ସ.ଅ କଦାପି ବିକ୍ଷୁବ୍ଧଭାବ ବ୍ୟକ୍ତ କରି ନଥିଲେ । ରସୁଲୁଲ୍ଲାଃ ସ.ଅ କେବଳ କୁରେଶ୍‌ମାନଙ୍କର ଯାତ୍ରୀ ସମୂହକୁ ଅଟକାଇବା ଉଦ୍ଦେଶ୍ୟରେ ବାହାରିଥିଲେ । କିନ୍ତୁ ପରିଣାମ ଏହା ହେଲା ଯେ, ଅଲ୍ଲାଃତାଲା ବିନା କୌଣସି ଯୁଦ୍ଧରେ ଶତ୍ରୁକୁ ମୁସଲମାନ ସୈନ୍ୟବାହିନୀ ସହିତ ମୁହାଁମୁହିଁ କରାଇଦେଲେ । ମୁଁ ରସୁଲୁଲ୍ଲାଃ ସ.ଅଙ୍କ ସହିତ ଅକ୍‌ବା ରାତ୍ରରେ ଉପସ୍ଥିତ ଥିଲି । ଆମେମାନେ ଯେତେବେଳେ ଇସ୍‌ଲାମ୍ ଧର୍ମ ଉପରେ ଅବିଚଳ ରହିବାର ଦୃଢ଼ ପ୍ରତିଜ୍ଞା କରିଥିଲୁ ଏବଂ ମୁଁ ଏହା ଚାହୁଁ ନଥିଲି ଯେ, ସେହି ରାତ୍ର ବଦଳରେ ମୋତେ ବଦର୍‌ରେ ସାମିଲ୍ ହେବା ନିମନ୍ତେ ସାମର୍ଥ୍ୟ ପ୍ରାପ୍ତ ହେଉ । ଯଦଓ ସେମାନେ ଏହା ମନେ କରୁଥିଲେ ଯେ, ଅକ୍‌ବା ଯୁଦ୍ଧରେ


**ଅଲ୍ଲାଃତାଲାଙ୍କ ବାଣୀ**

"ଓମା ଅର୍‌ସଲନାକା ଇଲ୍ଲା ରହ୍‌ମତନ୍ ଲିଲ୍ ଆଲମିନ୍ ।"
(ଅଲ୍ ହଜ୍:31)

ଅର୍ଥାତ ହେ ମୁହମ୍ମଦ ସ.ଅ ଆମ୍ଭେ ତୁମକୁ ସମଗ୍ର ସଂସାରବାସୀଙ୍କ ନିମନ୍ତେ କେବଳ କରୁଣା ରୂପେ ଗଢ଼ି ପ୍ରେରଣ କରିଛୁ ।

ତାଲିବେ ଦୁଆ: Sarafat Ali Khan, S/o- Manwar Ali Khan , Jamat Ahmadiya Karadapalli (Odisha)



**ଅଲ୍ଲାଃତାଲାଙ୍କ ବାଣୀ**

"ଲନ୍ ତନାଲୁଲ୍ ବିର୍‌ରା ହତ୍ତା ତୁନ୍‌ଫିକୁ ମିମ୍ମା ତୁହିବ୍‌ବୁନ୍ ।"
(ଆଲେ ଇମ୍ରାନ୍ :93)

ଅର୍ଥାତ ଯେପର୍ଯ୍ୟନ୍ତ ତୁମେମାନେ ଅଲ୍ଲାଃତାଲାଙ୍କ ଉଦ୍ଦେଶ୍ୟରେ ନିଜର ପ୍ରିୟ ଧନକୁ ବ୍ୟୟ କରିଦେଇ ନାହଁ ସେପର୍ଯ୍ୟନ୍ତ ତୁମେମାନେ ସଂପୂର୍ଣ୍ଣ ପୁଣ୍ୟ ଲାଭ କରିପାରିବ ନାହିଁ ।

ତାଲିବେ ଦୁଆ: Sheikh Ghulam Ahmad & Family, Jamat Ahmadiya Kerang, Darul Barkat (Odisha)

ଯେଉଁ ଅଙ୍ଗୀକାର ରହିଛି, ଯେଉଁ ବୈଅତ୍ ରହିଥିଲା ତାହା ଏହା ଠାରୁ ବିରାଟ ବୈଅତ୍ ଥିଲା । ଯଦିଓ ବଦର୍‌ର ଲୋକମାନଙ୍କ ମଧ୍ୟରେ ଏହାଠୁ ଅଧିକ ପ୍ରସିଦ୍ଧ ଅଛି ଏବଂ ମୋର ଅବସ୍ଥା ଏହା ଥିଲା ଯେ, ମୁଁ ସେତେବେଳେ ଏତେ ହୃଷ୍ଟ ପୃଷ୍ଟ, ବଳିଷ୍ଠ ଏବଂ ସୁଖୀ ନଥିଲି । ହୁଜୁର ଅନୱର୍ ଅ.ବ କହିଲେ, ବର୍ତ୍ତମାନ ହ. କାଆବ୍ ବିନ୍ ମାଲିକ୍ ର.ଅ ତୁବୁକ୍ ଯୁଦ୍ଧର ଚର୍ଚ୍ଚା କରୁଛନ୍ତି । ଅତଏବ୍ କାଆବ୍ ବିନ୍ ବିନ୍ ମାଲିକ୍ ର.ଅ କୁହନ୍ତି: "ମୁଁ ବର୍ତ୍ତମାନ ଯେତେ ସୁଖୀ ଅଛି ଓ ମୋର ବର୍ତ୍ତମାନ ଯେଉଁ ଅବସ୍ଥା ରହିଛି କିନ୍ତୁ ସେତେବେଳେ ମୋର ଏହି ଅବସ୍ଥା ନଥିଲା । ତେଣୁ ମୁଁ ଯୁଦ୍ଧରେ ପଛରେ ରହି ଯାଇଥିଲି । ମୁଁ ଅଲ୍ଲାଃତାଲାଙ୍କର ଶପଥ କରି କହୁଛି ଯେ, ଏହା ପୂର୍ବରୁ କେବି ବି ମୋ ପାଖରେ ଓଟମାନେ ଏକତ୍ରିତ ହୋଇ ନଥିଲେ ଏବଂ ସେହି ଯୁଦ୍ଧ ସମୟରେ ମୁଁ ଦୁଇଟି ଓଟ ଏକତ୍ରିତ କରି ନେଇଥିଲି । ତତ୍ପରେ ରସୁଲ୍ କରୀମ୍ ସ.ଅ ଯେଉଁ ଯୁଦ୍ଧର ଇଚ୍ଛା ପ୍ରକାଶ କରୁଥିଲେ ସେହି ଯୁଦ୍ଧରେ ମୁଁ ହାଜର ହୋଇଯାଉଥିଲି ।"

ହୁଜୁର ଅନ୍‌ୱର୍ ଅ.ବ କହିଲେ, ହ. କାଆବ୍ ର.ଅ ପୁନଶ୍ଚ ଆଗକୁ ସବିଶେଷ ବିବରଣୀ ପ୍ରଦାନ କରି ବର୍ଣ୍ଣନା କରନ୍ତି ଯେ, ଆଁହଜରତ୍ ସ.ଅ ଯେତେବେଳେ କୌଣସି ସ୍ଥାନକୁ ଯିବା ନିମନ୍ତେ ଇଚ୍ଛା ପ୍ରକାଶ କରୁଥିଲେ ସେତେବେଳେ ଆପଣ ସ.ଅ ଉକ୍ତ କଥାକୁ ଗୁପ୍ତ ରଖୁଥିଲେ ଓ ଗୋଟିଏ ଦିଗକୁ ଯିବା କଥା କହି ଅନ୍ୟ ଦିଗକୁ ଆପଣ ସ.ଅ ବାହାରି ପଡୁଥିଲେ । ସାଧାରଣତଃ ଆଁହଜରତ ସ.ଅଙ୍କ କାଳରେ ଏହା ଆଁହଜରତ ସ.ଅଙ୍କର ଯାତ୍ରା ନୀତି ଥିଲା । କିନ୍ତୁ ଯେତେବେଳେ ଉକ୍ତ ଯୁଦ୍ଧ ଅର୍ଥାତ୍ ତୁବୁକ୍ ଯୁଦ୍ଧ ହେଲା ସେତେବେଳେ ନବୀ କରୀମ୍ ସ.ଅ ଉକ୍ତ ଯୁଦ୍ଧରେ ଭୀଷଣ ଉତ୍ତାପ ତଥା ଗ୍ରୀଷ୍ମ ସମୟରେ ବାହାରିଲେ ଏବଂ ଆପଣ ସ.ଅଙ୍କ ସମ୍ମୁଖରେ ଦୂରବର୍ତ୍ତୀ ଯାତ୍ରା ଏବଂ ନିର୍ଜନ ଭୂମି ତଥା ଶତ୍ରୁ ଥିଲେ । ଏମାନଙ୍କର ସଂଖ୍ୟା ବେଶ୍ ଅଧିକ ଥିଲା । ଆପଣ ସ.ଅ ଉକ୍ତ ପ୍ରସଙ୍ଗ ମୁସଲମାନମାନଙ୍କ ସମ୍ମୁଖରେ ଖୋଲି ବର୍ଣ୍ଣନା କରିଦେଲେ । ଏଠାରେ ଆପଣ ସ.ଅ ତୁବୁକ୍ ଯୁଦ୍ଧର କଥା ଲୁଚାଇଲେ ନାହିଁ ବରଂ ସାହାବାମାନଙ୍କ ସମ୍ମୁଖରେ ସମସ୍ତ ବୃତ୍ତାନ୍ତ ବର୍ଣ୍ଣନା କରିଦେଲେ ଯେ, ହେ ସାହାବାମାନେ ! ଆମେମାନେ ଉକ୍ତ ଯୁଦ୍ଧ ଲଢିବା ପାଇଁ ଯାଉଛୁ । ତେଣୁ ତୁମେମାନ ଉକ୍ତ ଯୁଦ୍ଧ ନିମନ୍ତେ ଯେଉଁ ପ୍ରସ୍ତୁତି ରହିଛି ତାହା ପାଇଁ ପ୍ରସ୍ତୁତ ହୋଇଯାଅ । ଆଁହଜରତ ସ.ଅ ସାହାବାମାନଙ୍କୁ ପ୍ରସ୍ତୁତ ହେବା ନିମନ୍ତେ କହିଲେ । ଆଁହଜରତ୍ ସ.ଅ ଯେଉଁ ଦିଗକୁ ଯିବେ ସେହି ଦିଗ ସଂପର୍କରେ ଆପଣ ସ.ଅ ନିଜର ସାହାବାମାନଙ୍କୁ ଅବଗତ କରିଦେଲେ । ମୁସଲମାନମାନେ ଆଁହଜରତ ସ.ଅଙ୍କ ସହିତ ବିପୁଳ ସଂଖ୍ୟାରେ ଥିଲେ । ମୁସଲମାନମାନଙ୍କର ସଂଖ୍ୟାକୁ ସଂରକ୍ଷିତ ଓ ଲିପିବଦ୍ଧ କରିବା ନିମନ୍ତେ ଏପରି କୌଣସି ପୁସ୍ତକ ନଥିଲା ଯେ, ଉକ୍ତ ସଂଖ୍ୟାକୁ ଲିପିବଦ୍ଧ କରିନେବ । ଅତଏବ୍ ତହିଁରୁ ହ. କାଆବ୍ ର.ଅଙ୍କ ଯଥାର୍ଥ ରେଜିଷ୍ଟର ଥିଲା। ଅର୍ଥାତ୍ କୌଣସି ରେଜିଷ୍ଟର ଖାତା ସେତେବେଳେ ନଥିଲା ଯେ, କିଏ ଆଁହଜରତ ସ.ଅଙ୍କ ସହିତ ଯାଇଥିଲା ଓ କିଏ ଯାଇ ନଥିଲା ?

ହ. କାଆବ୍ ର.ଅ କହୁଥିଲେ ଯେ, ଏପରି କୌଣସି ବ୍ୟକ୍ତି ନଥିଲା ଯିଏ ଅନୁପସ୍ଥିତ ରହିବାକୁ ଚାହୁଁଥିଲା । କିନ୍ତୁ ସେ ଏହା ଭାବୁଥିଲା ଯେ, ତା'ର ଅନୁପସ୍ଥିତ ରହିବା ଆପଣ ସ.ଅଙ୍କ ଠାରୁ ଗୁପ୍ତ ବା ଲୁଚି ରହିବ । ଅର୍ଥାତ୍ ପବିତ୍ର କୁରଆନ୍ କରୀମ୍ ବ୍ୟତୀତ ଅନ୍ୟ କୌଣସି ଠାରେ ଯୁଦ୍ଧକୁ ନଯିବା ପାଇଁ ବ୍ୟକ୍ତି ସଂପର୍କରେ ଉଲ୍ଲେଖ ମିଳୁଥିଲା । କେବଳ ପବିତ୍ର କୁରଆନ୍ କରୀମ୍‌ରେ ହିଁ ଯୁଦ୍ଧକୁ ଯାଇ ନଥିବା ବ୍ୟକ୍ତିମାନଙ୍କ ସଂପର୍କରେ ସାମୂହିକ ଉଲ୍ଲେଖ ରହିଛି । କୌଣସି ବ୍ୟକ୍ତି ଏହା ଭାବି ପାରୁ ନଥିଲା ଯେ, ସେ ଯୁଦ୍ଧକୁ ନଯିବା ଦ୍ୱାରା ତା' କଥା ଆଁହଜରତ ସ.ଅଙ୍କ ଠାରୁ ଲୁଚିଯିବ । ଅତଏବ୍ ଯେପର୍ଯ୍ୟନ୍ତ ଅଲ୍ଲାଃତାଲାଙ୍କ ଐଶୀବାଣୀ ଅବତୀର୍ଣ୍ଣ ହୋଇଯାଉ ନଥିଲା ସେପର୍ଯ୍ୟନ୍ତ ତା'ର ଯୁଦ୍ଧକୁ ନଯିବା ପ୍ରସଙ୍ଗ ଲୁକ୍କାୟିତ ହୋଇ ରହୁଥିଲା । କିନ୍ତୁ ଯେତେବେଳେ ପବିତ୍ର କୁରଆନ୍‌ରେ ଯୁଦ୍ଧକୁ ନିଯିବା ବ୍ୟକ୍ତି ସଂପର୍କରେ ଐଶୀବାଣୀ ଅବତୀର୍ଣ୍ଣ ହୋଇଯାଉଥିଲା ସେତେବେଳେ ତା'ର ଯୁଦ୍ଧକୁ ନଯିବା କଥା ଆଉ ଲୁଚି ରହୁ ନଥିଲା ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ହ. କାଆବ୍ ବିନ୍ ମନାଲିକ୍ ର.ଅ କୁହନ୍ତି: "ରସୁଲ୍ କରୀମ୍ ସ.ଅ ଉକ୍ତ ଯୁଦ୍ଧ ସେତେବେଳେ କଲେ ଯେତେବେଳେ ଫଳ ପାଚି ସାରିଥିଲା। ରସୁଲ୍ କରୀମ୍ ସ.ଅ ଯାତ୍ରା ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିଦେଲେ । ଆପଣ ସ.ଅଙ୍କ ସହିତ ମୁସଲମାନମାନେ ମଧ୍ୟ ଥିଲେ । ମୁଁ ସକାଳେ ଆଁହଜରତ ସ.ଅଙ୍କ ପାଖକୁ ଏଇଥି ପାଇଁ ଯାଉଥିଲି ଯେ, ମୁଁ ଦେଖିବି ଯେ, ଆପଣ ସ.ଅ କିପରି ପାଥେୟ ପ୍ରସ୍ତୁତ କରୁଛନ୍ତି ? ମୁଁ ବି ଆପଣ ସ.ଅଙ୍କ ପରି ଯାତ୍ରା ନିମନ୍ତେ ପାଥେୟ ପ୍ରସ୍ତୁତ କରି ପାରିବି। ମୁଁ ଯାତ୍ରାକୁ ଯିବା ନିମନ୍ତେ ଦୃଢ ସଂକଳ୍ପ କରି ସାରିଥିଲି । କିନ୍ତୁ ମୁଁ ଯେତେବେଳେ ନିଜ ଘରକୁ ଫେରୁଥିଲି ସେତେବେଳେ ମୁଁ କିଛି ବି ପାଥେୟ (ଜିନିଷ ପତ୍ର) ପ୍ରସ୍ତୁତ କରୁ ନଥିଲି । ଅର୍ଥାତ୍ ହ. କାଆବ୍ ବିନ୍ ମାଲିକ୍ ର.ଅ ଆଳସ୍ୟତା ଅବଲମ୍ବନ କରୁଥିଲେ। ହ. କାଆବ୍ ବିନ୍ ମାଲିକ୍ ର.ଅ କୁହନ୍ତି ଯେ, ମୁଁ ନିଜ ମନରେ କହୁଥିଲି ଯେ, ମୁଁ ବି ଆଁହଜରତ ସ.ଅଙ୍କ ପରି ପ୍ରସ୍ତୁତ ହୋଇ ପାରିବି । ତେଣୁ ମୁଁ କାଲି ନିଜର ଜିନିଷ ପତ୍ର ତଥା ପାଥେୟ ପ୍ରସ୍ତୁତ କରିନେବି । ଉକ୍ତ ଚିନ୍ତାଧାରାକୁ ଆୟୁଦ୍ଧ କରି ମୁଁ ଟାଳଟୁଳ କରିବାକୁ ଲାଗିଲା । ଅର୍ଥାତ୍ ଆଜି କରିଦେବି, କାଲି କରିଦେବି । ଏପର୍ଯ୍ୟନ୍ତକି ସେହି ସମୟଟି ଆସିଗଲା ଯେତେବେଳେ ଲୋକମାନେ ଯାତ୍ରାକୁ ଶୀଘ୍ର ସୀଘ୍ର ବାହାରି ପଡ଼ିଲେ ଏବଂ ରସୁଲୁଲ୍ଲାଃ ସ.ଅ ଦିନେ ସକାଳ ସମୟରେ ବାହାରି ପଡ଼ିଲେ । ମୁସଲମାନମାନେ ମଧ୍ୟ ଆପଣ ସ.ଅଙ୍କ ସହିତ ବାହାରିଲେ ଏବଂ ମୁଁ ନିଜର ଯାତ୍ରା ନିମନ୍ତେ କିଛି ବି ଜିନିଷ ପତ୍ର ବା ପାଥେୟ ପ୍ରସ୍ତୁତ କରି ନଥିଲି କି କୌଣସି କାମ ମଧ୍ୟ କରି ନଥିଲି । ମୁଁ ଭାବିଲି ଯେ, ମୁଁ ଆପଣ ସ.ଅଙ୍କ ଯିବାର ଗୋଟିଏ ଦୁଇ ଦିନ ପରେ ପ୍ରସ୍ତୁତ କରିନେବି ଓ ଆଁହଜରତ୍ ସ.ଅଙ୍କ ସହିତ ଯାଇ ମିଶିଯିବି । ମୁସଲମାନ ଓ ଆଁହଜରତ ସ.ଅଙ୍କ ଯିବା ପରେ ମୁଁ ପରବର୍ତ୍ତୀ ଦିନ ସକାଳେ ବାହାରକୁ ଗଲି ଯେ, ମୁଁ ନିଜର ପାଥେୟ ପ୍ରସ୍ତୁତ କରିନେବି । କିନ୍ତୁ ମୁଁ ପୁଣି ଫେରି ଆସିଲି ଏବଂ ଯାତ୍ରା ପାଇଁ କିଛି ବି ଜିନିଷ ପତ୍ର ପ୍ରସ୍ତୁତ କଲି ନାହିଁ । ପୁଣି ମୁଁ ତା' ଆର ଦିନ ବାହାରକୁ ବାହାରିଲି ଓ ପୁଣି ଫେରି ଆସିଲି । କିଛି ବି ଜିନିଷ ପତ୍ର ପ୍ରସ୍ତୁତ କଲି ନାହିଁ । ମୋର ଏହି ଅବସ୍ଥା କ୍ରମାଗତ ଭାବରେ ଜାରି ରହିଲା । ଏପର୍ଯ୍ୟନ୍ତକି ସୈନ୍ୟବାହିନୀ ଦ୍ରୁତ ଗତିରେ ଯାତ୍ରା କରି ବହୁତ ଆଗକୁ ବାହାରିଗଲା । ମୁଁ ମଧ୍ୟ ଏହା ଚାହିଁଲି ଯେ, ମୁଁ ବି ପ୍ରସ୍ଥାନ କରିବି ଏବଂ ସେମାନଙ୍କ ସହିତ ମିଶିଯିବି । ଏପରି ହୁଅନ୍ତା କି ମୁଁ ଏହିପରି କରି ଥାଆନ୍ତି ? କିନ୍ତୁ ମୋ ଦ୍ୱାରା ଏପରି କୃତ୍ୟ ଅର୍ଥାତ୍ ଯାତ୍ରା ନିମନ୍ତେ ପାଥେୟ ପ୍ରସ୍ତୁତ କରିବା ସମ୍ଭବପର ହେଲା ନାହିଁ । ରସୁଲୁଲ୍ଲାଃ ସ.ଅଙ୍କ ଯିବା ପରେ ମୁଁ ଯେତେବେଳେ ବି ସେମାନଙ୍କ ପର୍ଯ୍ୟନ୍ତ ପହଞ୍ଚିବା ନିମନ୍ତେ ବାହାରିବାକୁ ଉଦ୍ୟମ କରୁଥିଲି ଏବଂ ସେମାନଙ୍କ ମଧ୍ୟରେ ଯେତେବେଳେ ପଇଁତରା ମାରୁଥିଲି ସେତେବେଳେ ମୋତେ ଉକ୍ତ କଥା ଅତ୍ୟନ୍ତ ଦୁଃଖିତ ଓ ମର୍ମାହତ କରିଦେଉଥିଲା କି ମୁଁ ଏପରି ବ୍ୟକ୍ତିମାନଙ୍କୁ ଦେଖୁଥିଲି ଯେଉଁମାନଙ୍କ ଉପରେ ଶତ୍ରୁତା ଓ କପଟତାର ଦୋଷ ଆରୋପିତ କରାଯାଉଥିଲା କିମ୍ବା ଦୁର୍ବଳ ଲୋକମାନଙ୍କ ମଧ୍ୟରୁ ଏପରି ବ୍ୟକ୍ତି ଯାହାକୁ ଅଲ୍ଲାଃତାଲା ନିର୍ଦ୍ଦୋଷ ତଥା କ୍ଷମ୍ୟ ବୋଲି ବିବେଚନା କରିଥିଲେ । ଅତଏବ୍ ଯେତେବେଳେ ରସୁଲୁଲ୍ଲାଃ ସ.ଅ ତୁବୁକ୍ ଠାରେ ପହଞ୍ଚିଲେ ସେତେବେଳେ ଆପଣ ସ.ଅ ମୋତେ ସ୍ମରଣ କଲେ (ମନେ ପକାଇଲେ) । ଆଁହଜରତ୍ ସ.ଅ ସେତେବେଳେ ଲୋକମାନଙ୍କ ସହିତ ତୁବୁକ୍ ଠାରେ ବସିଥିଲେ କି ଆପଣ ସ.ଅ କହିଲେ, ହେ ସାହାବାମାନେ ! କାଆବ୍ କେଉଁଠି ଅଛନ୍ତି ? ପ୍ରତ୍ୟୁତ୍ତରରେ ବନୁ ସଲ୍‌ମା ସଂପ୍ରଦାୟରୁ ଜନୈକ (ଜଣେ) ବ୍ୟକ୍ତି କହିଲା, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! କାଆବକୁ ଦୁଇ ଉତ୍ତରୀୟ (ଚଦର) ଏବଂ ତା'ର ବାମ ଓ ଦକ୍ଷିଣ ପାର୍ଶ୍ୱକୁ ଦେଖିବାରୁ ଅଟକେଇ ରଖିଛି । ଅର୍ଥାତ୍ ବୋଧେ ଗର୍ବ ଓ ଅହଂକାର ଯୋଗୁଁ ସେ ଆସି ନାହାନ୍ତି । ହ. ମୁଆଜ୍ ବିନ୍ ଜବଲ୍ ର.ଅ ସେହି ସାହାବିଙ୍କ ଉକ୍ତ କଥାକୁ ଶୁଣି କହିଲେ, ମହୋଦୟ ଆପଣ କାଆବ୍‌ଙ୍କ ସଂପର୍କରେ ଯେଉଁ ମନ୍ତବ୍ୟ ଦେଉଛନ୍ତି ତାହା ଅତ୍ୟନ୍ତ ଖରାପ୍ ଅଟେ । ମୁଁ ଅଲ୍ଲାଃତାଲାଙ୍କ ଶପଥ କରି କହୁଛି ! ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! କାଆବଙ୍କ ସଂକ୍ରାନ୍ତରେ ମୋର ଭଲ ଅଭିଜ୍ଞତା ରହିଛି । ରସୁଲୁଲ୍ଲାଃ ସ.ଅ ଉକ୍ତ କଥା ଶୁଣି ନିରବ ହୋଇଗଲେ। ହ. କାଆବ୍ ବିନ୍ ମାଲିକ୍ ର.ଅ କହୁଥିଲେ ଯେ, ମୋତେ ଯେତେବେଳେ ଉକ୍ତ ସୂଚନାଟି ପ୍ରାପ୍ତ ହେଲା ଯେ, ଆପଣ ସ.ଅ ମଦିନାକୁ ଫେରୁଛନ୍ତି ସେତେବେଳେ ମୁଁ ଚିନ୍ତିତ ହେବାକୁ ଲାଗିଲି ଏବଂ ମୁଁ ମିଛ କଥା ଭାବିବାକୁ ଲାଗିଲି ଯେ, ମୁଁ କେଉଁ ମିଛ କଥା କହି ଆପଣ ସ.ଅଙ୍କ ରୁଷ୍ଟତା ଠାରୁ ବର୍ତ୍ତିଯିବି । ମୁଁ କେଉଁ ବାହାନା କରିବି ଏବଂ ନିଜ ଘର ତଥା ପରିବାର ବର୍ଗଙ୍କ ମଧ୍ୟରେ ପ୍ରତ୍ୟେକ ପରାମର୍ଶ ପ୍ରଦାନକାରୀ ବ୍ୟକ୍ତିମାନଙ୍କ ଠାରୁ ମୁଁ ତତ୍‌ସଂକ୍ରାନ୍ତରେ ପରାମର୍ଶ ଲୋଡ଼ିଲି। ଯେତେବେଳେ ଏହା କୁହାଗଲା କି ଆଁହଜରତ ସ.ଅ ଆସି ପହଞ୍ଚି ଯାଇଛନ୍ତି ସେତେବେଳେ ମୋ ମନରେ ଥିବା ସମସ୍ତ ମିଥ୍ୟା ବିଚାର କର୍ପୂର ପରି ହୋଇଗଲା (ଉଭେଇଗଲା) ଏବଂ ମୁଁ ଏହା ବୁଝିନେଲି ଯେ, ଯେଉଁ କଥାରେ ମିଥ୍ୟା ଥିବ ମୁଁ କେବେ ବି ଏପରି କଥାରୁ ବର୍ତ୍ତି ପାରିବି ନାହିଁ । ଅତଏବ୍ ମୁଁ ଆଁହଜରତ ସ.ଅଙ୍କୁ ସବୁ ସତ କହିବି ବୋଲି ସ୍ଥିର କରିନେଲି । ରସୁଲୁଲ୍ଲାଃ ସ.ଅ ଆସିଲେ । ଆଁହଜରତ୍ ସ.ଅ ଯେତେବେଳେ ବି କୌଣସି ଯାତ୍ରାରୁ ଫେରୁଥିଲେ ସେତେବେଳେ ଆପଣ ସ.ଅ ମସଜିଦ୍ ଯାଉଥିଲେ ଏବଂ ସେଠାରେ ଦୁଇ ରକାତ୍ ନମାଜ ପାଠ କରୁଥିଲେ । ପୁନଶ୍ଚ ତତ୍ପରେ ଆପଣ ସ.ଅ ଲୋକମାନଙ୍କ ସହିତ ସାକ୍ଷାତ୍ କରିବା ନିମନ୍ତେ ବସି ଯାଉଥିଲେ। ସୁତରାଂ ଯେତେବେଳେ ଆପଣ ସ.ଅ ନମାଜ ପାଠ କରି ସାରିଲେ ସେତେବେଳେ ଲୋକମାନେ ଆପଣ ସ.ଅଙ୍କ ପାଖକୁ ଚାଲି ଆସିଲେ ଏବଂ ଆପଣ ସ.ଅଙ୍କୁ କ୍ଷମା

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ପ୍ରାଣୀମାନଙ୍କ ପ୍ରତି ସହାନୁଭୂତି ଓ ସମବେଦନା ଜ୍ଞାପନ କରିବା ଏଭଳି ଏକ ବସ୍ତୁ ଯେ, ଯଦି ମନୁଷ୍ୟ ତାହାକୁ ପରିତ୍ୟାଗ କରିଦିଏ ଏବଂ ତହିଁରୁ ଦୂରେଇ ଯାଏ ତେବେ କ୍ରମଶଃ ସେ ହିଂସ୍ର ପ୍ରାଣୀରେ ପରିଣତ ହୋଇଯାଏ ।"

(ମଲଫୁଜାତ୍, ଖଣ୍ଡ-7, ପୃ-282, ସଂସ୍କରଣ ବର୍ଷ- 1984 ମସିହା)

ତାଲିବେ ଦୁଆ: Mohammad Moin, S/o- Mohammad Majid, Jamat Ahmadiya Karadapalli (Odisha)

**ନବୀ ସ.ଅଙ୍କ ବାଣୀ:-**

**"ଇଜ୍‌ତନିବୁଲ୍ ଗଜିବା"** ଅର୍ଥାତ୍ କ୍ରୋଧରୁ ସର୍ବଦା ବର୍ତ୍ତିବା ଉଚିତ୍, କାରଣ କ୍ରୋଧ ହେଉଛି ମଷିଣର ପରମ ଶତ୍ରୁ ।

ତାଲିବେ ଦୁଆ: Sk Deedar Ahmed & Family,
Jamat Ahmadiya Kerang,
Darul Fazal (Odisha)

ମାଗିବାକୁ ଲାଗିଲେ ଏବଂ ରାଣ ଖାଇବାକୁ ଲାଗିଲେ ଯେ, ସେମାନେ ଅମକ କାରଣ ଯୋଗୁଁ ତୁବୁକ୍ ଯୁଦ୍ଧରେ ସାମିଲ୍ ହୋଇପାରିଲେ ନାହିଁ । ସେହି ଲୋକମାନଙ୍କର ସଂଖ୍ୟା ୫୦ ଉର୍ଦ୍ଧ୍ୱ ଥିଲା । ରସୁଲୁଲ୍ଲାଃ ସ.ଅ ସେମାନଙ୍କର ପ୍ରକାଶ୍ୟଗତ କ୍ଷମା ତଥା ସମସ୍ୟାକୁ ସ୍ୱୀକାର କରିନେଲେ ଏବଂ ସେମାନଙ୍କ ଠାରୁ ବୈଅତ୍ ନେଲେ ଓ ସେମାନଙ୍କ ନିମନ୍ତେ ଅଲ୍ଲାଃତାଲାଙ୍କ ନିକଟରେ କ୍ଷମା ଯାଚନା ନିମିତ୍ତ ଦୁଆ କଲେ ତଥା ଆପଣ ସ.ଅ ସେମାନଙ୍କର ଆଭ୍ୟନ୍ତରୀଣ ପ୍ରସଙ୍ଗକୁ ଅଲ୍ଲାଃତାଲାଙ୍କ ଉପରେ ଛାଡ଼ିଦେଲେ । ପୁନଶ୍ଚ ମୁଁ (ହ. କାଆବ୍ ର.ଅ) ଆପଣ ସ.ଅଙ୍କ ପାଖକୁ ଆସିଲି । ମୁଁ ଯେତେବେଳେ ଆପଣ ସ.ଅଙ୍କୁ ସଲାମ୍ (ନମସ୍କାର/ପ୍ରଣାମ) କଲି ସେତେବେଳେ ଆପଣ ସ.ଅ ରୁଷ୍ଟ ବ୍ୟକ୍ତି ପରି ସ୍ମିତହାସ୍ୟ ପ୍ରକାଶ କଲେ । ଆପଣ ସ.ଅଙ୍କ ହସ ରୁଷ୍ଟତାମୂଳକ ଥିଲା । ପୁନଶ୍ଚ ଆପଣ ସ.ଅ କହିଲେ, ହେ କାଆବ୍ ! ଆଗକୁ ଆସ । ମୁଁ ଆଗକୁ ଆସି ଆପଣ ସ.ଅଙ୍କ ସମ୍ମୁଖରେ ବସିଗଲି । ଆପଣ ସ.ଅ ମୋତେ ପଚାରିଲେ ଯେ, ହେ କାଆବ୍ ! ତୁମେ କେଉଁ କାରଣ ଏବଂ କେଉଁ ଅସୁବିଧା ଯୋଗୁଁ ପଛରେ ରହିଗଲ ? କ'ଣ ତୁମେ ବାହନ କିଣି ନଥିଲ ?

ମୁଁ କହିଲି, ଆଜ୍ଞା ହଁ ! ମୁଁ ଏପରି ଅଟେ ଯେ, ଯଦି ଆପଣ ସ.ଅଙ୍କ ବ୍ୟତୀତ ସଂସାରର ଲୋକମାନଙ୍କ ମଧ୍ୟରୁ ଅନ୍ୟ କୌଣସି ବ୍ୟକ୍ତି ସମ୍ମୁଖରେ ବସି ଥାଆନ୍ତି ତେବେ ମୁଁ ଏହା ମନେ କରିନେଇଥାଆନ୍ତି ଯେ, ମୁଁ ଆପଣ ସ.ଅଙ୍କ ରୁଷ୍ଟତା ଠାରୁ ଅବଶ୍ୟ ବର୍ତ୍ତି ଯାଇଥାଆନ୍ତି । ମୋତେ ମିଷ୍ଟ ଭାଷା ପ୍ରଦାନ କରାଯାଇଛି । କିନ୍ତୁ ମୁଁ ଅଲ୍ଲାଃତାଲାଙ୍କ ରାଣ ଖାଇ କହୁଛି ! ମୁଁ ଭଲ ଭାବରେ ବୁଝି ସାରିଛି । ଯଦି ମୁଁ ଆଜି ଆପଣ ସ.ଅଙ୍କ ନିକଟରେ ଏପରି କୌଣସି କଥା ବର୍ଣ୍ଣନା କଲି ଯେଉଁ କଥା ଦ୍ୱାରା ଆପଣ ସ.ଅ ମୋ ଉପରେ ପ୍ରସନ୍ନ ହେବେ ତେବେ ଅଲ୍ଲାଃତାଲା ଖୁବ୍ ନିକଟବର୍ତ୍ତୀ ଅର୍ଥାତ୍ ଭବିଷ୍ୟତରେ ବା ଶୀଘ୍ର ଆପଣ ସ.ଅଙ୍କୁ ମୋ ଉପରେ ରୁଷ୍ଟ କରାଇଦେବ। ସେହିପରି ମୁଁ ଯଦି ଆପଣ ସ.ଅଙ୍କ ନିକଟରେ ସତ କଥା କହିଦିଏ ଯଦ୍ଦ୍ୱାରାକି ଆପଣ ସ.ଅ ମୋ ଉପରେ ରୁଷ୍ଟ ହେବେ ତେବେ ସେପରିପ୍ରେକ୍ଷୀରେ ମୁଁ ତହିଁରେ ଅଲ୍ଲାଃତାଲାଙ୍କ ଅସୀମ ଦୟା ଓ କ୍ଷମା ଆଶା କରିଥାଏ ।"

ହୁଜୁର ଅନ୍ୱର୍ ଅ.ବ କହିଲେ, ହ. କାଆବ୍ ବିନ୍ ମାଲିକ୍ ର.ଅ କହିବାକୁ ଲାଗିଲେ ଯେ, ନା ମୁଁ ଅଲ୍ଲାଃତାଲାଙ୍କ ଶପଥ କରି କହୁଛି ଯେଉଁ ଅବସ୍ଥା ମୋର ବର୍ତ୍ତମାନ ରହିଛି ସେପରି ଅବସ୍ଥା ମୋର ପୂର୍ବେ ନଥିଲା । ବର୍ତ୍ତମାନ ମୁଁ ହୃଷ୍ଟପୁଷ୍ଟ ଏବଂ ମୋର ଆର୍ଥିକ ସ୍ୱଚ୍ଛଳାବସ୍ଥା ରହିଛି । ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଏଇଥି ପାଇଁ ଅର୍ଥାତ୍ ଆଳସ୍ୟ ପରାୟେଣତା ଯୋଗୁଁ ମୁଁ ଆପଣ ସ.ଅଙ୍କ ଠାରୁ ପଛରେ ରହି ଯାଇଥିଲି । ଆଁହଜରତ ସ.ଅ ଯେତେବେଳେ ହ. କାଆବ୍ ବିନ୍ ମାଲିକ୍ ର.ଅଙ୍କ ଉକ୍ତ କଥା ଶୁଣିଲେ ସେତେବେଳେ ଆପଣ ସ.ଅ କହିଲେ, ଆରେ କାଆବ୍ ତ' ସତ କଥା ବର୍ଣ୍ଣନା କରି ଦେଇଛନ୍ତି । ହେ କାଆବ୍ ! ଚାଲ ଉଠ ଏପର୍ଯ୍ୟନ୍ତକି ଅଲ୍ଲାଃତାଲା ତୁମ ସଂକ୍ରାନ୍ତରେ ପବିତ୍ର କୁରଆନ୍ କରୀମ୍‌ରେ କୌଣସି ଐଶୀବାଣୀ ଅବତୀର୍ଣ୍ଣ କରିଦେବେ। ଆଁହଜରତ ସ.ଅ କହିଲେ, ହେ କାଆବ୍ ! ତୁମେ ସତ୍ୟ କଥା ତ' କହିଦେଲ କିନ୍ତୁ ବର୍ତ୍ତମାନେ ତୁମେ ଏଠାରୁ ଯାଅ । ବର୍ତ୍ତମାନ ଅଲ୍ଲାଃତାଲା ତୁମ ସଂକ୍ରାନ୍ତରେ କୌଣସି ନିର୍ଣ୍ଣୟ ଶୁଣାଇଦେବେ ଯେ, ସେ ତୁମ ସହିତ କେଉଁ ବ୍ୟବହାର ପ୍ରଦର୍ଶନ କରିବେ ?

ହୁଜୁର୍ ଅନ୍ୱର୍ ଅ.ବ କହିଲେ, ହ. କାଆବ୍ ବିନ୍ ମାଲିକ୍ ର.ଅ କହିଲେ, ମୁଁ ଆଁହଜରତ୍ ସ.ଅଙ୍କ ପାଖରୁ ଉଠିଲି ଏବେ ସେଠାରୁ ଉଠି ଚାଲି ଆସିଲି । ବନୁ ସଲ୍‌ମା ସଂପ୍ରଦାୟର କେତେକ ଲୋକମାନେ ମଧ୍ୟ ଉଠିଲେ ଏବଂ ମୋ ପଛେ ପଛେ ଚାଲି ଆସିଲେ । ସେମାନେ କହିଲେ, ଆମେ ଅଲ୍ଲାଃତାଲାଙ୍କ ଶପଥ କରି କହୁଛୁ ! ହେ କାଆବ୍ ଆମକୁ ଜ୍ଞାତ ନାହିଁ ଯେ, ତୁମେ ଏହା ପୂର୍ବରେ କେବେ କୌଣସି ଦୋଷ କରିଥିଲ ଏବଂ ହେ କାଆବ୍ ! ତୁମେ ଆଁହଜରତ୍ ସ.ଅଙ୍କ ପାଖରେ କୌଣସି ଆଳ ଏବଂ ବାହାନା କାହିଁକି କଲ ନାହିଁ । ଅର୍ଥାତ୍ ତୁମପରି ଅନ୍ୟ ଲୋକମାନେ ଯେଉଁମାନେ ତୁବୁକ୍ ଯୁଦ୍ଧରେ ପଛରେ ରହି ଯାଇଥିଲେ ସେମାନେ ଯେପରି ଆଁହଜରତ ସ.ଅଙ୍କ ସମ୍ମୁଖରେ ଆଳ ଉପସ୍ଥାପିତ କରିଥିଲେ (ଅର୍ଥାତ୍ ମିଛ କଥା କହି ଦେଇଥିଲେ) ତୁମେ ମଧ୍ୟ ସେହିପରି ମିଛ କଥା ଆଁହଜରତ୍ ସ.ଅଙ୍କ ସମ୍ମୁଖରେ ଉପସ୍ଥାପିତ କରିପାରି ଥାଆନ୍ତ ? ରସୁଲୁଲ୍ଲାଃ ସ.ଅଙ୍କ ତୁମ ନିମନ୍ତ କ୍ଷମାଯାଚନା କରିବାର ଦୁଆ କରିଦେବା ହିଁ ତୁମର ଏହି ଦୋଷକୁ କ୍ଷମା କରିବା ନିମନ୍ତେ ଯଥେଷ୍ଟ ଥିଲା । ହ. କାଆବ୍ ବିନ୍ ମାଲିକ୍ ର.ଅ କହିଲେ: "ମୁଁ କହିଲି, ଏହି ଲୋକମାନେ ମୋତେ ନିନ୍ଦା ଓ ଭର୍ତ୍ସନା କରିବାକୁ ଲାଗିଲେ ଏପର୍ଯ୍ୟନ୍ତକି ମୁଁ ମଧ୍ୟ ଏହା ସ୍ଥିର କରିନେଲି ଯେ, ମୁଁ ଆଁହଜରତ ସ.ଅଙ୍କ ପାଖକୁ ଫେରି ମିଛ କଥା କହିଦେବି । ପୁନଶ୍ଚ ମୁଁ ସେହି ସାଥିମାନଙ୍କୁ ପଚାରିଲି ଯେ, ହେ ସାଥିମାନେ ତୁମେମାନେ ପରା ମୋତେ କହୁଥିଲ, ଯାଅ ଏବଂ କ୍ଷମା ମାଗିନିଅ ଓ ଆଁହଜରତ ସ.ଅଙ୍କ ସମ୍ମୁଖରେ କୌଣସି ଅସୁବିଧା ତଥା ସମସ୍ୟା ପ୍ରସଙ୍ଗ ଉପସ୍ଥାପିତ କରିଦିଅ । ହ. କାଆବ୍ ବିନ୍ ମାଲିକ୍ ର.ଅ କୁହନ୍ତି: " ମୁଁ ପୁନଶ୍ଚ ସେହି ଲୋକମାନଙ୍କୁ ପଚାରିଲି ଯେ, ହେ ଲୋକମାନେ ! ତୁମମାନଙ୍କ ମଧ୍ୟରୁ ମୋ ବ୍ୟତୀତ ଅନ୍ୟ କେହି ବ୍ୟକ୍ତି ଅଛି ଯିଏ ଆପଣ ସ.ଅଙ୍କ ସମ୍ମୁଖରେ ଏହା ଅର୍ଥାତ୍ ଯୁଦ୍ଧକୁ ନଯିବା ପ୍ରସଙ୍ଗ ସ୍ୱୀକାର କରିଥିବ କିମ୍ବା ସତ୍ୟ କଥା ବର୍ଣ୍ଣନା କରିଥିବ । ଲୋକମାନେ କହିଲେ, ହଁ ଦୁଇ ଜଣ ବ୍ୟକ୍ତି ଅଛନ୍ତି । ସେମାନେ ମଧ୍ୟ ତାହା ହିଁ କହିଲେ, ଯାହା ତୁମେ କହିଲ ଏବଂ ସେମାନଙ୍କୁ ମଧ୍ୟ ସେହି ଉତ୍ତର ମିଳିଲା ଯାହା ତୁମକୁ ମିଳିଲା ।" ହ. କାଆବ୍ ବିନ୍ ମାଲିକ୍ ର.ଅ କୁହନ୍ତି: "ସେମାନେ କିଏ ଅଟନ୍ତି ? ଲୋକମାନେ କହିବାକୁ ଲାଗିଲେ ଯେ, ମୁରାରାହ୍ ବିନ୍ ରବିଇ ଅମ୍‌ରୀ ଏବଂ ହିଲାଲ୍ ବିନ୍ ଉମୈୟାହ୍ ୱାକ୍‌ଫି। ଲୋକମାନେ ମୋତେ ଦୁଇ ଜଣ ପୁଣ୍ୟବାନ୍ ବ୍ୟକ୍ତିମାନଙ୍କର ଚର୍ଚ୍ଚା କଲା ଏବଂ ରସୁଲୁଲ୍ଲାଃ ସ.ଅ ମୁସଲମାନମାନଙ୍କୁ ଆମ ସହିତ କଥାବାର୍ତ୍ତା କରିବା ନିମନ୍ତେ ବାରଣ କରିଦେଲେ । ଅର୍ଥାତ୍ ମୁଁ ଆଉ ପୁଣି ଥରେ ବାହାନା କରିବା ନିମନ୍ତେ ଆଁହଜରତ୍ ସ.ଅଙ୍କ ପାଖକୁ ଗଲି ନାହିଁ ଓ ମୁଁ ଘରକୁ ଫେରି ଆସିଲି ।"

ଆଁହଜରତ ସ.ଅ ଆମମାନଙ୍କୁ ଅନ୍ୟମାନଙ୍କ ସହିତ କଥାବାର୍ତ୍ତା କରିବା ପାଇଁ ବାରଣ କରିଦେଲେ ଅର୍ଥାତ୍ ବାସନ୍ଦ କରିଦେଲେ । ଅର୍ଥାତ୍ ସେହି ଲୋକମାନଙ୍କ ମଧ୍ୟରୁ ଯେଉଁମାନେ ଆପଣ ସ.ଅଙ୍କ ଠାରୁ ପଛରେ ରହିଯାଇଥିଲେ ସେହି ଲୋକମାନଙ୍କ ସହିତ ଅନ୍ୟ ଲୋକମାନଙ୍କୁ କଥାବାର୍ତ୍ତା ଏବଂ ସବୁ ପ୍ରକାରର ସଂପର୍କ ରଖିବା ନିମନ୍ତେ ବାରଣ କରିଦେଲେ । ହ. କାଆବ୍ ବିନ୍ ମାଲିକ୍ ର.ଅ କହିଲେ, ଲୋକମାନେ ଆମମାନଙ୍କୁ ଦେଖି ଅଣଦେଖା କରି ଚାଲି ଯାଉଥିଲେ । ଅର୍ଥାତ୍ ଏପରି ପ୍ରତତି ହେଉଥିଲା ଯେପରି ଆମେମାନେ ସଂପୂର୍ଣ୍ଣ ରୂପେ ଅପରିଚିତ ଓ ଅଜ୍ଞାତ ଓ ଅବହେଳିତ ବ୍ୟକ୍ତି ଅଟୁ । ଏପର୍ଯ୍ୟନ୍ତକି ଭୂମି ମଧ୍ୟ ମୋତେ ଉପରେ ଦୃଶ୍ୟମାନ ହେବାକୁ ଲାଗିଲା । ଅର୍ଥାତ ଭୂମି ତାହା ନଥିଲା ଯାହାକୁ ମୁଁ ଜାଣି ଥିଲି । ଅର୍ଥାତ୍ ସବୁ ଓଲଟ ପାଲଟ ହୋଇଗଲା । ଆମେମାନେ ଏହିପରି ଅବସ୍ଥାରେ 50 ରାତ୍ର (ଅର୍ଥାତ୍ 50 ଦିନ) ପର୍ଯ୍ୟନ୍ତ ରହିଲୁ । ମୋର ଯେଉଁ ସାଥିମାନେ ରହିଥିଲେ ସେମାନେ ମଧ୍ୟ ଦୁଃଖ ଜର୍ଜରିତ ହୋଇ ନିଜ ଘରେ ବସି ରୋଦନ ଓ ବିଳାପ (କାନ୍ଦିବାକୁ) କରିବାକୁ ଲାଗିଲେ। ମୁଁ ସେହି ଲୋକମାନଙ୍କ ଅପେକ୍ଷା ଅଧିକ ଯୁବ ବୟସର ଥିଲି ଓ ଯୁବକଟିଏ ଥିଲି । ମୁଁ ସେହି ଲୋକମାନଙ୍କ ଅପେକ୍ଷା ବିପିତ୍ତିକୁ ଅଧିକ ସମ୍ମୁଖୀନ କରିବାର ସାମର୍ଥ୍ୟତା ରଖୁଥିଲି ଓ ସକ୍ଷମ ଥିଲି । ମୁଁ ଘରୁ ବାହାରକୁ ବାହାରୁଥିଲି ଏବଂ ମୁସଲମାନମାନଙ୍କ ସହିତ ନମାଜରେ ସାମିଲ୍ ହେଉଥିଲି ଏବଂ ବଜାରରେ ବୁଲାବୁଲି କରୁଥିଲି । କିନ୍ତୁ ମୋ ସହିତ କେହି ବି କଥାବାର୍ତ୍ତା କରୁ ନଥିଲା । ମୁଁ ଆଁହଜରତ ସ.ଅଙ୍କ ପାଖକୁ ମଧ୍ୟ ଯାଉଥିଲି । ଆପଣ ସ.ଅଙ୍କୁ ମୁଁ **ଅସ୍ ସଲାମୁ ଅଲୈକୁମ୍ ୱରହମତୁଲ୍ଲାଃହି ୱ ବରକାତୁହୁ** କହୁଥିଲି । ଅପରପକ୍ଷେ ଆପଣ ସ.ଅ ନମାଜ୍ ପରେ ନିଜ ସ୍ଥାନରେ ବିରାଜମାନ ହେଉଥିଲେ । ମୁଁ ନିଜ ମନରେ ଏହା କହୁଥିଲି ଯେ, ଆଁହଜରତ୍ ସ.ଅ ମୋ ସଲାମ୍‌ର ଉତ୍ତର ଦେବାରେ ନିଜର ଓଠକୁ କ୍ରିୟାଶୀଳ କରିଛନ୍ତି ଅବା ନୁହେଁ? ଆପଣ ସ.ଅ ମୋତେ ଟେରେଇକି ଅର୍ଥାତ୍ ବାଙ୍କ ଚାହାଣୀ ଦ୍ୱାରା ଦେଖୁଥିଲେ । ମୁଁ ଆପଣ ସ.ଅଙ୍କ ପାଖରେ ପାଖେଇ ଯାଇ ନମାଜ ପାଠ କରୁଥିଲି ଏବଂ ଆଖି ଚୋରେଇ କି ମୁଁ ଆପଣ ସ.ଅଙ୍କୁ ଦେଖୁଥିଲି ଏବଂ ମୁଁ ଯେତେବେଳେ ନମାଜ ପାଠ କରିବାକୁ ଲାଗୁଥିଲି ସେତେବେଳେ ଆପଣ ସ.ଅ ମୋ ଆଡ଼କୁ ଚାହୁଁଥିଲେ ଏବଂ ମୁଁ ଯେତେବେଳେ ଆପଣ ସ.ଅଙ୍କ ଆଡ଼କୁ ଚାହୁଁଥିଲି ସେତେବେଳେ ଆପଣ ସ.ଅ ମୁହଁ ବୁଲାଇ ନେଉଥିଲେ । ଏପର୍ଯ୍ୟନ୍ତକି ଲୋକମାନଙ୍କର ଏହି କ୍ରୂରତା ଦୀର୍ଘ ସମୟ ପର୍ଯ୍ୟନ୍ତ ରହିବା ଦ୍ୱାରା ମୋ ଜୀବନ ଦୁର୍ବିସହ ହୋଇ ପଡ଼ିଲା । ଅତଏବ୍ ମୁଁ ହ. ଅବୁ କତାଦା ର.ଅଙ୍କ ଉଦ୍ୟାନର କାନ୍ଥ ଉପରେ ଚଢିଗଲି । ଅବୁ କତାଦା ମୋ ଚଚାଙ୍କ ସୁପୁତ୍ର ଥିଲେ । ଅର୍ଥାତ୍ ମୁଁ ଅବୁ କତାଦାଙ୍କ ଉଦ୍ୟାନକୁ ଚାଲିଗଲି । ସେ ମୋତେ ସମସ୍ତ ଲୋକମାନାଙ୍କ ଅପେକ୍ଷା ସବୁଠୁ ବେଶୀ ପ୍ରିୟ ବୋଲି ମନେ ହେଉଥିଲେ । ହ. କାଆବ୍ ବିନ୍ ମାଲିକ୍ ର.ଅ କୁହନ୍ତି ଯେ, ମୁଁ ସାମ୍ନା ପଟର କବାଟ ଦେଇ ଯିବା ପରିବର୍ତ୍ତେ ଲୁଚିକି ଗଲି । ମୁଁ ଅବୁ କତାଦାଙ୍କୁ **ଅସ୍‌ସଲାମୁ ଅଲୈକୁମ୍** କହିଲି । ମୁଁ ଅଲ୍ଲାଃତାଲାଙ୍କ ଶପଥ କରି କହୁଛି ହ. ଅବୁ କତାଦା ମୋ ସଲାମ୍‌ର ଉତ୍ତର ମଧ୍ୟ ଦେଲେ ନାହିଁ । ମୁଁ କହିଲି, ହେ ଅବୁ କତାଦା ମୁଁ ତୁମକୁ ଅଲ୍ଲାଃତାଲାଙ୍କ ଶପଥର ଦ୍ୱାହି ଦେଇ ପଚାରୁଛି । କ'ଣ ତୁମେ ଜାଣ କି ମୁଁ ଅଲ୍ଲାଃତାଲା ଏବଂ ତାହାଙ୍କ ବାର୍ତ୍ତାବହଙ୍କୁ ବହୁତ ଭଲ ପାଏ । ଅବୁ କତାଦା ନିରବ ରହିଲେ । ମୁଁ ପୁନଶ୍ଚ ତାଙ୍କୁ ରାଣ ଦେଇ ପଚାରିଲି ଯେ, ହେ ଅବୁ କତାଦା କ'ଣ ତୁମେ ଜାଣ କି ମୁଁ ଅଲ୍ଲାଃତାଲା ଏବଂ ତାହାଙ୍କ ବାର୍ତ୍ତାବହଙ୍କୁ ବହୁତ ଭଲ ପାଏ । ଅବୁ କତାଦା ପୁଣି ନିରବ ରହିଲେ । ସେ କୌଣସି

## ହଦିସେ ନବୱୀ ସ.ଅ.ସ :-

"ନମାଜ ପରିତ୍ୟାଗ କରିବା ଫଳରେ ମନୁଷ୍ୟ ଶିର୍କ ଏବଂ କୁଫର୍ (ଅନ୍ୟ କାହାକୁ ଅଲ୍ଲାଃଙ୍କ ସହିତ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟବର୍ତ୍ତୀ କରିଦିଏ " ।

(ମୁସ୍‌ଲିମ୍, କିତାବୁଲ୍ ଇମାନ୍)

ତାଲିବେ ଦୁଆ: Majlis Lajna Imaillah,
Jamat Ahmadiya Kerang (Odisha)

## ଅଲ୍ଲାଃତାଲାଙ୍କ ବାଣୀ

**ଅଲ୍ଲାଃତାଲା କୁହନ୍ତି:** كُوْنُوْا مَعَ الصّٰدِقِيْنَ

(ଅତ୍ ତୌବା :119)

**ଅନୁବାଦ୍:** ହେ ବିଶ୍ୱାସାକାରୀମାନେ ସତ୍ୟବାଦୀଙ୍କ ସହ ସାମିଲ୍ ହୁଅ ।

**ତାଲିବେ ଦୁଆ:** Amina Begum Saheba, W/o- Late Mianjan
Khan, Jamat Ahmadiya Nargaon,
Dist- Cuttack, (Odisha)

ଉତ୍ତର ଦେଲେ ନାହିଁ । ମୁଁ ପୁନଶ୍ଚ ତାଙ୍କୁ ରାଣ ଦେଇ ପଚାରିଲି ଯେ, ହେ ଅବୁ କତାଦା କ'ଣ ତୁମେ ଜାଣ କି ମୁଁ ଅଲ୍ଲାଃତାଲା ଏବଂ ତାହାଙ୍କ ବାର୍ତ୍ତାବହଙ୍କୁ ବହୁତ ଭଲ ପାଏ। ଅବୁ କତାଦା କହିଲେ, ଅଲ୍ଲାଃତାଲାଙ୍କ ଓ ତାହାଙ୍କ ବାର୍ତ୍ତାବହ ଭଲ ଭାବରେ ଜାଣନ୍ତି ଯେ, ଯେ, ତୁମେ ଆଁହଜରତ ସ.ଅଙ୍କୁ ଓ ମୋତେ କେତେ ଭଲ ପାଅ ? ଏକଥା ଶୁଣି ମୋ ଆଖିରୁ ଲୁହ ଧାର ଧାର ହୋଇ ବହିବା ଆରମ୍ଭ ହୋଇଗଲା । ମୁଁ ପିଠି ବୁଲାଇ ପ୍ରାଚୀର (କାନ୍ଥ) ଡେଇଁ ସେଠାରୁ ଫେରି ଆସିଲି । ହ. କାଆବ୍ ର.ଅ କହୁଥିଲେ ଯେ, ଇତି ମଧ୍ୟରେ ମୁଁ ମଦିନାର ବଜାରରେ ଚାଲି ଚାଲି ଯାଉଥିଲିକି ମୁଁ ଏହା ଦେଖିଲି ଯେ, ସିରୀୟାର ନବତୀୟମାନଙ୍କ (ନଜଦର୍ ଅଧିବାସୀ) ମଧ୍ୟରୁ ଜଣେ ନବତୀୟ ବ୍ୟକ୍ତି ଯେକି ମଦିନାରେ ନିଜର ଶସ୍ୟା ବିକ୍ରି କରିବା ନିମନ୍ତେ ଆସିଥିଲା ସେ କହୁଥିଲାକି କାଆବ୍ ବିନ୍ ମାଲିକ୍ କିଏ ଅଟେ । ଦୟା କରି ମୋତେ କେହି କାଆବ୍ ବିନ୍ ମାଲିକ୍ ସଂପର୍କରେ କହିପାରିବ ଓ ତାଙ୍କର ଠିକଣା ଦେଇ ପାରିବ କି ? ଏକଥା ଶୁଣି ଲୋକମାନେ ସେହି ବେପାରୀକୁ ଇଙ୍ଗିତ କରି କହିବାକୁ ଲାଗିଲେ ହେଇ କାଆବ୍ ବିନ୍ ମାଲିକ୍ ସେଇଠି ଅଛି । ସେହି ଅପରିଚିତ ବ୍ୟକ୍ତି ଜଣକ ଯେତେବେଳେ ମୋ ପାଖକୁ ଆସିଲା ସେତେବେଳେ ସେ ଗସ୍ସାନ୍ ସମ୍ରାଟ୍ ପକ୍ଷରୁ ମୋତେ ଏକ ପତ୍ର ଦେଲା । ସେହି ପତ୍ରରେ ଏହି ବଷୟବସ୍ତୁ ଉଲ୍ଲିଖିତ ଥିଲା ଯେ, "**ଅମ୍ମା ବାଦ୍** ମୋତେ ଏହି ସୂଚନା ମିଳିଛି ଯେ, ତୁମର ସାଥି (ମୁହମ୍ମଦ୍ ସ.ଅ) କୁଆଡ଼େ ତୁମ ପ୍ରତି କଠୋରତା ପ୍ରଦର୍ଶନ କରି ତୁମକୁ ପୃଥକ୍ କରି ଦେଇଛି ଏବଂ ବାସନ୍ଦ କରି ତୁମକୁ ଏକ ଘରିକିଆ କରିଦେଇଛି । ତୁମକୁ ତ' ଅଲ୍ଲାଃତାଲା ଏପରି ଘରେ ଜନ୍ମ ଦେଇ ନଥିଲେ ଯେଉଁଠି ତିରସ୍କାର ଥିବ ଓ ତୁମକୁ ନଷ୍ଟ କରିଦିଆଯିବ । ତୁମେ ମୋତେ ଆସି ସାକ୍ଷାତ୍ କର (ଭେଟ କର) । ମୁଁ ତୁମର ପୃଷ୍ଠପୋଷକତା କରିବି ଓ ତୁମକୁ ସମ୍ମାନ ପ୍ରଦାନ କରିବି ।"

ହୁଜୁର ଅନ୍ୱର୍ ଅ.ବ କହିଲେ, ହ. କାଆବ୍ ର.ଅ କହିଲେ, ମୁଁ ଯେତେବେଳେ ଏହି ପତ୍ର ପାଠ କଲି ସେତେବେଳେ ମୁଁ କହିଲି, ହେ ପ୍ରଭୁ ! ଉକ୍ତ ପତ୍ରଟି ଆଉ ଏକ ପରୀକ୍ଷା ଏବଂ ବିପତ୍ତି ଅଟେ । ମୁଁ ପୂର୍ବରୁ ହିଁ ଗୋଟିଏ ସମସ୍ୟା ଏବଂ ପରୀକ୍ଷା ଦେଇ ଗତି କରୁଛି ତା ସାଙ୍ଗକୁ ଉକ୍ତ ପତ୍ର ଯାହାକି ଲୋଭ ତଥା ଉତ୍କୋଚ ରୂପେ ସମ୍ରାଟ୍ ପକ୍ଷରୁ ମୋତେ ପ୍ରଦାନ କରାଗଲା । ତେଣୁ ମୁଁ ଆଉ ଏକ ପରୀକ୍ଷା ଦେବି ଲାଗୁଛି । ମୋ ଉପରେ ଆଉ ଏକ ବିପତ୍ତି ଆସିଯାଇଅଛି । ସୁତରାଂ ମୁଁ ସେହି ପତ୍ର ଧରି ଏକ ଚୁଲି ଆଡ଼କୁ ଧାଇଁଲି । ସେହି ଚୁଲିରେ ନିଆଁ ଜଳୁଥିଲା ଏବଂ ମୁଁ ତହିଁରେ ଉକ୍ତ ପତ୍ର ଫୋପାଡ଼ି ଦେଲି ।

ଯେତେବେଳେ 50 ରାତ୍ର ମଧ୍ୟରୁ 40 ରାତ୍ର ଅତିକ୍ରାନ୍ତ ହୋଇଗଲା ସେତେବେଳେ ମୁଁ ଏହା ଅବଲୋକନ କଲି (ଦେଖିଲି) ଯେ, ରସୁଲୁଲ୍ଲାଃ ସ.ଅଙ୍କ ସନ୍ଦେଶବାହକ ମୋ ପାଖକୁ ଆସୁଛି । ସେହି ସନ୍ଦେଶବାହକ ମୋତେ କହିଲା, ହେ କାଆବ୍ ! ରସୁଲୁଲ୍ଲାଃ ସ.ଅ ତୁମକୁ ତୁମ ପତ୍ନି ଠାରୁ ପୃଥକ୍ ରହିବା ନିମନ୍ତେ ଆଦେଶ ଦେଇଛନ୍ତି । ତେଣୁ ତୁମେ ନିଜ ପତ୍ନିଙ୍କ ଠାରୁ ଭିନ୍ନ ହୋଇଯାଅ । ଅଲଗା ରୁହ । ମୁଁ ସେହି ସନ୍ଦେଶବାହକକୁ କହିଲି, ହେ ସନ୍ଦେଶବାହକ ! ତାହାହେଲେ ମୁଁ ନିଜର ପତ୍ନିକୁ ଛାଡ଼ପତ୍ର ଦେଇଦେବି କି? ସେ କହିଲା, ତୁମେ ବାସ ନିଜ ପତ୍ନି ଠାରୁ ପୃଥକ୍ ହୋଇ ରୁହ । ତୁମେ ନିଜ ପତ୍ନି ପାଖକୁ ଯିବ ନାହିଁ । ହ. କାଆବ୍ ବିନ୍ ମାଲିକ୍ ର.ଅ କୁହନ୍ତି ଯେ, ଆପଣ ସ.ଅ ମୋର ଉଭୟ ସାଥିମାନଙ୍କ ନିମନ୍ତେ ସମାନ ଆଦେଶ ପ୍ରେରଣ କରିଛନ୍ତି । ମୁଁ ନିଜର ପତ୍ନିକୁ କହିଲି, ହେ ପତ୍ନି ! ତୁମେ ନିଜ ମାତାପିତାଙ୍କ ପାଖକୁ ଚାଲିଯାଅ ଏବଂ ଯେପର୍ଯ୍ୟନ୍ତ ମୋ ପ୍ରସଙ୍ଗରେ ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମ୍‌ରେ କୌଣସି ଆଦେଶ ଅବତୀର୍ଣ୍ଣ କରି ଦେଇ ନାହାନ୍ତି ସେପର୍ଯ୍ୟନ୍ତ ତୁମେ ନିଜ ଅଭିଭାବକଙ୍କ ପାଖରେ ହିଁ ରହିବ । ହ. କାଆବ୍ ର.ଅ କହୁଥିଲେ ଯେ, ପୁନଶ୍ଚ ହିଲାଲ୍ ବିନ୍ ଉମୈୟାହଙ୍କ ପତ୍ନିକୁ ମଧ୍ୟ ଏହି ଆଦେଶ ମିଳିଥିଲା । କିନ୍ତୁ ତାଙ୍କର ପତ୍ନି ରସୁଲୁଲ୍ଲାଃ ସ.ଅଙ୍କ ସେବାରେ ଉପସ୍ଥିତ ହେଲେ ଏବଂ କହିବାକୁ ଲାଗିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ହିଲାଲ୍ ବିନ୍ ଉମୈୟାହ୍ ଅତି ବୃଦ୍ଧ ବ୍ୟକ୍ତି ଅଟନ୍ତି ଏବଂ ତାଙ୍କର କେହି ବି ଚାକର ନାହିଁ । କ'ଣ ଆପଣ ସ.ଅ ଏକଥା ନାପସନ୍ଦ (ଅପ୍ରିୟ ବୋଲି ମନେକରିବେ) କରିବେ କି ମୁଁ ତାଙ୍କର ସେବା କରିଦେବି ଓ ତାଙ୍କର ଖାଦ୍ୟ ରାନ୍ଧି ଦେବି, ଲୁଗାପଟା ସଫା କରିଦେବି ? ଆପଣ ସ.ଅ କହିଲେ, ନାହିଁ । କିନ୍ତୁ ହିଲାଲ୍ ବିନ୍ ଉମୈୟାହ୍ ତୁମ ପାଖକୁ ଯେପରି ନଆସନ୍ତୁ। ତୁମେ କେବଳ ଏତିକି ହିଁ ସେବା କରି ପାରିବ ।

ହୁଜୁର ଅନ୍ୱର୍ ଅ.ବ କହିଲେ, କାଆବ୍ ବିନ୍ ମାଲିକଙ୍କର ପତ୍ନି କହିବାକୁ ଲାଗିଲା ଯେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୁଁ ଅଲ୍ଲାଃତାଲାଙ୍କ ଶପଥ କରି କହୁଛି । ହିଲାଲ୍ ବିନ୍ ଉମୈୟାହଙ୍କୁ ତ' କୌଣସି ପ୍ରକାରର କଥା ନିମନ୍ତେ ଆହ୍ୱାନ ଦିଆଯାଇ ନଥିଲା । ଅର୍ଥାତ୍ ନିଜ ପତ୍ନି ଠାରୁ ପୃଥକ୍ ରହିବାର ଆହ୍ୱାନ । ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଯେବେ ଠାରୁ ତାଙ୍କର ସହିତ ଉକ୍ତ ଘଟଣାଟି ଘଟି ଯାଇଛି ସେବେଠାରୁ ଆଜି ପର୍ଯ୍ୟନ୍ତ ସେ କେବଳ ଓ କେବଳ କାନ୍ଦୁଛନ୍ତି । ସୁତରାଂ ହ. କାଆବ୍ ବିନ୍ ମାଲିକ୍ ର.ଅ କୁହନ୍ତି ଯେ, ମୋର କେତେକ ସଂପର୍କୀୟମାନେ ମୋତେ କହିଲେ, ହେ କାଆବ୍ ତୁମେ ମଧ୍ୟ ରସୁଲୁଲ୍ଲାଃ ସ.ଅଙ୍କ ଠାରୁ ନିଜର ପତ୍ନି ସଂକ୍ରାନ୍ତରେ ଏହିପରି ଅନୁମତି ନେଇନିଅ ଯେପରି ହିଲାଲ୍ ବିନ୍ ଉମୈୟାହଙ୍କ ପତ୍ନି ନିଜ ସ୍ୱାମୀଙ୍କ ସେବା ନିମନ୍ତେ ଅନୁମତି ପ୍ରାପ୍ତ କରିଛନ୍ତି । ତୁମ ପତ୍ନି ମଧ୍ୟ ସେହିପରି ତୁମର ସେବା କରିବେ । ହ. କାଆବ୍ ବିନ୍ ମାଲିକ୍ ର.ଅ କହିଲେ, ମୁଁ ଅଲ୍ଲାଃତାଲାଙ୍କ ଶପଥ କରି କହୁଛି ! ମୁଁ ତ' ରସୁଲୁଲ୍ଲାଃ ସ.ଅଙ୍କ ଠାରୁ କେବେ ବି ଏଥି ସଂକ୍ରାନ୍ତରେ ଅନୁମତି ଲୋଡ଼ିବି (ନେବି) ନାହିଁ । ମୁଁ ଜାଣି ନାହିଁ ଯେ, ମୋତେ ରସୁଲୁଲ୍ଲାଃ ସ.ଅ ଏଥି ସଂକ୍ରାନ୍ତରେ କି ଉତ୍ତର ଦେବେ ଏବଂ ମୁଁ ତ' ଜଣେ ଯୁବକ ବ୍ୟକ୍ତି ଅଟେ । ଆଉ ହିଲାଲ୍ ବିନ୍ ଉମୈୟାହ୍ ଜଣେ ବୃଦ୍ଧ ବ୍ୟକ୍ତି ଅଟନ୍ତି ।

ହୁଜୁର ଅନ୍ୱର୍ ଅ.ବ କହିଲେ, ହ. କାଆବ୍ ବିନ୍ ମାଲିକ୍ ର.ଅ କହିଲେ, ଏହାପରେ ମୁଁ ଆଉ ଦଶ ରାତି ଅପେକ୍ଷା କଲି ଏପର୍ଯ୍ୟନ୍ତକି ମୋ ନିମନ୍ତେ ସେତେବେଳେ 50 ରାତ୍ର ପୂର୍ଣ୍ଣ ହେଲା । ଅର୍ଥାତ୍ ରସୁଲୁଲ୍ଲାଃ ସ.ଅ ଯେତେବେଳେ ଆମମାନଙ୍କ ସହିତ ଲୋକମାନଙ୍କୁ କଥାବାର୍ତ୍ତା କରିବାରୁ ବାରଣ କରି ଦେଇଥିଲେ । ଯେତେବେଳେ ମୁକାତିଆକୁ 50 ଦିନ ବିତିଗଲା ସେତେବଳେ 50ତମ ରାତ୍ରର ଶେଷାର୍ଦ୍ଧ ସକାଳର ନମାଜ ମୁଁ ପାଠ କରି ସାରିଲି ଏବଂ ମୁଁ ସେତେବେଳେ ନିଜ ଘରର ଏକ ଛାତ ଉପରେ ଥିଲି । ମୁଁ ଏହି ଅବସ୍ଥାରେ ବସିଥିଲି । ଯେପରିକି ଉକ୍ତ ଅବସ୍ଥା ସଂକ୍ରାନ୍ତରେ ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମ୍‌ରେ ଚର୍ଚ୍ଚା କରିଛନ୍ତି ଯେ, ଅର୍ଥାତ୍ ମୋ ନିମନ୍ତେ ମୋର ଜୀବନ ସଂକୁଚିତ ହୋଇ ଯାଇଥିଲା ଏବଂ ମୋ ନିମନ୍ତେ ଭୂପୃଷ୍ଠ ବିସ୍ତୃତ ହେବା ପରିବର୍ତ୍ତେ ସଂକୁଚିତ ହୋଇଯାଇଥିଲା । ଠିକ୍ ସେହି ସମୟରେ ଡାକ ଦେଉଥିବା ଜଣେ ବ୍ୟକ୍ତିର ସ୍ୱର ମୁଁ ଶୁଣିବାକୁ ପାଇଲି । ସେହି ବ୍ୟକ୍ତି ଜଣକ ସଲଅ ପର୍ବତ ଉପରେ ଚଢି ଉଚ୍ଚ ସ୍ୱରରେ ଡାକ ମାରୁଥିଲା ଯେ, ହେ କାଆବ୍ ବିନ୍ ମାଲିକ୍, ହେ କାଆବ୍ ବିନ୍ ମାଲିକ ! ତୁମ ନିମନ୍ତେ ଶୁଭ ସୂଚନା ରହିଛି । ମୁଁ ଉକ୍ତ ସ୍ୱରକୁ ଶୁଣି ତଳେ ପଡ଼ିଗଲି ଏବଂ ବୁଝିନେଲି ଯେ, ବିପତ୍ତି ଦୂରୀଭୂତ ହୋଇଯାଇଛି ଏବଂ ରସୁଲୁଲ୍ଲାଃ ସ.ଅ ଯେତେବେଳେ ଫଜର୍ (ସକାଳ ନମାଜ) ପାଠ କରି ସାରିଲେ ଏବଂ ଘୋଷଣା କଲେ ଯେ, ଅଲ୍ଲାଃତାଲା ଦୟା ପ୍ରଦର୍ଶନ କରି ଆମମାନଙ୍କର ଦୋଷକୁ କ୍ଷମା କରି ଦେଇଛନ୍ତି। ଉକ୍ତ କଥା ଶୁଣି ସମସ୍ତ ଲୋକମାନେ ଆମମାନଙ୍କୁ ଶୁଭ ସୂଚନା ଏବଂ ଶୁଭେଚ୍ଛା ପ୍ରଦାନ କରିବାକୁ ଲାଗିଲେ । ସେହିପରି ମୋତେ ଶୁଭ ସୂଚନା ଦେଇଥିବା ବ୍ୟକ୍ତି ମଧ୍ୟ ମୋର ଦୁଇ ସାଥିମାନଙ୍କୁ ଶୁଭ ସୂଚନା ଦେବା ନିମନ୍ତେ ଗଲେ । ଜଣେ ବ୍ୟକ୍ତି ମୋ ପାଖକୁ ଘୋଡ଼ା ଦଉଡ଼ାଇ ଆସିଲା । ଅର୍ଥାତ୍ ଅସ୍‌ଲମ୍ ସଂପ୍ରଦାୟର ଜଣେ ବ୍ୟକ୍ତି ଘୋଡ଼ା ଦାଉଡ଼ାଇ ଆସିଲା ଏବଂ ପର୍ବତ ଉପରେ ଚଢିଗଲା ଏବଂ ସେହି ବ୍ୟକ୍ତିର ସ୍ୱର ଅଶ୍ୱ (ଘୋଡ଼ା) ଅପେକ୍ଷା ଶୀଘ୍ର ପହିଞ୍ଚି ଥିଲା । ଅର୍ଥାତ୍ ଜଣେ ବ୍ୟକ୍ତି ଅଶ୍ୱ ଉପରେ ଆସିଥିଲା । ସେ ଏହି ପନ୍ଥା ଅବଲମ୍ବନ କଲା ଯେ, ପର୍ବତ ଉପରେ ଉଚ୍ଚ ସ୍ୱରରେ ଘୋଷଣା କରିଦେଲା । ଯେତେବେଳେ ସେହି ବ୍ୟକ୍ତି ଜଣକ ମୋ ପାଖକୁ ଶୁଭ ସୂଚନା ଦେବା ନିମନ୍ତେ ଆସିଲା ଯାହାର ସ୍ୱର ମୁଁ ଶୁଣିଥିଲି ସେତେବେଳେ ମୁଁ ସେହି ବ୍ୟକ୍ତି ନିମନ୍ତେ ନିଜର ଉଭୟ ପରିହିତ (ପିନ୍ଧିଥିବା) ବସ୍ତ୍ରକୁ ଓହ୍ଲାଇ ତାକୁ ପିନ୍ଧାଇ ଦେଲି ତେଣୁ ସେ ମୋତେ ଶୁଭ ସୂଚନା ଦେଇଥିଲା । ସେ କୁହନ୍ତି ଯେ, ମୁଁ ଅଲ୍ଲାଃତାଲାଙ୍କ ଶପଥ କରି କହୁଛି ! ସେତେବେଳେ ଏହି ବସ୍ତ୍ର ବ୍ୟତୀତ ମୋ ପାଖରେ ଅନ୍ୟ କିଛି ବସ୍ତ୍ର ନଥିଲା । ମୁଁ ଆଉ ଦି ହଳ ବସ୍ତ୍ର ଧରି ଅନ୍ୟ ବ୍ୟକ୍ତି ଠାରୁ ନେଲି ଏବଂ ସେହି ବସ୍ତ୍ରକୁ ମୁଁ ପିନ୍ଧିଲି ଏବଂ ରସୁଲୁଲ୍ଲାଃ ସ.ଅଙ୍କ ପାଖରେ ଉପସ୍ଥିତ ହେଲେ । ଲୋକମାନେ ଦଳ ଦଳ ହୋଇ ମୋତେ ସାକ୍ଷାତ୍ କରୁଥିଲେ ଏବଂ କ୍ଷମାଯାଚନା ସ୍ୱୀକୃତ ହେବା ଯୋଗୁଁ ମୋତେ ଶୁଭେଚ୍ଛା ଜଣାଉଥିଲେ । ଲୋକମାନେ ମୋତେ ଏହି ଶୁଭେଚ୍ଛା ଦେଉଥିଲେ ଯେ, ହେ କାଆବ୍ ତୁମକୁ ଆମେ ଅଭିନନ୍ଦନ ଜଣାଉଛୁ । କାରଣ ଅଲ୍ଲାଃତାଲା ତୁମ ଉପରେ ଦୟାବତୀର୍ଣ୍ଣ ପୂର୍ବକ ତୁମର କ୍ଷମାଯାଚନାକୁ ସ୍ୱୀକାର କରି ନେଇଛନ୍ତି ।

ହୁଜୁର ଅନ୍ୱର୍ ଅ.ବ କହିଲେ, ହ. କାଆବ୍ ବିନ୍ ମାଲିକ୍ ର.ଅ କହୁଥିଲେ ଯେ, "ପରିଶେଷରେ ମୁଁ ମସ୍‌ଜିଦ୍ ଠାରେ ପହଞ୍ଚିଲି । ମୁଁ ଏହା ଦେଖିଲି ଯେ, ରସୁଲୁଲ୍ଲାଃ ସ.ଅ ମସ୍‌ଜିଦ୍‌ରେ ବସିଛନ୍ତି । ଆପଣ ସ.ଅଙ୍କ ଆଖପାଖରେ ଲୋକମାନେ ବସିଛନ୍ତି। ହ. ତଲ୍‌ହା ବିନ୍ ଉବୈଦୁଲ୍ଲାଃ ର.ଅ ମୋତେ ଦେଖି ମୋ ପାଖକୁ ଦଉଡ଼ି ଆସିଲେ ଏବଂ କର ମର୍ଦ୍ଦନ କଲେ (ହାତ ମିଳାଇଲେ) ଓ ମୋତେ ଶୁଭେଚ୍ଛା ଜଣାଇଲେ। ତଲ୍‌ହା ବିନ୍ ଉବୈଦୁଲ୍ଲାଃ ର.ଅଙ୍କ ବ୍ୟତୀତ ଅନ୍ୟ କେହି ବି ମୋତେ ଶୁଭେଚ୍ଛା କି ଅଭିନନ୍ଦନ ଜଣାଇବା ପାଇଁ ଆସିଲା ନାହିଁ । ତଲ୍‌ହା ର.ଅଙ୍କ ଉକ୍ତ କଥାକୁ ମୁଁ କେବେ ବି ଭୁଲିବି

**ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-**

"ପବିତ୍ର କୁରଆନ୍‌କୁ ବୁଝିବା ଓ ତା' ମୁତବାକ ନହିଦାୟତ୍ ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ ଧର୍ମପରାୟଣତା)" ।

(ମଲଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Idris Khan, Jamat Ahmadiya Kerang, Mahmoodabad (Odisha)

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ତୁମେ ଆପୋଷରେ ଖୁବ୍ ଶୀଘ୍ର ସୁଲାହ୍ କରିନିଅ ଓ ନିଜ ଭାଇ ଭଉଣୀମାନଙ୍କ ଦୋଷକୁ କ୍ଷମା କର । କାରଣ ଦୁଷ୍ଟ ହେଉଛି ସେହି ବ୍ୟକ୍ତି ଯିଏ ନିଜ ଭାଇ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ" ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Abdul Chand & Family, Jamat Ahmadiya Kerang, Darul Anwar (Odisha)

ନାହିଁ । ଅତଏବ୍ ଯେତେବେଳେ ମୁଁ ରସୁଲୁଲ୍ଲାଃ ସ.ଅଙ୍କୁ **ଅସ୍ ସଲାମୁ ଅଲୈକୁମ୍** କହିଲି, ସେତେବେଳେ ରସୁଲୁଲ୍ଲାଃ ସ.ଅ **ୱା ଅଲୈକୁମୁସ୍ ସଲାମ୍** କହିଲେ ଏବଂ ଆପଣ ସ.ଅଙ୍କ ପବିତ୍ର ମୁଖମଣ୍ଡଳରେ ଆନନ୍ଦ ପ୍ରକାଶିତ ହେଉଥିଲା । ଆଁହଜରତ୍ ସ.ଅ କହିଲେ, ହେ କାଆବ୍ ! ମୁଁ ତୁମକୁ ତୁମର ଦିନ ଶୁଭ ହେବା ନିମନ୍ତେ ଶୁଭ ସୂଚନା ପ୍ରଦାନ କରୁଛି । ତୁମର ଦିନ ମଙ୍ଗଳମୟ ହେଉ । ଅର୍ଥାତ୍ ତୁମ ମାତା ଯେବେ ଠାରୁ ତୁମକୁ ଜନ୍ମ ଦେଇଛନ୍ତି ସେହି ଦିନ ଅପେକ୍ଷା ଆଜିର ଦିନଟି ତୁମ ନିମନ୍ତେ ବେଶ ମଙ୍ଗଳ ମୁହୂର୍ତ୍ତ ସାବ୍ୟସ୍ତ ଓ ଅତିବାହିତ ହେଉ । ହ. କାଆବ୍ ର.ଅ କହୁଥିଲେ ଯେ, ମୁଁ ଆଁହଜରତ୍ ସ.ଅଙ୍କୁ ପଚାରିଲି ଯେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଉକ୍ତ ଶୁଭ ସୂଚନାଟି ଆପଣ ସ.ଅଙ୍କ ତରଫରୁ ଅଟେ ନା ଅଲ୍ଲାଃତାଲାଙ୍କ ତରଫରୁ ଅଟେ ? ଆପଣ ସ.ଅ କହିଲେ, ନା ଏହି ଶୁଭ ସୂଚନାଟି ମୋ ତରଫରୁ ନୁହେଁ ବରଂ ଅଲ୍ଲାଃତାଲାଙ୍କ ତରଫରୁ ଅଟେ । ରସୁଲୁଲ୍ଲାଃ ସ.ଅ ଯେତେବେଳେ ପ୍ରସନ୍ନ ହେଉଥିଲେ ସେତେବେଳେ ଆପଣ ସ.ଅଙ୍କ ଚେହେରା ଏପରି ଉଜ୍ଜ୍ୱଳ ହୋଇ ଯାଉଥିଲା ଯେପରିକି ତାହା ଏକ ଚନ୍ଦ୍ର ଅଟେ ଓ ଆମେମାନେ ଆପଣ ସ.ଅଙ୍କର ଉକ୍ତ ଖୁସିକୁ ସହଜରେ ଚିହ୍ନି ନେଉଥିଲୁ ।"

ହୁଜୁର ଅନ୍ୱର ଅ.ବ କହିଲେ, ହ. କାଆବ୍ ର.ଅ କହିଲେ, "ମୁଁ ଯେତେବେଳେ ଆପଣ ସ.ଅଙ୍କ ସମ୍ମୁଖରେ ବସିଗଲି ସେତେବେଳେ ମୁଁ କହିଲି, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୋର ଏହି କ୍ଷମା ଯାଚନା ଗୃହୀତ ହେବା ବଦଳରେ ମୁଁ ନିଜର ସମସ୍ତ ସମ୍ପତ୍ତିକୁ ଦାନ କରୁଛି । ମୋର ଏହି ସମ୍ପତ୍ତି ଅଲ୍ଲାଃତାଲା ଏବଂ ତାହାଙ୍କ ବାର୍ତ୍ତାବହଙ୍କ ସଦ୍‌କା (ଦାନ ଧର୍ମ) ନିମନ୍ତେ ଉଦ୍ଦିଷ୍ଟ ହେବ । ରସୁଲୁଲ୍ଲାଃ ସ.ଅ କହିଲେ, "ହେ କାଆବ୍! ତୁମେ ନିଜ ସମ୍ପତ୍ତିରୁ କିଛି ନିଜ ପାଇଁ ମଧ୍ୟ ରଖ । କାରଣ ଏହା ତୁମ ପକ୍ଷେ ଉତ୍ତମ ଅଟେ । ମୁଁ କହିଲି, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୁଁ ନିଜର ସେହି ଭାଗକୁ ରଖି ନେଉଛି ଯାହା ଖୈବର୍ ଠାରେ ଅଛି । ମୁଁ କହିଲି ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଅଲ୍ଲାଃତାଲା ମୋତେ ଅବିଚଳତା ଏବଂ ସତ୍ୟବାଦୀତା ଯୋଗୁଁ ମୋତେ ମୁକ୍ତି ପ୍ରଦାନ କଲେ ଏବଂ ମୋର କ୍ଷମାଯାଚନା ମଧ୍ୟରୁ ଏହା ମଧ୍ୟ ରହିଛି ଯେ, ଯେପର୍ଯ୍ୟନ୍ତ ମୁଁ ଜୀବିତ ରହିବି ସେପର୍ଯ୍ୟନ୍ତ ମୁଁ ସର୍ବଦା ସତ୍ୟ କହିବି । କାରଣ ମୁଁ ମୁସଲମାନମାନଙ୍କ ମଧ୍ୟରୁ କୌଣସି ମୁସଲମାନ ବ୍ୟକ୍ତି ଜାଣି ନାହିଁ ଯେ, ସତ୍ୟ କଥା କହିବା ଯୋଗୁଁ ଅଲ୍ଲାଃତାଲା ତାକୁ ଏଭଳି ଭଲ ଭବାରେ ପରୀକ୍ଷା କରିଥିବେ ଯେପରି ସେ ମୋତେ ପରୀକ୍ଷା କରିଛନ୍ତି । ମୁଁ ରସୁଲ୍ କରୀମ୍ ସ.ଅଙ୍କୁ ପ୍ରକୃତ ଘଟଣା ବର୍ଣ୍ଣନା କଲି । ମୁଁ ଯେତେବେଳେ ରସୁଲ୍ କରୀମ୍ ସ.ଅଙ୍କୁ ଉକ୍ତ କଥା ବର୍ଣ୍ଣନା କଲି କି ମୁଁ ଆଜି ପର୍ଯ୍ୟନ୍ତ ଜାଣି ଶୁଣି ମିଛ କଥା କହି ନାହିଁ ଏବଂ ମୁଁ ଆଶା କରୁଛି ଯେ, ମୁଁ ଆଗକୁ ମଧ୍ୟ ଯେପର୍ଯ୍ୟନ୍ତ ମୁଁ ଜୀବିତ ଅଛି ସେପର୍ଯ୍ୟନ୍ତ ଅଲ୍ଲାଃତାଲା ମୋତେ ମିଛ କହିବାରୁ ନିବୃତ୍ତ ରଖିବେ । ସୁତରାଂ ଅଲ୍ଲାଃତାଲା ନିଜର ବାର୍ତ୍ତାବହ ହ. ମୁହମ୍ମଦ ସ.ଅଙ୍କ ଉପରେ ଐଶୀବାଣୀ ଅବତୀର୍ଣ୍ଣ କଲେ ଯେ, "ଅଲ୍ଲାଃତାଲା ନବୀ ଏବଂ ପ୍ରବାସକାରୀ ଓ ଅନ୍‌ସାର୍‌ମାନଙ୍କ ଉପରେ ଅନୁତାପ (ତୌବା) (କ୍ଷମା ଯାଚନା କରି) ଆନତ ହେଲେ ଅର୍ଥାତ୍ ପ୍ରସନ୍ନ ହେଲେ। ଅର୍ଥାତ୍ ନବୀ ଏବଂ ପ୍ରବାସକାରୀ ଓ ଅନ୍‌ସାରମାନେ ଅଭାବ ଅନଟନ ସମୟରେ ସେହି ବାର୍ତ୍ତାବହଙ୍କୁ ଅନୁକରଣ କରିଥିଲେ । ତତ୍ପରେ ଏହା ନିକଟବର୍ତ୍ତୀ ଥିଲା କି ସେମାନଙ୍କ ମଧ୍ୟରୁ ପ୍ରତ୍ୟେକ ବ୍ୟକ୍ତିର ମନ କୁଟିଳ ହୋଇଯାଇ ଥାଆନ୍ତା । ତଥାପି ସେ ଅର୍ଥାତ୍ ଅଲ୍ଲାଃତାଲା ସେମାନଙ୍କର କ୍ଷମା ଯାଚନାକୁ ସ୍ୱୀକାର କରିନେଲେ । ନିଃସନ୍ଦେହ ରୂପେ ସେ (ଅଲ୍ଲାଃତାଲା) ସେମାନଙ୍କ ନିମନ୍ତେ ଅଶେଷ ଦୟାବାନ୍ ଓ ସଦା କରୁଣାମୟ ଅଟନ୍ତି ।"

ହୁଜୁର ଅନୱର୍ ଅ.ବ କହିଲେ, ମୁଁ ଅଲ୍ଲାଃତାଲାଙ୍କ ଶପଥ କରି କହୁଛି ! ତତ୍ପରେ ଅଲ୍ଲାଃତାଲା ଯେବେ ଠାରୁ ମୋତେ ଇସ୍‌ଲାମ୍ ଧର୍ମର ସତ୍‌ମାର୍ଗ ପ୍ରଦାନ କଲେ ସେବେ ଠାରୁ କେବେ ବି ଏପରି ପୁରସ୍କାର ଅପେକ୍ଷା ଅନ୍ୟ କୌଣସି ପୁରସ୍କାର ପ୍ରଦାନ କରି ନାହାନ୍ତି । ମୁଁ ରସୁଲୁଲ୍ଲାଃ ସ.ଅଙ୍କୁ ସବୁ ସତ ସତ କହିଦେଲି । ମୁଁ ନିଜକୁ ସୌଭାଗ୍ୟ ଏବଂ ଧନ୍ୟ ବୋଲି ମନେକରୁଛି ଯେ, ମୁଁ ଆପଣ ସ.ଅଙ୍କୁ ମିଛ କଥା କହିଲି ନାହିଁ । ମୁଁ ଯଦି ମିଛ କହୁଥିବା ଲୋକମାନଙ୍କ ପରି ମିଛି କହି ଦେଇଥାଆନ୍ତି ତେବେ ଯେପରି ମିଛ କହିଥିବା ଲୋକମାନଙ୍କର ଅବସ୍ଥା (ସର୍ବନାଶ) ହୋଇଥିଲା ଠିକ୍ ସେହିପରି ମୋର ମଧ୍ୟ ସର୍ବନାଶ ହୋଇଥାଆନ୍ତା ।

ହୁଜୁର ଅନ୍ୱର୍ ଅ.ବ କହିଲେ, ହ. କାଆବ୍ ବିନ୍ ମାଲିକ୍ ର.ଅ କହୁଥିଲେ ଯେ, "ଆମ ତିନିଜଣଙ୍କ ନିର୍ଣ୍ଣୟ ଅର୍ଥାତ୍ ବିଚାର ପ୍ରସଙ୍ଗକୁ ସେହି ଲୋକମାନଙ୍କ ନିର୍ଣ୍ଣୟ (ବିଚାର)ପଛରେ ରଖାଗଲା । ଅର୍ଥାତ୍ ଯେଉଁ ଲୋକମାନେ ଆପଣ ସ.ଅଙ୍କ ସମ୍ମୁଖରେ ରାଣ ଖାଇଲେ ସେହି ଲୋକମାଙ୍କ ଠାରୁ ରସୁଲୁଲ୍ଲାଃ ସ.ଅ ବୈଅତ୍ ନେଲେ ଏବଂ ସେମାନଙ୍କର କ୍ଷମା ତଥା ଅସୁବିଧାକୁ ସ୍ୱୀକାର କରି ନେଇଥିଲେ ଓ ସେମାନଙ୍କ ନିମନ୍ତେ କ୍ଷମା ପ୍ରାପ୍ତିର ଦୁଆ ମଧ୍ୟ କରିଥିଲେ । ଅତଏବ୍ ରସୁଲୁଲ୍ଲାଃ ସ.ଅ ସେମାନଙ୍କର କ୍ଷମା ଯାଚନାକୁ ସ୍ୱୀକାର କରି ଆମର ବିଚାରକୁ ମୁଲତବୀ କରିଦେଲେ ଏପର୍ଯ୍ୟନ୍ତକି ଅଲ୍ଲାଃତାଲା ଏଥି ସଂକ୍ରାନ୍ତରେ ନିର୍ଣ୍ଣୟ କରିଦେଲେ । ତେଣୁ ଏହି ନ୍ୟାୟ ବିଚାର ହେଉଛି ସେହି ନ୍ୟାୟ ବିଚାର ଯେଉଁ ନ୍ୟାୟ ବିଚାର ଅଲ୍ଲାଃତାଲା କରିଥିଲେ ।"

ହୁଜୁର ଅନ୍ୱର୍ ଅ.ବ କହିଲେ, ହ. କାଆବ୍ ବିନ୍ ମାଲିକ୍ ର.ଅ କହିଲେ, ସେହିପରି ଯେଉଁ ତିନିଜଣ ଲୋକ ତୁବୁକ୍ ଯୁଦ୍ଧରେ ପଛରେ ରହିଯାଇଥିଲେ ସେହି ତିନିଜଣ ଲୋକମାନଙ୍କ ଉପରେ ଅଲ୍ଲାଃତାଲା ନିଜର କୃପାବତୀର୍ଣ୍ଣ କଲେ । ସେହି ତିନିଜଣଙ୍କ ବିଚାର ତଥା ନିର୍ଣ୍ଣୟକୁ ଅଲ୍ଲାଃତାଲା ବିଳମ୍ବ କରିଦେଲେ । ଉକ୍ତ ଘଟଣାର ଚର୍ଚ୍ଚା ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମ୍‌ରେ କରିଦେଲେ । ଅତଏବ୍ ତହିଁରୁ ସେମାନଙ୍କର ଯୁଦ୍ଧରେ ପଛରେ ରହିଯିବା ଯଥାର୍ଥ ନୁହେଁ ବରଂ ସେମାନଙ୍କର ବିଚାର ତଥା ନିର୍ଣ୍ଣୟକୁ ପଛରେ ରଖାଯିବା ଅର୍ଥାତ୍ ବିଳମ୍ବ କରିବା ଯଥାର୍ଥ ଅଟେ । ଅର୍ଥାତ୍ ମିଥ୍ୟା କଥନକାରୀମାନେ ଆଁହଜରତ ସ.ଅଙ୍କ ସମ୍ମୁଖରେ ମିଛ ଶପଥ ବା ରାଣ ଖାଇଥିଲେ ଏବଂ ଆପଣ ସ.ଅ ସେମାନଙ୍କର କ୍ଷମାକୁ ଗ୍ରହଣ କରି ନେଇଥିଲେ । କିନ୍ତୁ ଆମେ ତିନି ଜଣ ସତ କଥା କହିଥିଲୁ । **(ସହିହୁଲ୍ ବୁଖାରୀ କିତାବୁଲ୍ ମୁଗାଜି, ବାବ୍-ହଦିସୁ କାଆବ୍ ବିନ୍ ମାଲିକ୍ ର.ଅ, ହଦିସ୍ ନଂ-4418, ଅନୁବାଦକ, ଗ୍ରନ୍ଥଖଣ୍ଡ-9, ପୃ-304-317)**

ହୁଜୁର ଅନ୍ୱର୍ ଅ.ବ କହିଲେ, ବର୍ତ୍ତମାନ ମୁଁ ତିନିଜଣ ମୃତକମାନଙ୍କର ଚର୍ଚ୍ଚା ମଧ୍ୟ କରିବି । ଅତଏବ୍ ନମାଜ୍ ଜୁମା ପରେ ଏହି ମୃତକମାନଙ୍କର ନମାଜ ଯନାଜାଃ ପାଠ କରାଇବି । ତେଣୁ ତୁବୁକ୍ ଯୁଦ୍ଧର ଅବଶିଷ୍ଟାଂଶ ମୁଁ **ଇନ୍‌ଶାଅଲ୍ଲାଃ** ଆସନ୍ତାର ଖୁତ୍‌ବାରେ ଆଲୋଚନା କରିବି । ମୃତକମାନଙ୍କ ମଧ୍ୟରୁ ପ୍ରଥମ ମୃତକ ହେଲେ ସ୍ୱର୍ଗତ ହାଫିଜ୍ ମୁହମ୍ମଦ୍ ଇବ୍ରାହିମ୍ ଆବିଦ୍ ସାହେବ । ଆପଣ ମୁବଲ୍ଲିଗ୍ ସିଲ୍‌ସିଲା ଥିଲେ । ବିଗତ ଦିନରେ 72 ବର୍ଷ ବୟସରେ ଆପଣଙ୍କର ବିୟୋଗ ହୋଇଯାଇଛି । إِنَّا لِلّٰهِ وَإِنَّا إِلَيْهِ رَاجِعُوْنَ । ହୁଜୁର୍ ଅନ୍ୱର୍ ଅ.ବ କହିଲେ, ସ୍ୱର୍ଗତ ହାଫିଜ୍ ଇବ୍ରାହିମ୍ ସାହେବ ଚକ୍‌ୱାଲ୍ ଜିଲ୍ଲାର ଏକ ଅଞ୍ଚଳରେ ଜନ୍ମ ଗ୍ରହଣ କରିଥିଲେ । 1967 ମସିହାରେ ହ. ଖଲିଫତୁଲ୍ ମସିହ୍ ସାଲିସ୍ ର.ଅଙ୍କ ହସ୍ତରେ ଆପଣ ବୈଅତ୍ କରି ଜମାଅତ୍‌ରେ ପ୍ରବିଷ୍ଟ ହୋଇଥିଲେ। ସ୍ୱର୍ଗତ ହାଫିଜ୍ ସାହେବ ଆଜନ୍ମ ଅନ୍ଧ ଥିଲେ । ନିଜ ଗ୍ରାମରେ ହିଁ ଆପଣ ପବିତ୍ର କୁରଆନ୍ କରୀମ୍ ମୁଖସ୍ତ କରିଥିଲେ । 1967 ମସିହାରେ ଆପଣ ଯାମିୟା ଅହମଦିୟାରେ ପ୍ରବିଷ୍ଟ ହୋଇଥିଲେ ଏବଂ 1977 ମସିହାରେ ଯାମିୟାରୁ ସ୍ନାତକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ ଏବଂ ଶାହିଦ୍ ଡୀଗ୍ରୀ ପ୍ରାପ୍ତ କରିବା ସଙ୍ଗେସଙ୍ଗେ ଆରବୀ ଭାଷାରେ ଫାଜିଲ୍‌ର ପରୀକ୍ଷା ମଧ୍ୟ ପାସ୍ କରିଥିଲେ । ଆପଣଙ୍କୁ ଜଣେ ମୁବଲ୍ଲିଗ୍ ସିଲ୍‌ସିଲା ହିସାବରେ ଇସ୍‌ଲାହ୍ ଓ ଇର୍ଶାଦ୍ ମକାମିରେ ଏବଂ ପୁନଶ୍ଚ ମଦ୍ରସତୁଲ୍ ହିଫଜ୍ ଠାରେ ଜଣେ ଶିକ୍ଷକ ରୂପେ ସେବା କରିବାକୁ ସାମର୍ଥ୍ୟ ପ୍ରାପ୍ତ ହୋଇଥିଲା । ଏହାପରେ ଆପଣ ଫୈସଲାବାଦ୍‌ର ଏକ ଗ୍ରାମରେ ମଧ୍ୟ ରହିଥିଲେ । ପୁନଶ୍ଚ ତାଙ୍କୁ ଇଣ୍ଡୋନେସିଆକୁ ଦୁଇ ବର୍ଷ ପାଇଁ ମୁବଲ୍ଲିଗ୍ ରୂପେ ସେବା କରିବାକୁ ସାମର୍ଥ୍ୟ ପ୍ରାପ୍ତ ହୋଇଥିଲା । ଇସ୍‌ଲାହ୍ ଓ ଇର୍ଶାଦ୍ ମର୍କଜିୟାରେ ମଧ୍ୟ ଆପଣ ରହିଥିଲେ । ପୁନଶ୍ଚ ଦାରୁଜ୍ ଜିୟାଫତ୍ ଠାରେ ତାଙ୍କୁ ମୁବଲ୍ଲିଗ୍ ରୂପେ ନିଯୁକ୍ତ କରାଯାଇଥିଲା । ଆପଣ ଅନ୍ଧମାନଙ୍କର ଯେଉଁ କମିଟି ଗଠନ କରିଥିଲେ, 2000 ମସିହାରେ ଆପଣ ସେହି କମିଟିର ସଚିବ ମଧ୍ୟ ହେଲେ। ଆପଣଙ୍କୁ ଖିଲାଫତ୍ ଲାଇବ୍ରେରୀରେ ମଧ୍ୟ ସେବା ସମ୍ପାଦନ କରିବାକୁ ସାମର୍ଥ୍ୟ ପ୍ରାପ୍ତ ହୋଇଥିଲା । ବ୍ରାଜିଲ୍ ଭାଷା ମଧ୍ୟ ସେ ଶିଖିଥିଲେ । ଇମ୍‌ଦାଦୁର୍ ରହମାନ୍ ସାହେବ ନାମକ ତାଙ୍କର ଜଣେ ସହପାଠୀ (କ୍ଲାସ୍ ଫେଲୋ)ବାଂଲାଦେଶରେ ଅଛନ୍ତି। ସେ କୁହନ୍ତି ଯେ, ଆମେମାନେ ରବୱାରେ ଯାମିୟା ଅହମଦିୟାରେ ଏକତ୍ରିତ ପାଠ ପଢୁଥିଲୁ । ହାଫିଜ୍ ସାହେବ ଅତ୍ୟନ୍ତ ବୁଦ୍ଧିମାନ ଓ ବିଚକ୍ଷଣ ଛାତ୍ର ଥିଲେ । ଆପଣଙ୍କର ସ୍ମରଣ ଶକ୍ତି ମଦ୍ୟ ପ୍ରଖର ଥିଲା । କୌଣସି ଆୟତ୍‌ର କିଞ୍ଚିତ ଅଂଶ ଯେତେବେଳେ ହାଫିଜ୍ ସାହେବଙ୍କୁ ପଚରା ଯାଉଥିଲା ଏବଂ ହାଫିଜ୍ ସାହେବଙ୍କୁ ଯେତେବେଳେ କୁହାଯାଉଥିଲା ଯେ, ହାଫିଜ୍ ସାହେବ ! ଏହି ଆୟତ୍ କେଉଁଠି ଅଛି ସେତେବେଳେ ହାଫିଜ୍ ସାହେବ ଏକ ମିନିଟରେ ଭାବି କହି ଦେଉଥିଲେ ଯେ, ଉକ୍ତ ଆୟତ୍‌ଟି ଅମକ ସୁରାଃର ପ୍ରାରମ୍ଭରେ କିମ୍ବା ମଧ୍ୟବର୍ତ୍ତୀ ସ୍ଥାନରେ ଅଛି । ଯାମିୟାରେ ଶିକ୍ଷକ ଯାହା ବି ପାଠ ପଢାଉଥିଲେ ତାହାକୁ ହାଫିଜ୍ ସାହେବ ଅତ୍ୟନ୍ତ ଭଲ ଭାବରେ ମନେ ରଖୁଥିଲେ। ହ. ଖଲିଫତୁଲ୍ ମସିହି ସାଲିସ୍ ର.ଅ ସ୍ୱର୍ଗତ ହାଫିଜ୍ ସାହେବଙ୍କ ଉପରେ ବିଶେଷ ବାତ୍ସଲ୍ୟତା ପ୍ରଦର୍ଶନ କରୁଥିଲେ । ସେହି କାରଣରୁ ଆପଣ ଯାମିୟାରେ ପ୍ରବିଷ୍ଟ ହୋଇଥିଲେ ଏବଂ ଆପଣଙ୍କର ଯାମିୟାରେ ଆଡ଼ମିଶନ ହୋଇଥିଲା । ହାଫିଜ୍ ସାହେବ କୌଣସି ବିଦ୍ୟାଳୟରୁ ପାଠ ପଢି ନଥିଲେ । କିନ୍ତୁ ତଥାପି ଆପଣ ଯାମିୟାରେ ଭଲ ଶିକ୍ଷା ପ୍ରାପ୍ତ କଲେ । ଯେତେବେଳେ ବି କୌଣସି ସମସ୍ୟା ଉପୁଜୁଥିଲା ସେତେବେଳେ ଆପଣ

**ଅଲ୍ଲାଃତାଲାଙ୍କ ବାଣୀ**

**ଅଲ୍ଲାଃତାଲା କୁହନ୍ତି:** وَمَا خَلَقْتُ الْجِنَّ وَالْإِنْسَ إِلَّا لِيَعْبُدُوْنِ

(ଅଜ୍ ଜାରିୟାତ୍: 57)

ଅନୁବାଦ୍: ଏବଂ ଆମ୍ଭେ ଜିନ୍ନ ଓ ଇନସକୁ ନିଜର ଉପାସନା ସକାଶେ ସୃଷ୍ଟି କରିଅଛୁ ।

ତାଲିବେ ଦୁଆ: Akhtara Begum & Family,
B.D.A, Bhubaneshwar (Odisha)

**ଅଲ୍ଲାଃତାଲାଙ୍କ ବାଣୀ**

**ଅଲ୍ଲାଃତାଲା କୁହନ୍ତି:** وَذَكِّرْ فَإِنَّ الذِّكْرَىٰ تَنْفَعُ الْمُؤْمِنِيْنَ

(ଅଜ୍ ଜାରିୟାତ୍: 56)

ଅନୁବାଦ୍:ଏବଂ ସ୍ମରଣ କରାଉ ଥାଅ, କାରଣ ସ୍ମରଣ କରାଇବା ବିଶ୍ୱାସକାରୀମାନଙ୍କୁ- ଲାଭ ଦେଇଥାଏ ।

ତାଲିବେ ଦୁଆ:Shamim Ahmad, S/o- Late Sk Abdul Gaffar &
Jamila Sahiba, Jamat Ahmadiya Kotpalla (Odisha)

ତୁରନ୍ତ ହ. ଖଲିଫତୁଲ୍ ମସିହ୍ ସାଲିସ୍ ର.ଅଙ୍କ ପାଖରେ ପହଞ୍ଚି ଯାଉଥିଲେ ଏବଂ ଖଲିଫାଙ୍କ ଠାରୁ ମାର୍ଗଦର୍ଶନ ପ୍ରାପ୍ତ କୁରଥିଲେ । ହ. ଖଲିଫତୁଲ୍ ମସିହ୍ ସାଲିସ୍ ର.ଅ ମଧ୍ୟ ହାଫିଜ୍ ସାହେବଙ୍କ ପ୍ରତି ଅସୀମ ଦୟା ପ୍ରଦର୍ଶନ କରୁଥିଲେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେହିପରି ହନିଫ୍ ମହମୁଦ୍ ସାହେବ ମଧ୍ୟ ସ୍ୱର୍ଗତ ହାଫିଜ୍ ସାହେବଙ୍କ ସଂପର୍କରେ ଅନେକ କଥା ଉଲ୍ଲେଖ କରିଛନ୍ତି । ତହିଁରୁ ମୁଁ କେତେକ କଥା ବର୍ଣ୍ଣନା କରି ଦେଉଛି । ସେ କୁହନ୍ତି ଯେ, ମୁଁ ସାଢେ ସାତ ବର୍ଷ ପରେ ଆଫ୍ରିକାରୁ ଯେତେବେଳେ ଫେରିଲି ସେତେବେଳେ ଏକଦା ମୁଁ ହାଫିଜ୍ ସାହେବଙ୍କର ହାତ ଧରି ଜୋରରେ ଚିପିଦେଲି । କିନ୍ତୁ ମୁଁ କିଛି କହିଲି ନାହିଁ । ହାଫିଜ୍ ସାହେବ ତୁରନ୍ତ ଚିହ୍ନି ପକାଇଲେ ଏବଂ ମୋ ନାଁ ଧରି କହିଲେ, ହନିଫ୍ ସାହେବ ! କେବେ ଆସିଲ ? ହନିଫ୍ ସାହେବ କୁହନ୍ତି ଯେ, ସାଢେ ସାତ ବର୍ଷ ପରେ ମଧ୍ୟ କେବଳ ମୋ ହାତର ସ୍ପର୍ଶ ଦ୍ୱାରା ସେ ମୋତେ ଚିହ୍ନି ପକାଇଲେ । ହାଫିଜ୍ ସାହେବ ଏହି ଗର୍ବ ଭାବ ପ୍ରକାଶ କରୁଥିଲେ ଯେ, ମୁଁ ପବିତ୍ର କୁରଆନ୍ କରୀମ୍ ଶୁଣାଇବାରେ କେବେ ବି ଭୁଲ୍ କରିବି ନାହିଁ । ବାସ୍ତବରେ ଆପଣ ଏହିପରି ହିଁ ଥିଲେ । ଉକ୍ତ କଥାଟି ସତ ଥିଲା । ହୁଜୁର ଅନ୍‌ୱର୍ ଅ.ବ କହିଲେ, ପୁନଶ୍ଚ ହନିଫ୍ ସାହେବ ଉଲ୍ଲେଖ କରନ୍ତି ଯେ, ସ୍ୱର୍ଗତ ହାଫିଜ୍ ଇବ୍ରାହିମ୍ ସାହେବ ଏଠାକୁ ଜଲ୍‌ସାରେ ଆସିଲେ । ମୋ ସାଙ୍ଗରେ ଯେତେବେଳେ ଭେଟ ହେଲେ ସେତେବେଳେ ସେ ମୋତେ କହିଲେ, ମୁଁ ଆପଣଙ୍କୁ ଦେଖି ନେଇଛି । ସେତେବେଳେ ମୁଁ ତାଙ୍କୁ କହିଲି ଦେଖିଲି କିପରି ? ଆପଣଙ୍କର ତ' ଦୃଷ୍ଟିଶକ୍ତି ନାହିଁ । ପ୍ରତ୍ୟୁତ୍ତରରେ ହାଫିଜ୍ ସାହେବ କହିଲେ, ମୁଁ ହୃଦୟ ମଧ୍ୟରେ ଥିବା ଚକ୍ଷୁ ଦ୍ୱାରା ଯାହା ଦେଖିଅଛି ତାହା ପ୍ରକାଶ୍ୟ ଚକ୍ଷୁ ଦେଖି ପାରିବି  ନାହିଁ । ସ୍ୱର୍ଗତ ହାଫିଜ୍ ସାହେବଙ୍କ ମଧ୍ୟରେ ଅତ୍ୟନ୍ତ ନିଷ୍ଠା ଓ ବିଶ୍ୱସ୍ତତା ରହିଥିଲା ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସେହିପରି ତାଙ୍କୁ ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କ ପୁସ୍ତକର ପ୍ରାମାଣ୍ୟମାନ ମଧ୍ୟ ସ୍ମରଣ (ମନେ) ରହିଥିଲା । ଏଥି ସଂକ୍ରାନ୍ତରେ ମଧ୍ୟ କେତେକ ଲୋକମାନେ ମୋତେ ପତ୍ର ଲେଖିଛନ୍ତି । ସ୍ୱର୍ଗତ ହାଫିଜ୍ ସାହେବଙ୍କୁ ପ୍ରାୟ 47 ବର୍ଷ ପର୍ଯ୍ୟନ୍ତ ଜମାଅତର ସେବା କରିବାକୁ ସାମର୍ଥ୍ୟ ପ୍ରାପ୍ତ ହୋଇଥିଲା। ଖିଲାଫତ୍ ସହିତ ସ୍ୱର୍ଗତଙ୍କର ସଂପର୍କ ଅତି ନିବିଡ଼ ଥିଲା । ଅଲ୍ଲାଃତାଲାଙ୍କ କୃପାରୁ ଆପଣ ଓସିୟତ୍ କରିଥିଲେ । ହାଫିଜ୍ ସାହେବଙ୍କ ଶୋକ ସନ୍ତପ୍ତ ପରିବାରବର୍ଗଙ୍କ ମଧ୍ୟରେ ପତ୍ନିଙ୍କ ବ୍ୟତୀତ ଦୁଇ ଜଣ ପୁତ୍ର ସନ୍ତାନ ଓ ଚାରି ଜଣ କନ୍ୟା ସନ୍ତାନମାନେ ମଧ୍ୟ ଅଛନ୍ତି । ଅଲ୍ଲାଃତାଲା  ସ୍ୱର୍ଗତଙ୍କ ପ୍ରତି ସଦୟ ହୁଅନ୍ତୁ ଏବଂ ବୈକୁଣ୍ଠରେ ସ୍ୱର୍ଗତଙ୍କର ସ୍ତରକୁ ଉନ୍ନୀତ କରନ୍ତୁ ଓ ସ୍ୱର୍ଗତଙ୍କ ସନ୍ତାନ ସନ୍ତତିଙ୍କୁ ଧୈର୍ଯ୍ୟ ଓ ସାହସ ପ୍ରଦାନ କରନ୍ତୁ। ଆମିନ୍ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, **ଦ୍ୱିତୀୟ** ଯନାଜାଃ ହେଲା ଶେଖ୍ ଅବୁ ବକ୍କର ଜର୍ଜ୍ ସାହେବଙ୍କର । ଆପଣ ଲାଇବେରିୟାର ମୁଅଲ୍ଲିମ୍ ସିଲ୍‌ସିଲା ଥିଲେ । ତାଙ୍କର ମଧ୍ୟ ବିଗତ ଦିନରେ 70 ବର୍ଷ ବୟସରେ ସାମୟିକ ଅସୁସ୍ଥ ହେବା ପରେ ବିୟୋଗ ହୋଇଯାଇଛି । إِنَّا لِلّٰهِ وَإِنَّا إِلَيْهِ رَاجِعُوْنَ । ଆପଣ କିଛି କାଳ ଫୁସସଫୁସ୍ ସଂକ୍ରମଣରେ ସଂକ୍ରମିତ ଥିଲେ । ହୁଜୁର ଅନ୍‌ୱର୍ ଅ.ବ କହିଲେ, 1980 ମସିହାରେ ଆପଣ ସେରାଲିଓନ୍‌ରେ ବୈଅତ୍ କରି ଜମାଅତ୍‌ରେ ପ୍ରବିଷ୍ଟ ହୋଇ ଯାଇଥିଲେ । ସାଂସାରିକ ଦୃଷ୍ଟିରୁ ଆପଣଙ୍କର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ଥିଲା । ଅବସର ପରେ ଅଲ୍ଲାଃତାଲା ଆପଣଙ୍କ ମନରେ ଧର୍ମସେବା ନିମନ୍ତେ ଅସାଧାରଣ ଉତ୍ସାହ ସୃଷ୍ଟି କରିଥିଲେ । ପୂର୍ବେ ଆପଣ ପବିତ୍ର କୁରଆନ୍ କରୀମ୍ ପାଠ କରୁଥିଲେ । କିନ୍ତୁ ଆପଣ ଏତେ କୁରଆନ୍ ପାଠ କରୁ ନଥିଲେ । କିନ୍ତୁ ଅବସର ନେବା ପରେ ବିଶେଷ ରୂପେ ପବିତ୍ର କୁରଆନ୍ କରୀମ୍ ପାଠ କରିବା ପ୍ରତି ଧ୍ୟାନ ଦେଲେ ଏବଂ 60 ବର୍ଷ ବୟସରେ ଆପଣ ଅତ୍ୟନ୍ତ ସଠିକ୍ ଭାବରେ ପବିତ୍ର କୁରଆନ୍ କରୀମ୍  ଶିଖିଲେ । ପୁନଶ୍ଚ ଆପଣ ଏହି ସଂକଳ୍ପ ନେଲେ ଯେ, ଅବଶିଷ୍ଟ ଜୀବନ ତକ ମୁଁ ଧର୍ମ ସେବା କାର୍ଯ୍ୟରେ ନିଜକୁ ସମର୍ପିତ ଓ ଉତ୍ସର୍ଗ କରିଦେବି । ଯଦିଓ ଆପଣ ୱାକ୍‌ଫେ ଜିନ୍ଦିଗୀ (ଉତ୍ସର୍ଗୀକୃତ ଜୀବନ) ନଥିଲେ । କିନ୍ତୁ ବ୍ୟବହାରିକ ରୂପେ ଆପଣ ସେହି ରୂପ ଦେଖାଇଲେ ଯାହା ୱାକ୍‌ଫିନେ ଜିନ୍ଦିଗୀ ଠାରୁ ମଧ୍ୟ ବେଶ ଅଧିକ ଥିଲା । ଆପଣ ଜମାଅତ୍ ଅହମଦିୟାର ସେବା ଏବଂ ତବ୍‌ଲିଗରେ ସର୍ବଦା ନିମଜ୍ଜିତ ରହୁଥିଲେ ଏବଂ ଗୋଟିଏ ବର୍ଷର ମୌଳିକ ଶିକ୍ଷା ଜମଅତ୍ ପକ୍ଷରୁ ଆପଣଙ୍କୁ ମିଳିଥିଲା । ସ୍ୱର୍ଗତଙ୍କୁ କଣ୍ଡେନ୍‌ସ୍‌ଡ୍ କୋର୍ସ ପ୍ରାପ୍ତ ହୋଲ ଏବଂ ଏତଦ୍‌ପରେ ତାଙ୍କୁ ମୁଅଲ୍ଲିମ୍‌ରେ ନିଯୁକ୍ତ କରିଦିଆଗଲା । 2012 ମସିହାରେ ଆପଣଙ୍କୁ ଆପଣଙ୍କ ସହରରେ ହିଁ ମୁଅଲ୍ଲିମ୍ ରୂପେ ନିଯୁକ୍ତ କରାଗଲା । ଗାଣ୍ଟା (Ganta) ସହରରେ ସ୍ୱର୍ଗତଙ୍କର ବାସ ଭବନ ମଧ୍ୟ ଥିଲା । ଉକ୍ତ ବାସ ଭବନକୁ ଆପଣ ନମାଜ୍ ସେଣ୍ଟର ରୂପେ ୱକ୍‌ଫ୍ କରିଦେଲେ । ସେହି ବାସ ଭବନର ପରିସରରେ ଆପଣ ଏକ କ୍ଷୁଦ୍ର ମସଜିଦ୍ ନିର୍ମାଣ କରାଇଲେ । ଆପଣ ଧର୍ମସେବା କାର୍ଯ୍ୟ କରୁଥିଲେ । ସେହିପରି ଆପଣଙ୍କୁ ନିମ୍ବା (Nimba) କାଉଣ୍ଟିର ପ୍ରଥମ ମୁବଲ୍ଲିଗ୍ ହେବାର ସୌଭାଗ୍ୟ ମଧ୍ୟ ଅର୍ଜନ ହେଲା ଓ ମୃତ୍ୟୁ ପର୍ଯ୍ୟନ୍ତ ଆପଣ ଏହିଠାରେ ହିଁ ସେବା କରିବାକୁ ସାମର୍ଥ୍ୟ ଲାଭ ପାଇଲେ । ଗାଣ୍ଟା (Ganta)ରେ ଆପଣ ନିଜର ବ୍ୟକ୍ତିଗତ ପ୍ଲଟ୍ ମସ୍‌ଜିଦ୍ ଏବଂ ମିଶନ ହାଉସ୍ ନିମନ୍ତେ ଦେଇଦେଲେ ଯେଉଁଠି ଆଜି ମର୍କଜି ମସ୍‌ଜିଦ୍ ଏବଂ ଆଞ୍ଚଳିକ ମିଶନ ହାଉସ୍ ସ୍ଥାପିତ ହୋଇଛି । ସେହିପରି ମୁନ୍‌ରୋୱିୟାର ଗ୍ରାମାଞ୍ଚଳରେ ନିଜର ଏକ ପ୍ଲଟ୍ ଏବଂ ଛୋଟିଆ ଘର ମଧ୍ୟ ଆପଣ ଜମାଅତ୍‌କୁ ଭେଟି ସ୍ୱରୂପ ଦେଇଦେଲେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ସ୍ୱର୍ଗତ ଶେଖ୍ ଅବୁ ବକ୍କର୍ ସାହେବ ଜମାଅତ୍ ସହିତ ସର୍ବଦା ନିଷ୍ଠତା ଏବଂ ବିଶ୍ୱସ୍ତତାର ସଂପର୍କ ରଖିଥିଲେ । ବାର୍ଦ୍ଧକ୍ୟତା ଏବଂ ଦୁର୍ବଳତା ସତ୍ତ୍ୱେ ନିଜର କାଉଣ୍ଟିର ଦୁରବର୍ତ୍ତୀ ଅଞ୍ଚଳର ଅହରହ ଗସ୍ତ କରୁଥିଲେ । କିନ୍ତୁ ମାର୍ଗ କଚ୍ଚା ଏବଂ ଅତ୍ୟନ୍ତ ଦୁର୍ଗମ ହେଉଥିଲା । ଆପଣଙ୍କ ତବ୍‌ଲିଗି ପ୍ରଚେଷ୍ଟା ଫଳରେ କେତେକ ପ୍ରାନ୍ତରେ ମଧ୍ୟ ଅହମଦିୟତ୍ ଚାଲି ଆସିଥିଲା । ଆପଣ ନମାଜ୍, ରୋଜା ଓ ପବିତ୍ର କୁରଆନ୍ କରୀମ୍‌ର ତିଲାୱତ୍‌ର ନିୟମାନୁବର୍ତ୍ତୀ ଥିଲେ । ଚାନ୍ଦା ନିୟମିତ ପୈଠ କରୁଥିଲେ । ଅଭାବି ଏବଂ ଦରିଦ୍ରମାନଙ୍କର ଯତ୍ନ ନେଉଥିଲେ । ଆର୍ଥିକ୍ ବଳିଦାନରେ ମଧ୍ୟ ଆପଣ ପ୍ରତିଦ୍ୱନ୍ଦ୍ୱିତ ରୂପେ ଅଂଶଗ୍ରହଣ କରୁଥିଲେ । ଆପଣ ଜଣେ ପୁଣ୍ୟବାନ୍ ଓ ଜଣେ ନିଷ୍ଠାପର ବ୍ୟକ୍ତି ଥିଲେ । ଅଲ୍ଲାଃତାଲାଙ୍କ କୃପାରୁ ଆପଣ ଓସିୟତ୍ କରିଥିଲେ। ମୃତ୍ୟୁ ପରେ ଓସିୟତ୍‌ର ଯେତେବେଳେ ହିସାବ କିତାବ କରାଗଲା ସେତେବେଳେ ପ୍ରାୟ 4 ଲକ୍ଷ ଲାଇବେରୀୟାନ୍ ଡଲାର୍ ଅତିରିକ୍ତ ଅର୍ଥରାଶି ଥିଲା । ସ୍ୱର୍ଗତଙ୍କର ଖିଲାଫତ୍ ସହିତ ଅତି ଘନିଷ୍ଠ ତଥା ନିବିଡ଼ ସଂପର୍କ ଥିଲା । ଶୋକ ସନ୍ତପ୍ତ ପରିବାର ବର୍ଗରେ ପତ୍ନିଙ୍କ ବ୍ୟତୀତ ତିନି ଜଣ ପୁତ୍ର ସନ୍ତାନ ଏବଂ ଦୁଇ ଜଣ କନ୍ୟା ସନ୍ତାନ ଅଛନ୍ତି । ଅଲ୍ଲାଃତାଲା ସ୍ୱର୍ଗତଙ୍କ ପ୍ରତି ସଦୟ ହୁଅନ୍ତୁ ଏବଂ ସ୍ୱର୍ଗତଙ୍କର ସନ୍ତାନ ସନ୍ତତିଙ୍କୁ ମଧ୍ୟ ଜମାଅତ୍ ସହିତ ବିଶ୍ୱସ୍ତତାର ସଂପର୍କ ଅକ୍ଷୁର୍ଣ୍ଣ ରଖିବାକୁ ସାମର୍ଥ୍ୟ ପ୍ରଦାନ କରନ୍ତୁ। **ଆମିନ୍** ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, **ତୃତୀୟ** ଯନାଜାଃ ହେଲା ଲାଇବେରିୟାର ଫଜଲ୍ ମହମୁଦ୍ ଭନ୍ନୋ ସାହେବଙ୍କର ପତ୍ନି ସ୍ୱର୍ଗତା ସମିନା ଭନ୍ନୋ ସାହେବାଙ୍କର। ସ୍ୱର୍ଗତାଙ୍କର ମଧ୍ୟ ବିଗତ ଦିନରେ ବିୟୋଗ ହୋଇଯାଇଛି । إِنَّا لِلّٰهِ وَإِنَّا إِلَيْهِ رَاجِعُوْنَ। ହୁଜୁର ଅନ୍‌ୱର୍ ଅ.ବ କହିଲେ, ସ୍ୱର୍ଗତା ହ. ମସିହ୍ ମଉଦ୍ ଅ.ସଙ୍କ ସାହାବି ହ. ମୌଲାନା ଅବ୍‌ଦୁର୍ ରହିମ୍ ଦର୍ଦ୍ ସାହେବଙ୍କର ନାତୁଣୀ ଥିଲେ । ଦର୍ଦ୍ ସାହେବ ଏଠାରେ ଅର୍ଥାତ୍ ୟୁ.କେରେ ମୁବଲ୍ଲିଗ୍ ରୂପେ ରହିଥିଲେ । ସ୍ୱର୍ଗତା ବି.ଏର ଶିକ୍ଷା ରବ୍‌ୱାରୁ ପ୍ରାପ୍ତ କରିଥିଲେ । ପୁନଶ୍ଚ ଲାହୋର ସ୍ଥିତ ପଞ୍ଜାବ ବିଶ୍ୱବିଦ୍ୟାଳୟରୁ ଆରବୀ ଭାଷାରେ ଏମ୍.ଏ (ସ୍ନାତକୋତ୍ତର) ଡିଗ୍ରୀ ପ୍ରାପ୍ତ କରିଥିଲେ । ପ୍ରାୟ 35 ବର୍ଷ କାଳ ପର୍ଯ୍ୟନ୍ତ ସ୍ୱର୍ଗତା ଆଫ୍ରିକାର ନିଜର ୱାକ୍‌ଫେ ଜିନ୍ଦିଗୀ ସ୍ୱାମୀ ମହୋଦୟଙ୍କ ସହିତ ପ୍ରତ୍ୟେକ ପ୍ରକାରର ଚ୍ୟାଲେଞ୍ଜ୍‌ର ସମ୍ମୁଖୀନ ହୋଇ ଅତ୍ୟନ୍ତ ସାହସିକତାର ସହିତ ଜୀବନ ଅତିବାହିତ କଲେ ଏବଂ ପ୍ରତ୍ୟେକ ଅବସ୍ଥାରେ ଆପଣ ଅବିଚଳତା ପ୍ରଦର୍ଶନ କଲେ। ଜୀବନର ପ୍ରତିଟି ପାଦରେ ଆପଣ ୱକ୍‌ଫ୍‌ର ସର୍ତ୍ତକୁ ସହାସ୍ୟତାର ସହିତ ପୂର୍ଣ୍ଣ କଲେ ଏବଂ ଦାମ୍ପତ୍ୟ ଜୀବନରେ ପାରସ୍ପାରିକ ମଧୁର ପ୍ରେମ ସୃଷ୍ଟି କରିବା ନିମନ୍ତେ ଉଦ୍ୟମ କଲେ ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ତାଙ୍କର ନିକଟବର୍ତ୍ତୀ ସଂପର୍କୀୟ, ତାଙ୍କର ଭାଇ ମଧ୍ୟ ତାଙ୍କ ସଂପର୍କରେ ଉଲ୍ଲେଖ କରିଛନ୍ତି ଯେ, ସ୍ୱର୍ଗତା ସର୍ବଦା ଆମମାନଙ୍କର ସଂପର୍କକୁ ପରସ୍ପର ମଧ୍ୟରେ ଯୋଡ଼ିବାରେ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ । ଆପଣ ପ୍ରତ୍ୟେକଙ୍କ ସହିତ ପ୍ରେମ ତଥା ଆନ୍ତରୀକତା ଆଚରଣ ପ୍ରଦର୍ଶନ କରିଥିଲେ। ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଫ୍ରେଞ୍ଚ୍ ଡେସ୍କର ଅବ୍‌ଦୁଲ୍ ଗନି ଜାହାଙ୍ଗୀର ସାହେବ ଉଲ୍ଲେଖ କରନ୍ତି ଯେ, ଯେହେତୁ ସ୍ୱର୍ଗତା ସମିନା ସାହେବାଙ୍କର ସ୍ୱାମୀ ମହୋଦୟ ମରେଶିୟସ୍‌ର ଅଧିବାସୀ ଥିଲେ ଏବଂ ତାଙ୍କର ସଂପର୍କ ଜାହାଙ୍ଗୀର ସାହେବଙ୍କ ସହିତ ଥିଲା । ସେଇଥି ପାଇଁ ତାଙ୍କ ସହିତ ମଧ୍ୟ ମୋ ମାଙ୍କର ସଂପର୍କ ରହିଥିଲା । ଜାହାଙ୍ଗୀର୍ ସାହେବ କୁହନ୍ତି: "ମୁଁ ଏକଦା ସ୍ୱର୍ଗତା ସମିନା ସାହେବାଙ୍କୁ ପଚାରିଲି ଯେ, ମହୋଦୟା ! ଆପଣ ଡାକ୍ତର ସାହେବଙ୍କ ଅବସର ନେବା ପରେ ପାକିସ୍ତାନ ଯିବାକୁ ପସନ୍ଦ କରିବେ ନା ମରେଶିୟସ୍ ଯିବାକୁ ପସନ୍ଦ କରିବେ ? କାରଣ ଆପଣଙ୍କର ଶାଶୁ ଘର ତ' ମରେଶିୟସ୍ ଠାରେ ରହିଛି । ସେ ଅର୍ଥାତ୍ ସ୍ୱର୍ଗତା ସମିନା ସାହେବା କହିଲେ, ନା ମୁଁ ପରା ଅଫ୍ରିକୀୟ ହୋଇଯାଇଛି, ନା ମୁଁ ପାକିସ୍ତାନର ଯିବି ଓ ନା ମୁଁ ମରେଶିୟସ୍ ଯିବି । ମୋତେ ଆଫ୍ରିକା ଭଲ ଲାଗୁଛି ଏବଂ ମୁଁ ସବୁ ଦିନ ପାଇଁ ଏଠାରେ ରହିବାକୁ ଚାହୁଁଛି । ଫ୍ରାନ୍‌ସିସି ଭାଷା କହୁଥିବା ରାଷ୍ଟ୍ରମାନଙ୍କରେ ରହିବା ଯୋଗୁଁ ସ୍ୱର୍ଗତା ଫ୍ରେଞ୍ଚ ଭାଷାରେ ପାରଙ୍ଗମ ହୋଇ ଯାଇଥିଲେ ।"

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଜାହାଙ୍ଗୀର ସାହେବ ଉଲ୍ଲେଖ କରନ୍ତି: "ଏକଦା ସ୍ୱର୍ଗତାଙ୍କ ଶାଶୁ ମହୋଦୟା ମୋତେ କହିଲେ, ସମିନା ମୋର ସବୁଠୁ ବେଶୀ ପ୍ରିୟ ବଧୂ ଅଟେ । କାରଣ ସମିନା ବହୁତ ମିତବ୍ୟୟିନୀ ଅଟେ ଏବଂ କେବେ ବି କୌଣସି ଅଭିଯୋଗ କରି ନାହିଁ । କିନ୍ତୁ ଡାକ୍ତରମାନେ କେତେକ ପରିସ୍ଥିତିରେ ମଧ୍ୟ ଆର୍ଥିକ ରୂପେ ସ୍ୱଚ୍ଛଳ ଥାଆନ୍ତି । ଏସବୁ ସତ୍ତ୍ୱେ କେତେକ ସ୍ଥାନରେ ଯେତେବେଳେ ଡାକ୍ତରମାନଙ୍କର କୌଣସି ସ୍ଥାନରେ ଯେତେବେଳେ ନିଯୁକ୍ତି ହୁଏ ସେତେବେଳେ ସେମାନଙ୍କର ଅବସ୍ଥା ଭଲ ଥାଏ । ପୁନଶ୍ଚ ଏପରି କେତେକ ସ୍ଥାନ ରହିଛି ଯେ, ଯେଉଁଠି ଡାକ୍ତରମାନଙ୍କର ନିଯୁକ୍ତ ହୁଏ ସେତେବେଳେ ସେଠାରେ ଡାକ୍ତରମାନଙ୍କର ଆୟ ଖୁବ୍ କମ୍ ହୋଇଥାଏ ଏବଂ ସାଧାରଣ ଅର୍ଥରେ ହିଁ ଦିନ କାଟିବାକୁ ପଡ଼ିଥାଏ । କିନ୍ତୁ ମହୋଦୟା ଅତ୍ୟନ୍ତ ଧୈର୍ଯ୍ୟ ଏବଂ ସାହସର ସହିତ ନିଜ ସ୍ୱାମୀଙ୍କୁ ସମର୍ଥନ ଜଣାଇଲେ ଏବଂ ସ୍ୱଳ୍ପ ଆୟରେ ମଧ୍ୟ ନିଜର ଗୁଜୁରାଣ ମେଣ୍ଟାଇଲେ ।"

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ସ୍ୱର୍ଗତା ଅମିନା ସାହେବାଙ୍କର ସ୍ୱାମୀ ମହୋଦୟ ମଧ୍ୟ ଅତ୍ୟନ୍ତ ବିଶ୍ୱସ୍ତତାର ସହିତ ନିଜର ୱକ୍‌ଫ୍‌କୁ ସମ୍ପାଦନ କଲେ । ଅତଏବ୍ ସ୍ୱର୍ଗତାଙ୍କ ଶାଶୁ ମହୋଦୟା କୁହନ୍ତି ଯେ, ବିଦ୍ୟାଳୟରୁ **(ଅବଶିଷ୍ଟାଂଶ...ପୃ-10ରେ)**

## ପୃ-2ରେ ବର୍ଣ୍ଣିତ ସମ୍ପାଦକୀୟର ଅବଶିଷ୍ଟାଂଶ....

କରିଛନ୍ତି ତତ୍‌ସଂକ୍ରାନ୍ତୀୟ ପ୍ରସଙ୍ଗକୁ ଏଠାରେ ସମାପ୍ତ କରାଗଲା । ହୁଜୁର ଅ.ସ କୁହନ୍ତି: "ପ୍ରତ୍ୟେକ ବ୍ୟକ୍ତି ଯିଏ ଉକ୍ତ ଐଶୀ ଜଲ୍‌ସା **(ଅବଶିଷ୍ଟାଂଶ.ପୃ-12ରେ)**

କନ୍ୟା ଆସିଲାଏବଂ ସେହି କନ୍ୟା ମଧ୍ୟ ଡାକ୍ତର ହୋଇୟାଇଛି ଏବଂ ୱକ୍ଫ୍ କରିଛି ଓ ହସ୍ପିଟାଲରେ ସେବା କରୁଛି । ସୁପୁତ୍ରୀଙ୍କର ନାମ ଅନିଲା ଅଟେ । ହୁଜୁର୍ ଅନ୍ୱର୍ ଅ.ବ କହିଲେ, ସେ ଯାହା ହେଉ ଯେତେବେଳେ ସେହି କନ୍ୟା ବିଦ୍ୟାଳୟରୁ ଘରକୁ ଆସୁଥିଲା ସେତେବେଳେ ସ୍କୁଲ ବ୍ୟାଗ୍ ଫଟାଥିଲା । ନୂଆ ବ୍ୟାଗ୍ କିମିବା ପରବର୍ତ୍ତେ ସ୍ୱର୍ଗତା ନିଜର କନ୍ୟାକୁ କହିଲେ, ପୁତ୍ରୀ ! ମୁଁ ତୋର ବ୍ୟାଗ୍ ଟିକ୍ କରି ଦେଉଛି । ସ୍ୱର୍ଗତା ସ୍ୱୟଂ ନିଜ ହାତରେ ସେହି ଫଟା ବ୍ୟାଗକୁ ସିଲେଇ କରି ଠିକ୍ କରି ଦେଲେ ।

ହୁଜୁର ଅନ୍ୱର୍ ଅ.ବ କହିଲେ, ସ୍ୱର୍ଗତା ଅତ୍ୟନ୍ତ ସରଳ ସ୍ୱଭାବର ମହିଳା ଥିଲେ। ସ୍ୱର୍ଗତା ପାଞ୍ଚବେଳା ନମାଜ ପାଠ କରୁଥିଲେ, ମେଳାପୀନୀ ପ୍ରିୟ ମହିଳା ଥିଲା। ଲୋକମାନଙ୍କ ପ୍ରତି ସମବେଦନା ଜ୍ଞାପନ, ମାତୃ ବାତ୍ସଲ୍ୟତା, ସନ୍ତାନମାନଙ୍କର ଯତ୍ନ ରଖୁଥିବା ମାତା, ଦୁଆ କାରୀଣୀ, ଧୈର୍ଯ୍ୟଶୀଳୀ ପ୍ରଦର୍ଶନକାରୀନୀ, ଅତିଥି ସତ୍କାରକା ଏବଂ ସୁଶୀଳା ଓ ଅଭାବିମାନଙ୍କର ଯତ୍ନ ନେଉଥିଲେ । ପ୍ରାରମ୍ଭିକ କାଳରେ ବୁର୍କିନାଫାସୋକୁ ଯେତେବେଳେ ଆମର ମୁବଲ୍ଲିଗିନ୍‌ମାନେ ଯାଉଥିଲେ ସେଠାରେ ସମିନା ସାହେବା ସେମାନଙ୍କର ଯତ୍ନ ନେଇଥିଲେ । ସେହି ମୁବଲ୍ଲିଗିନ୍‌ମାନେ ମଧ୍ୟ ମୋତେ ପତ୍ର ଉଲ୍ଲେଖ କଲେ ଯେ, ଆମେମାନେ ଯେତେବେଳେ ବୁର୍କିନାଫାସୋ ଯାଉଥିଲୁ ସେତେବେଳେ ମହୋଦୟା ଆମମାନଙ୍କର ଯତ୍ନ ନେଉଥିଲେ । ଆମେମାନେ ଏକୁଟିଆ ଯେତେବେଳେ ହେଉଥିଲୁ ସେତେବେଳେ ଖାଦ୍ୟ ପେୟର ଯତ୍ନ ମଧ୍ୟ ସର୍ବଦା ନେଉଥିଲେ । ମହୋଦୟାଙ୍କର ଖିଲାଫତ୍ ସହିତ ପ୍ରେମର ସୀମା ଅସୀମ ଥିଲା । ସ୍ୱର୍ଗତା ଅଲ୍ଲାଃତାଲାଙ୍କ କୃପାରୁ ଓସିୟତ୍ କରିଥିଲେ । ଶୋକ ସନ୍ତପ୍ତ ପରିବାର ବର୍ଗଙ୍କ ମଧ୍ୟରେ ସ୍ୱାମୀଙ୍କ ବ୍ୟତୀତ ଗୋଟିଏ କନ୍ୟା ସନ୍ତାନ ମଧ୍ୟ ରହିଛି। ତାଙ୍କର ଭାଇ ଡାକ୍ତର ମହ୍‌ମୁଦ ଆତିଫ୍ ସାହେବ ଫଜ୍‌ଲେ ଉମର୍ ହସ୍ପିଟାଲରେ କାର୍ଯ୍ୟରତ ଅଛନ୍ତି ଏବଂ ମକ୍‌ସୁଦ୍ ଆତିଫ୍ ସାହେବ ନାମକ ଆଉ ଜଣେ ଭାଇ ଅଛନ୍ତି ଯେକି ମୁବଲ୍ଲିଗ୍ ସିଲ୍‌ସିଲା ଅଟନ୍ତି ।

ହୁଜୁର ଅନ୍ୱର୍ ଅ.ବ କହିଲେ, ଅଲ୍ଲାଃତାଲା ସ୍ୱର୍ଗତାଙ୍କ ପ୍ରତି ସଦୟ ହୁଅନ୍ତୁ ଏବଂ ସ୍ୱର୍ଗତାଙ୍କର ସ୍ତରକୁ ଉନ୍ନୀତ କରନ୍ତୁ ଓ ସ୍ୱର୍ଗତାଙ୍କ ପରି ଆଚରଣ, ବିଶ୍ୱସ୍ତତା ସ୍ୱର୍ଗତାଙ୍କର ସନ୍ତାନ ସନ୍ତତିମାନେ ମଧ୍ୟ ପ୍ରଦର୍ଶନ କରନ୍ତୁ । **ଆମିନ୍** । ହୁଜୁର ଅନ୍ୱର୍ ଅ.ବ କହିଲେ, ଯେପରିକି ମୁଁ କହିଲି, ନମାଜ ଜୁମା ପରେ ମୁଁ ଏହି ମୃତକ ଓ ମୃତକାମାନଙ୍କର ନମାଜ୍ ଯନାଜାଃ ଗାଏବ୍ ପାଠ କରାଇବି । **ଇନ୍‌ଶାଅଲ୍ଲାଃ** । **(ଅଲ୍ ଫଜଲ୍ ଇଣ୍ଟର୍‌ନେସନାଲ୍, 2025 ମସିହା ଡିସେମ୍ବର୍ ମାସ 19 ତାରିଖ, ପୃ-2-6)** ☆--☆--☆

## ବିଗତ ସଂଖ୍ୟା 01-02, ପୃ-2ରେ ବର୍ଣ୍ଣିତ ଖୁତବା ଜୁମା 21-11-25ର ଅବଶିଷ୍ଟାଂଶ....

ହୁଜୁର ଅନ୍ୱର୍ ଅ.ବ କହିଲେ, ସେ ଯାହା ହେଉ ଯେତେବେଳେ ସକାଳ ହେଲା ସେତେବେଳେ ୱସ୍ ସଂପ୍ରଦାୟର ଅଧିପତି ହ. ଉସୈଦ୍ ବିନ୍ ହୁଜୈର୍ ର.ଅ ଆପଣ ସ.ଅଙ୍କ ସେବାରେ ଉପସ୍ଥିତ ହେଲେ । ହୁଜୁର ସ.ଅ ତାଙ୍କୁ କହିଲେ, ହେ ହୁଜୈର୍! ଗତ ରାତ୍ରରେ କେତେକ କପଟବିଶ୍ୱାସୀମାନେ ଏହି ଉଦ୍ୟମ କରିଥିଲେ ଯେ, ସେମାନେ ଘାଟିରେ ହୁଜୁର୍ ସ.ଅଙ୍କ ପିଛା କରିବେ ଏବଂ ରାତ୍ରର ଅନ୍ଧକାରରେ ଓଟକୁ ହଇରାଣ କରିବେ, ଓଟ ମୁହଁରେ ବନ୍ଧା ହୋଇଥିବା ଦଉଡ଼ିକୁ କାଟିଦେବେ । ଓଟକୁ ମୁନିଆ ବସ୍ତୁ ଚୁଭେଇବେ ଯଦ୍ଦ୍ୱାରାକି ଓଟ ଦ୍ରୁତଗାମୀ ଚାଲିବାକୁ ଲାଗିବ । ଏପର୍ଯ୍ୟନ୍ତକି ଓଟ ମୋତେ ନିଜ ପିଠି ଉପରୁ ତଳକୁ ଖସାଇଦେବ । ପ୍ରତ୍ୟୁତ୍ତରରେ ହ. ଉସୈଦ୍ ର.ଅ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆପଣ ସ.ଅ ପ୍ରତ୍ୟେକ ସଂପ୍ରଦାୟକୁ ଏହି ଆଦେଶ ଦିଅନ୍ତୁ ଯେ, ସେହି ସଂପ୍ରଦାୟ ପ୍ରତ୍ୟେକ ସେହି ବସ୍ତୁକୁ ବଧ କରିଦେଉ ଯିଏ ଉକ୍ତ ଷଡ଼ଯନ୍ତ୍ରରେ ସାମିଲ୍ (ଜଡ଼ିତ) ଥିଲା । ହ. ହୁଜୈର୍ ର.ଅ ଆବେଗ ପ୍ରବଣ ହୋଇ ଏକଥା କହିବାକୁ ଲାଗିଲେ ହେ ଅଲ୍ଲାଃଙ୍କ ବାର୍ତ୍ତାବହ! ଏପରି ମନ୍ଦ ଲୋକମାନଙ୍କୁ ଏମିତି ଛାଡ଼ି ଦିଆଯିବ ? ଆମେମାନେ କେଉଁ ପର୍ଯ୍ୟନ୍ତ ସେମାନଙ୍କ ଠାରୁ କେବେ ପର୍ଯ୍ୟନ୍ତ ଚାଟୁକାରୀତା କରୁଥିବୁ ? ଆଜି ସେହି କପଟବିଶ୍ୱାସୀମାନେ ସଂଖ୍ୟାଲଘୁ ଅଛନ୍ତି ଏବଂ ତିରସ୍କୃତ ହୋଇ ସାରିଛନ୍ତି ଏବଂ ଇସ୍‌ଲାମ୍ ଧର୍ମ ନିଜର ଆଧିପତ୍ୟ ବିସ୍ତାର କରି ନେଇଛି । ପ୍ରତ୍ୟୁତ୍ତରରେ ରସୁଲ୍ କରୀମ୍ ସ.ଅ କହିଲେ, ହେ ଉସୈଦ୍ ମୁଁ ଏହା ପସନ୍ଦ କରୁ ନାହିଁ ଯେ, ଲୋକମାନେ କହି ବୁଲିବେ ଯେ, ମୁହମ୍ମଦ୍ ସ.ଅଙ୍କ ମଧ୍ୟରେ ଏବଂ ଅବିଶ୍ୱାସକାରୀମାନଙ୍କ ମଧ୍ୟରେ ଯୁଦ୍ଧ ପରିସମାପ୍ତି ହେବା ମାତ୍ରେ ମୁହମ୍ମଦ୍ ସ.ଅ ନିଜର ସାହାବାମାନଙ୍କୁ ହତ୍ୟା କରିବା ଆରମ୍ଭ କରିଦେଇଛି। ହ. ଉସୈଦ୍ ର.ଅ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ! ଏହି ଲୋକମାନେ ଆମମାନଙ୍କର ଲୋକ ନୁହନ୍ତି । ଏମାନେ ଆପଣ ସ.ଅଙ୍କର ସାଥି କେବେ ହେଲେ ହେବା ନାହିଁ ? ରସୁଲୁଲ୍ଲାଃ ସ.ଅ କହିଲେ, ହେ ଉସୈଦ୍ ! କ'ଣ ଏହି ଲୋକମାନେ ଶାହାଦତ୍ (ସାକ୍ଷ୍ୟ) لا إله إلا اللهର ସ୍ୱୀକାରୋକ୍ତି ପରିପ୍ରକାଶ କରି ନାହାନ୍ତି ? ହ. ଉସୈଦ୍ ର.ଅ କହିଲେ, ନିଃସନ୍ଦେହ ଏମାନେ ସ୍ୱୀକାରୋକ୍ତି ପ୍ରକାଶ କରିଛନ୍ତି । କିନ୍ତୁ ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ସେହି କପଟବିଶ୍ୱାସୀମାନଙ୍କର କୌଣସି ସାକ୍ଷ୍ୟ ଗ୍ରହଣଯୋଗ୍ୟ ନୁହେଁ । ଆମେନେ ଉପର ଠଉରିଆ ଭାବରେ ସାକ୍ଷ୍ୟ ଦେଇଛନ୍ତି । କିନ୍ତୁ ମନରୁ କୌଣସି ସାକ୍ଷ୍ୟ ଦେଇ ନାହାନ୍ତି । ଆପଣ ସ.ଅ କହିଲେ, ଯେହେତୁ ସେମାନେ କଲମା ଶାହାଦତ୍‌ର ସ୍ୱୀକାରୋକ୍ତି ତୁଣ୍ଡରୁ ହିଁ ପ୍ରକାଶ କରିଛନ୍ତି ତେଣୁ ସେମାନଙ୍କୁ ହତ୍ୟା କରିବି ନାହିଁ । **(ସହି ମୁସ୍‌ଲିମ୍, କିତାବୁସ୍ ସିଫାତିଲ୍ ମୁନାଫିକିନା ୱ ଅହ୍‌କାମିହିମ୍, ବାବ୍-ଏହିଠାରୁ ଆରମ୍ଭ, ହଦିସ୍ ନଂ-2779) (ସବ୍‌ଲୁଲ୍ ହୁଦା ୱର୍ ରଶ୍ଟାଦ୍, ଗ୍ରନ୍ଥଖଣ୍ଡ-5, ପୃ-466, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍, 1993 ମସିହା) (ଅଲ ବଦାୟା ୱନ୍ ନହାଇୟାହ୍, ଗ୍ରନ୍ଥଖଣ୍ଡ-3, ଭାଗ-5, ପୃ-20-21, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟାହ୍, ବୈରୁତ୍, 2001 ମସିହା)(ଅଲ୍ ଲୁଉଲୁଉଲ୍ ମକ୍‌ନୁନ୍ ଜୀବନୀ ଶବ୍ଦକୋଷ, ଗ୍ରନ୍ଥଖଣ୍ଡ-9, ପୃ-542-550, ଦାରୁସ୍ ସଲାମ୍) (ଦାଏରାହ୍ ମାଆରିଫ୍, ଆଁହଜରତ ସ.ଅଙ୍କ ଜୀବନୀ, ଗ୍ରନ୍ଥଖଣ୍ଡ-9, ପୃ-513-515, ବଜ୍‌ମେ ଇକ୍‌ବାଲ୍ ଲାହୋର୍) (ତୁବୁକ୍ ଯୁଦ୍ଧ, ଲେଖକ-ବାଶ୍‌ମିଲ୍, ପୃ-189-201, ନଫିସ୍ ଏକାଡ଼େମୀ)**

ହୁଜୁର ଅନ୍ୱର୍ ଅ.ବ କହିଲେ, ଆଜିକାଲି ନାମକୁ ମାତ୍ର ବିଦ୍ୱାନ୍ ପଣ୍ଡିତମାନେ ଯେଉଁମାନେ ଧର୍ମାଦେଶ ଦିଅନ୍ତି ଯେ, କଲ୍‌ମା କୁହାଳୀମାନଙ୍କୁ ହତ୍ୟା କରିଦିଅ । ସେମାନଙ୍କୁ ଏହି ଆଦେଶ ନିଜ ସମ୍ମୁଖର ରଖିବା ଉଚିତ୍ । ହ. ମୁସ୍‌ଲେହ୍ ମଉଦ୍ ର.ଅ କୁହନ୍ତି ଯେ, "ମଦିନାର କପଟବିଶ୍ୱାସୀମାନଙ୍କୁ ଯେତେବେଳେ ଏହା ଜ୍ଞାତ ହେଲା କି ଯୁଦ୍ଧକୁ ବୃଦ୍ଧି କରିବା ଦ୍ୱାରା କିଛି ହେଲା ନାହିଁ ଏବଂ ମୁହମ୍ମଦ୍ ସ.ଅ ସକୁଶଳେ ଫେରି ଆସୁଛନ୍ତି ତେବେ ସେମାନେ ବୁଝିନେଲେ ଯେ, ଆମମାନଙ୍କର କପଟବିଶ୍ୱାସୀତାର ଇନ୍ଦ୍ର ଜାଲର ରହସ୍ୟ ବର୍ତ୍ତମାନ ମୁହମ୍ମଦ ସ.ଅ ଆଗରେ ପ୍ରକଟିତ ହୋଇଯାଇଅଛି ଏବଂ ସମ୍ଭବତଃ ଆମେମାନେ ବର୍ତ୍ତମାନ ଶାସ୍ତିରୁ ବର୍ତ୍ତି ପାରିବୁ ନାହିଁ । ଅତଏବ୍ ସେତେବେଳେ ସେମାନେ ମଦିନା ଠାରୁ କିଛି ଦୂରରେ କିଛି ଲୋକ ମାର୍ଗରେ ବସାଇଦେଲେ । ଯେଉଁ ମାର୍ଗରେ ଏହି ଲୋକମାନଙ୍କୁ ବସା ଯାଇଥିଲା ସେହି ମାର୍ଗଟି ଅତ୍ୟନ୍ତ ସଂକୀର୍ଣ୍ଣ ପଥ ଥିଲା । ସେହି ମାର୍ଗରେ କେବଳ ଗୋଟିଏ ଅଶ୍ୱାରୋହୀ ହିଁ ଅତିକ୍ରମ କରିପାରୁଥିଲା। ସୁତରାଂ ଆପଣ ସ.ଅ ଯେତେବେଳେ ସେହି ସ୍ଥାନରେ ପହଞ୍ଚିଲେ ସେତେବେଳେ ଆପଣଙ୍କୁ ଅଲ୍ଲାଃତାଲା ଐଶୀବାଣୀ ଦ୍ୱାରା କହିଦେଲେ ଯେ, ହେ ମୁହମ୍ମଦ୍ ସ.ଅ ! ତୁମେ ସେଠାକୁ ଯାଇ ଦେଖ । ଅତଏବ୍ ଆଁହଜରତ ସ.ଅ ସେଠାକୁ ଦ୍ରୁତ ଗତିରେ ବାହାନକୁ ଧରି ଯେତେବେଳେ ପହଞ୍ଚିଲେ ସେତେବେଳେ ଆପଣ ସ.ଅ ସେଠାରେ କେତେକ ଲୋକମାନଙ୍କୁ ଲୁଚି ଥିବାରେ ଦେଖିବାକୁ ପାଇଲେ ।"

ହୁଜୁର ଅନ୍ୱର୍ ଅ,ବ କହିଲେ ନାନା ବର୍ଣ୍ଣନା ରହିଛି ତନ୍ମଧ୍ୟରୁ ଉପରୋକ୍ତ ଏକ ବର୍ଣ୍ଣନାଟି ମଧ୍ୟ ରହିଛି ଯାହାକୁ ହ. ମୁସ୍‌ଲେହ୍ ମଉଦ୍ ର.ଅ ବର୍ଣ୍ଣନା କରିଛନ୍ତି । "ଯେପରିକି ଆକ୍ରମଣକାରୀମାନେ ଲୁଚି ଛପି ବସି ଥାଆନ୍ତି ଠିକ୍ ସେହିପରି ସେହି କପଟବିଶ୍ୱାସୀମାନେ ଲୁଚି ବସିଥିଲେ । ଆଁହଜରତ୍ ସ.ଅ ଏବଂ ସାହାବାମାନଙ୍କ ପହଞ୍ଚିବା ଦ୍ୱାରା ସେହି କପଟବିଶ୍ୱାସୀମାନେ ସେଠାରୁ ପଳାୟନ କଲେ । ଆଁହଜରତ ସ.ଅଙ୍କୁ ସେହି ଲୋକମାନଙ୍କର ପିଛା କରିବା ଉଚିତ୍ ବୋଲି ମନେ ହେଲା ନାହିଁ। ସୁତରାଂ ଆପଣ ସ.ଅ ଯେତେବେଳେ ମଦିନାରେ ପହଞ୍ଚିଲେ ସେତେବେଳେ କପଟବିଶ୍ୱାସୀମାନେ ଯେଉଁମାନେ ଉକ୍ତ ଯୁଦ୍ଧରେ ସାମିଲ୍ ହୋଇ ନଥିଲେ ସେମାନେ ନାନା ଆଳ ତଥା ବାହାନା କରିବା ଆରମ୍ଭ କରିଦେଲେ ଏବଂ ରସୁଲ୍ କରୀମ୍ ସ.ଅ ସେମାନଙ୍କର ଆଳକୁ ସ୍ୱୀକାର କରିନେଲେ । କିନ୍ତୁ ବର୍ତ୍ତମାନ ସମୟ ଆସି ଯାଇଥିଲା ଯେ, ସେହି କପଟବିଶ୍ୱାସୀମାନଙ୍କର ବାସ୍ତବତା ତଥା ସତ୍ୟତା ମୁସଲମାନମାନଙ୍କ ସମ୍ମୁଖରେ ପରିପ୍ରକାଶିତ କରିଦିଆଯାଉ ।"

**(ଦିବାଚା ତଫ୍‌ସିରୁଲ୍ କୁରଆନ୍, ଅନ୍‌ୱାରୁଲ୍ ଉଲୁମ୍, ଗ୍ରନ୍ଥଖଣ୍ଡ-20, ପୃ-362)**

ହୁଜୁର ଅନ୍ୱର୍ ଅ,ବ କହିଲେ, ଯେପରିକି ଚର୍ଚ୍ଚା ହୋଇ ସାରିଛି ଯେ, ମକ୍କା ବିଜୟ ହେବା ପରେ କପଟବିଶ୍ୱାସୀମାନଙ୍କର ଷଡ଼ଯନ୍ତ୍ର ବୃଦ୍ଧି ପାଇଥିଲା ଏବଂ ସେମାନେ ଯେତେବେଳେ ଏହା ଅବୋଲକନ କଲେ ଯେ, ଆରବର ଆଖପାଖ ସଂପ୍ରଦାୟମାନେ ଏବଂ ଇହୁଦୀ ସଂପ୍ରଦାୟମାନେ ନିଜର ଶକ୍ତି ହରାଇ ସାରିଛନ୍ତି ଏବଂ ପରାଜିତ ହୋଇ ସାରିଛନ୍ତି ସେତେବେଳେ ସେମାନେ ଆରବ ବାହାରେ କୈସରେ ରୋମ୍ ଭଳି ବାହ୍ୟ ଏବଂ ବୃହତ୍ ଶକ୍ତି ଠାରୁ ସାହାଯ୍ୟ ଲୋଡ଼ିବାର ଯୋଜନା ପ୍ରସ୍ତୁତ କଲେ ଏବଂ ତତ୍‌ସହିତ ମଦିନାରେ ଏକ ସ୍ଥାୟୀ କେନ୍ଦ୍ର ସ୍ଥାପନ କରି କାର୍ଯ୍ୟକ୍ରମ ପ୍ରସ୍ତୁତ କଲେ । ସେହି କେନ୍ଦ୍ରରେ ଏମାନେ ନିୟମିତ ମିଟିଂ କରୁଥିଲେ । ଇସ୍‌ଲାମ୍ ଧର୍ମ ଏବଂ ମୁସଲମାନମାନଙ୍କ ବିରୁଦ୍ଧରେ ଷଡ଼ଯନ୍ତ୍ର ଏବଂ ନାନା ଯୋଜନାମାନ ଏମାନେ ପ୍ରସ୍ତୁତ କଲେ ଏବଂ ଅସ୍ତ୍ରଶସ୍ତ୍ରାଦି ମଧ୍ୟ ଏମାନେ ଏକତ୍ରିତ କଲେ । କିନ୍ତୁ ସେହି କେନ୍ଦ୍ରଟି ଏପରି ଥିଲା ଯେ, ମୁସଲମାନମାନେ ସେହି କେନ୍ଦ୍ର ସଂପର୍କରେ ସନ୍ଦେହ କରି ପାରିଲେ ନାହିଁ। ସୁତରାଂ ଅବୁ ଆମିର୍ ଯେକି କିଛି କାଳ ଧରି ସର୍ବ ସମ୍ମୁଖରୁ ଅଦୃଶ୍ୟ ରହିଥିଲା, ସେ ସହସା ସମ୍ମୁଖକୁ ଚାଲି ଆସିଲା ଏବଂ କପଟବିଶ୍ୱାସୀଙ୍କ ସପକ୍ଷରେ ଯୋଜନା ଏବଂ ଷଡ଼ଯନ୍ତ୍ରକାରୀମାନେ ତାକୁ ଅବୁ ଆମିର୍ ରାହିବ୍ ବୋଲି କହିବା ଆରମ୍ଭ କରିଦେଲେ। ସେ ଲୋକମାନଙ୍କୁ ଏହି ପ୍ରସ୍ତାବ ଦେଲା ଯେ, ଉକ୍ତ କେନ୍ଦ୍ର ସକାଶେ ତୁମେମାନେ ଏକ ମସ୍‌ଜିଦ୍ ନିର୍ମାଣ କର ।

ହୁଜୁର ଅନ୍ୱର୍ ଅ,ବ କହିଲେ, ଅବୁ ଆମିରଙ୍କ ସଂକ୍ରାନ୍ତରେ ଇତିହାସରେ ଅତିରିକ୍ତ ବିବରଣୀ ଉଲ୍ଲେଖ ରହିଛି । ଅବୁ ଆମିର୍ ରାହିବ୍ ନାମରେ ସେ ଖ୍ୟାତ ଥିଲା ଏବଂ ଖଜ୍‌ରଜ୍ ସଂପ୍ରଦାୟ ସହିତ ତା'ର ସଂପର୍କ ଥିଲା । ଯେପରିକି ବିଗତ ଖୁତ୍‌ବାରେ ତା' ସଂପର୍କରେ ବର୍ଣ୍ଣିତ ହୋଇ ସାରିଛି । ରସୁଲୁଲ୍ଲାଃ ସ.ଅଙ୍କ ମଦିନା ଆଗମନ ପରେ ଅବୁ ଆମିର୍ ମକ୍କା ଚାଲିଗଲା ଏବଂ କୁରୈଶ୍‌ମାନଙ୍କୁ ଆଁହଜରତ ସ.ଅଙ୍କ ସହିତ ଯୁଦ୍ଧ କରିବା ନିମନ୍ତେ ପ୍ରବର୍ତ୍ତାଇଲା । ସେ ଏହା କହିଲା କି ହେ କୁରୈଶ୍ ! ମୁଁ ତୁମମାନଙ୍କ ସହିତ ଅଛି ଏବଂ ମୋର ଜାତି ମୋର ଅନୁକରଣକାରୀ ଅଟେ । ତୁମେମାନେ ଯେତେବେଳେ ମୁହମ୍ମଦ ସ.ଅଙ୍କ ସହିତ ଯୁଦ୍ଧ କରିବ ସେତେବେଳେ ଆମେମାନେ ତୁମମାନଙ୍କ ସହିତ ଆସି ମିଶଯିବୁ । ଅବୁ ଆମିର୍ ୱହୋଦ୍ ଯୁଦ୍ଧରେ

କୁରେଶ୍‌ମାନଙ୍କ ସହିତ ସାମିଲ ଥିଲା । ଇସ୍‌ଲାମ୍ ଧର୍ମର ଉନ୍ନତିକୁ ଦେଖି ଅବୁ ଆମିର୍ ବହୁତ୍ ଚିନ୍ତିତ ହେଲା ଏବଂ ବିଦ୍ବେଷର ନିଆଁରେ ସେ ଦଗ୍ଧୀଭୂତ ହେବାକୁ ଲାଗିଲା । ଅର୍ଥାତ୍ ଜଳିବାକୁ ଲାଗିଲା । ସେ ଓହୋଦ୍ ଯୁଦ୍ଧ ଭୂମିରେ ଗର୍ତ୍ତ ଖୋଳିଥିଲା । ସେହି ଗର୍ତ୍ତମାନଙ୍କ ମଧ୍ୟରୁ ଗୋଟିଏ ଗର୍ତ୍ତରେ ଆଁହଜରତ ସ.ଅ ଗମ୍ଭୀର ରୂପେ ଆହତ ମଧ୍ୟ ହୋଇଥିଲେ। ଯେତେବେଳେ ଓହୋଦ୍ ଯୁଦ୍ଧ ଆରମ୍ଭ ହେଲା ସେତେବେଳେ ଅବୁ ଆମିର୍ ନିଜ ଜାତିକୁ ଡାକିବାକୁ ଲାଗିଲା ଯେ, ହେ ଖଜ୍‌ରଜ୍ ସଂପ୍ରଦାୟର ଲୋକମାନେ, ମୁଁ ଅବୁ ଆମିର୍ ଅଟେ । କିନ୍ତୁ ସେହି ଲୋକମାନେ ଅର୍ଥାତ୍ ଖଜ୍‌ରଜ୍ ସଂପ୍ରଦାୟର ଲୋକମାନେ ସେତେବେଳେ ମୁସଲମାନ ହୋଇ ସାରିଥିଲେ । ସେମାନେ ଅବୁ ଆମିରକୁ ଏହି ଉତ୍ତର ଦେଲେ ଯେ, ହେ ଅବୁ ଆମିର୍ ! ହେ ପାପୀ ତଥା ଦୁରାଚାରୀ! ତୋ ନିମନ୍ତେ ସ୍ୱାଗତ ଉଦ୍ଦିଷ୍ଟ ନୁହେଁ । ସେମାନେ ଅବୁ ଆମିର୍‌କୁ ନିନ୍ଦା ଓ ଭର୍ତ୍ସନା କଲେ ଏବଂ ତାକୁ ଅଭିଶାପ ଦେଲେ । ପ୍ରତ୍ୟୁତ୍ତରରେ ଅବୁ ଆମିର୍ କହିଲା, ବଡ଼ ଦୁଃଖ ଓ ପରିତାପର ବିଷୟ ଏହିକି ଯେ, ମୋର ଜାତି ମୋ ଗଲାପରେ ବହୁତ ବିଗିଡ଼ି ଯାଇଛି । ଏତଦ୍‌ପରେ ଅବୁ ଆମିର୍ ଅବୁ ଆମିର୍ ସଂପ୍ରଦାୟର ଅନେକ ଲୋକମାନେ ଯେଉଁମାନେ ରସୁଲୁଲ୍ଲାଃ ସ.ଅଙ୍କ ସହିତ ଶତ୍ରୁତା ଆଚରଣ ରଖୁଥିଲେ ସେମାନେ ମକ୍କା ଆଡ଼କୁ ଚାଲିଗଲେ । ଓହୋଦ୍ ଯୁଦ୍ଧ ପୂର୍ବରୁ ଉକ୍ତ ଘଟଣା ଘଟି ସାରିଥିଲା । ଯେତେବେଳେ ଅବୁ ଆମିର୍ ମକ୍କା ଗଲା ସେତେବେଳେ ସେହି ଲୋକମାନେ ଯେଉଁମାନେ ମୁସଲମାନ ହୋଇ ନଥିଲେ ସେମାନେ ମଧ୍ୟ ତା' ସହିତ ଚାଲିଗଲେ । ସେହି ଲୋକମାନଙ୍କର ସଂଖ୍ୟା ପ୍ରାୟ 25 ଥିଲା ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ବର୍ଣ୍ଣନାରେ ବର୍ଣ୍ଣିତ ହୋଇଛି ଯେ, ଯେତେବେଳେ ରସୁଲୁଲ୍ଲାଃ ସ.ଅ ମଦିନା ପହଞ୍ଚିଲେ ସେତେବେଳେ ଅବୁ ଆମିର୍ ଆପଣ ସ.ଅଙ୍କୁ ସାକ୍ଷାତ୍ କଲେ । ସେ କହିଲା, ହେ ମୁହମ୍ମଦ୍ ସ.ଅ ! ତୁମେ କେଉଁ ଆଡ଼କୁ ଡାକୁଛ? ଆଁହଜରତ ସ.ଅ କହିଲେ, ମୁଁ ତୁମକୁ ହନିଫ୍ ଧର୍ମ ଆଡ଼କୁ ଡାକୁଛି । ସେହି ଧର୍ମ ଯେଉଁ ଧର୍ମକୁ ତୁମେ ସ୍ୱୟଂ ଖୋଜିବାର ଦାବି କରୁଛ । ଅବୁ ଆମିର୍ କହିଲା, ହେ ମୁହମ୍ମଦ୍ ସ.ଅ! କ'ଣ ତୁମେ ସେହି ଧର୍ମରେ ଅଛ ? ରସୁଲୁଲ୍ଲାଃ ସ.ଅ କହିଲେ, ହଁ, ମୁଁ ସେହି ଧର୍ମରେ ଅଛି । ପୁନଶ୍ଚ ଆପଣ ସ.ଅ ଅବୁ ଆମିର୍‌କୁ ଇସ୍‌ଲାମ୍ ଧର୍ମ ଆଡ଼କୁ ଆମନ୍ତ୍ରିତ କଲେ । କିନ୍ତୁ ସେ ଅସ୍ୱୀକାର କରିଦେଲା । ସେ ଇର୍ଷା ଓ ବିଦ୍ବେଷଭାବ ପ୍ରକାଶ କଲା, ଆପଣ ସ.ଅଙ୍କୁ ନିନ୍ଦା ଓ ଭର୍ତ୍ସନା କଲା । ଅବୁ ଆମିର୍ ଆପଣ ସ.ଅଙ୍କୁ ବ୍ୟଙ୍ଗ କରି କହିଲା, ହେ ମୁହମ୍ମଦ୍ ! ଆମମାନଙ୍କ ମଧ୍ୟରୁ ଯିଏ ମିଥ୍ୟାବାଦୀ ଅଟେ ତାକୁ ଅଲ୍ଲାଃତାଲା ଅପରିଚିତ ଏବଂ ମାତୃଭୂମିହୀନ କରି ମୃତ୍ୟୁ ପ୍ରଦାନ କରନ୍ତୁ। ଅବୁ ଆମିର୍ ନବୀ କରୀମ୍ ସ.ଅଙ୍କ ଆଡ଼କୁ ଇଙ୍ଗିତ କରୁଥିଲା । ଆପଣ ସ.ଅ ଅବୁ ଆମିର୍‌କୁ ଉତ୍ତର ଦେଲେ ଯେ, ହେ ଅବୁ ଆମିର୍ ! ହଁ ଅଲ୍ଲାଃତାଲା ମିଥ୍ୟାବାଦୀ ସହିତ ଏହିପିର ହିଁ ଆଚରଣ ପ୍ରଦର୍ଶନ କରିବେ । ପୁନଶ୍ଚ ଏପଟେ ଅବୁ ଆମିର୍ ନିଜ ଜାତିର ଲୋକମାନଙ୍କୁ ରସୁଲୁଲ୍ଲାଃ ସ.ଅଙ୍କ ଅନୁକରଣରୁ ଅଟକାଉଥିଲା ଏବଂ ଆଁହଜରତ ସ.ଅଙ୍କ ଆଜ୍ଞା ପାଳନ ନକରିବା ନିମନ୍ତେ ଜୋର୍ ଦେଉଥିଲା । ସେପଟେ ରସୁଲୁଲ୍ଲାଃ ସ.ଅଙ୍କ ନିଦର୍ଶନ ଏବଂ ଚମତ୍କାର ଦିନକୁ ଦିନ ପ୍ରକାଶିତ ହୋଇ ଚାଲିଥିଲା ଏବଂ ଆପଣ ସ.ଅଙ୍କ ଅନୁଗାମୀମାନଙ୍କର ସଂଖ୍ୟା କ୍ରମଶଃ ବୃଦ୍ଧି ପାଉଥିଲା । ବିଶେଷ କରି ଅବୁ ଆମିର୍ ସଂପ୍ରଦାୟର ଲୋକମାନେ ଇସ୍‌ଲାମ୍ ଧର୍ମରେ ସାମିଲ୍ ହୋଇ ଚାଲିଥିଲେ । ଏହାକୁ ଦେଖି ଅବୁ ଆମିର୍ କ୍ରୋଧ ଜର୍ଜରିତ ହୋଇ ଉଠିଲା । ସେ କପଟବିଶ୍ୱାସୀମାନଙ୍କ ସହିତ ମିଶି । ଅତଏବ୍ ସେ କପଟବିଶ୍ୱାସୀମାନଙ୍କ ସିତ ମିଶି ଏକ ମସ୍‌ଜିଦ୍ ନିର୍ମାଣ କଲା । ସେହି ମସ୍‌ଜିଦ୍‌କୁ ଇସ୍‌ଲାମୀୟ ଇତିହାସରେ ମସ୍‌ଜିଦେ ଜିରାର୍ ନାମରେ ଅଭିହିତ କରାଯାଏ । ସେହି ମସ୍‌ଜିଦରେ ଲୋକମାନେ ଏକତ୍ରିତ ହେଉଥିଲେ ଏବଂ ଅବୁ ଆମିର୍ ସେମାନଙ୍କ ସହିତ କଥାବାର୍ତ୍ତା କରିବାକୁ ସୁବିଧା ହେଉଥିଲା । ଅବୁ ଆମିର୍ ସେହି ଲୋକମାନଙ୍କୁ ରସୁଲୁଲ୍ଲାଃ ସ.ଅଙ୍କ ଅନୁକରଣ କରିବାରୁ ଅଟକାଉଥିଲା। ଏକ ବର୍ଣ୍ଣନାନୁଯାୟୀ ଅବୁ ଆମିର୍ ନିଜର ସାଥି ଷଡ଼ଯନ୍ତ୍ରକାରୀମାନଙ୍କୁ କହିବାକୁ ଲାଗିଲା ଯେ, ହେ ସାଥିମାନେ! ତୁମେମାନେ ମସ୍‌ଜିଦ୍ ନିର୍ମାଣ କଲ ଏବଂ ନିଜର ସୈନ୍ୟ ଆଡ୍‌ଡ଼ା ତିଆରି କରି ଯୁଦ୍ଧ ପାଇଁ ପ୍ରସ୍ତୁତ ହୁଅ । ମୁଁ କୈସରେ ରୋମ୍ ସହିତ ମିଶି ଏକ ବିଶାଳ ସୈନ୍ୟବାହିନୀ ଧରି ଆସୁଛି । କାରଣ ମୁହମ୍ମଦ ସ.ଅ ଏବଂ ତା'ର ସାଥିମାନଙ୍କୁ ମଦିନାରୁ ବିତାଡ଼ିତ କରାଯାଇ ପାରିବ । ସୁତରାଂ ଅବୁ ଆମିର୍ ରୋମୀୟ ଶାସନ ଆଡ଼କୁ ବାହାରି ପଡ଼ିଲା ଏବଂ ସିରୀୟରେ ରୋମୀୟ ଶାସନ ଅର୍ଥାତ୍ ରୋମ୍‌ର ସମ୍ରାଟ କୈସରୁ ଭେଟିଲା । ସେଠାରେ ସେ ରସୁଲୁଲ୍ଲାଃ ସ.ଅ ଏବଂ ମୁସଲମାନମାନଙ୍କ ବିରୁଦ୍ଧରେ ଯୁଦ୍ଧ ନିମନ୍ତେ ପ୍ରସ୍ତୁତ କରିବା ନିମନ୍ତେ ଉଦ୍ୟମ କଲେ । ସେ ମୁସଲମାନ ଏବଂ ଆଁହଜରତ ସ.ଅଙ୍କ ସଂପର୍କରେ କହିଲା ଯେ, ହେ କୈସର୍! ଏହି ମୁସଲମାନମାନେ ଦୁର୍ବଳ, ଦରିଦ୍ର ଏବଂ ସ୍ୱଳ୍ପ ସଂଖ୍ୟକ ଅଟନ୍ତି । ଏମାନଙ୍କର ଶତ୍ରୁ ଅଧିକ ସଂଖ୍ୟକ ଅଛନ୍ତି । ଆପଣ ସେମାନଙ୍କୁ ଡରିବେ ନାହିଁ ଏବଂ ଆପଣ ଯଦି ମୁସଲମାନମାନଙ୍କ ବିପକ୍ଷରେ କୌଣସି ପଦକ୍ଷେପ ଗ୍ରହଣ ନକରନ୍ତି ତେବେ ଭବିଷ୍ୟତରେ ଆପଣଙ୍କର ରାଜ୍ୟ ପାଇଁ ଏହା ଭଲ ହେବ ନାହିଁ । ହିର୍କଲ୍ ଅବୁ ଆମିରକୁ ନିଜ ପାଖରେ ଅଟକାଇ ଏହି ପ୍ରତିଶ୍ରୁତି ଦେଲା ଯେ, ସେ ଅବୁ ଆମିରକୁ ସାହାଯ୍ୟ କରିବ । ଇତି ମଧ୍ୟରେ ଅବୁ ଆମିର୍ ନିଜର ସମଧର୍ମୀ ଦୁରାଚାରୀ ଷଡ଼ଯନ୍ତ୍ରକାରୀ ଲୋକମାନଙ୍କୁ ଶୁଭ ସୂଚନା ଶୁଣାଇଲା ଯେ, ଖୁବ ଶୀଘ୍ର ଏକ ବିଶାଳ ସୈନ୍ୟବାହିନୀ ମଦିନା ମୁନଓ୍ୱାରାହ୍ ଉପରେ ଆକ୍ରମଣ କରିବ । ଅତଏବ୍ ହେ ଲୋକମାନେ ତୁମେମାନେ ମୋ ନିମନ୍ତେ ବିଶେଷ ଏକ ଠିକଣା ନିର୍ମାଣ କର । ଉକ୍ତ ଅଭିପ୍ରାୟକୁ ଦୃଷ୍ଟିରେ ରଖି କପଟବିଶ୍ୱୀସୀମାନେ କୁବା ଠାରେ ଏକ ମସ୍‌ଜିଦ୍ ନିର୍ମାଣ କଲେ ଏବଂ ସେହି ମସ୍‌ଜିଦ୍‌କୁ ମସ୍‌ଜିଦେ ଜିରାର୍ ବୋଲି କୁହାଯାଏ । କିନ୍ତୁ ଅବୁ ଆମିରର୍ ଏହି ଆକାଂକ୍ଷା ମଧ୍ୟ ପୂରଣ ହେଲା ନାହିଁ । ପରିଶେଷରେ ଅବୁ ଆମିର୍ ସିରୀୟାରେ ହିଁ ଏକୁଟିଆ ମାତୃଭୂମିହୀନ ଅବସ୍ଥାରେ ମୃତ୍ୟୁବରଣ କଲା । ସେ ଆଁହଜରତ ସ.ଅଙ୍କ ସଂପର୍କରେ ଏହି ଦୁଆ କରିଥିଲା ଯେ, ଯିଏ ମିଥ୍ୟାବାଦୀ ଥିବ ସେ ମାତୃଭୂମିହୀନ ହୋଇ ମୃତ୍ୟୁବରଣ କରିବ । ଅତଏବ୍ ଅବୁ ଆମିର୍‌ର ଏହି ଅଭିଶାପ ତା' ପାଇଁ କାଳ ସାଜିଲା । ତହିଁରେ ମତଭେଦ ରହିଛି ଯେ, ସେ କେବେ ମୃତ୍ୟୁବରଣ କଲା । କେତେକଙ୍କ ମତରେ ସେ 9 ହିଜ୍ରୀରେ ମୃତ୍ୟୁବରଣ କଲା ତ' ଆଉ କେତେକଙ୍କ ମତରେ ସେ 10 ହିଜ୍ରୀରେ ମୃତ୍ୟୁବରଣ କରିଥିଲା । କିନ୍ତୁ ସେ ଯାହା ହେଉ ସେ ଏକୁଟିଆ ହୋଇ ମୃତ୍ୟୁବରଣ କଲା । **(ତସ୍‌ବିତ୍ ଦଲାଇଲୁନ୍ ନୁବୁଓ୍ୱାହ୍, ଗ୍ରନ୍ଥଖଣ୍ଡ-2, ପୃ-475, ମକତବା- ଅନ୍ ନାଶିର୍, ଦାରୁଲ୍ ମୁସ୍ତଫା ଅଲ୍ କାହିରା)(ଶରହୁଲ୍ ଅଲ୍ଲାମା ଜର୍କାନୀ ଅଲଲ୍ ମଓ୍ୱାହିବିଲ୍ ଲୁଦ୍‌ନିୟାହ୍, ଭାଗ-4, ପୃ-242, ଦାରୁଲ୍ କୁତୁବୁଲ୍ ଇଲମିୟାହ୍, 1996) (ଅଲ୍ ଲୁଉଲୁଉଲ୍ ମକନୁନ୍, ଜୀବନୀ ଶବ୍ଦକୋଷ, ଗ୍ରନ୍ଥଖଣ୍ଡ-9 ପୃ-552-554, ଦାରୁସ୍ ସଲାମ୍)**

ହୁଜୁର ଅନ୍‌ୱର୍ ଅ.ବ କହିଲେ, କପଟବିଶ୍ୱାସୀମାନେ ଯେତେବେଳେ ମସ୍‌ଜିଦ୍‌ର ନିର୍ମାଣ କରିନେଲେ ସେତେବେଳେ ସେମାନେ ଆଁହଜରତ୍ ସ.ଅଙ୍କ ସେବାରେ ଉପସ୍ଥିତ ହେଲେ ଏବଂ ଆପଣ ସ.ଅଙ୍କୁ ଅନୁରୋଧ କଲେ ଯେ, ଆପଣ ସ.ଅ ସେହି ମସ୍‌ଜିଦ୍‌ରେ ନମାଜ୍ ପାଠ କରନ୍ତୁ । କିନ୍ତୁ ଅଲ୍ଲାଃତାଲାଙ୍କ ବିଧାନ ଏହା ହେଲା କି ଏହି ଲୋକମାନେ ସେତେବେଳେ ହୁଜୁର ସ.ଅଙ୍କ ସେବାରେ ସେହି ନାମକୁ ମାତ୍ର ମସ୍‌ଜିଦ୍‌ର ଶୁଭୋଦ୍‌ଘାଟନ ନିମନ୍ତେ ଅନୁରୋଧ କରିବାକୁ ଆସିଥିଲେ ଯେତେବେଳେ ଆପଣ ସ.ଅ ତୁବୁକ୍ ଯୁଦ୍ଧକୁ ଯିବା ନିମନ୍ତେ ପ୍ରସ୍ତୁତ ହେଉଥିଲେ। ସେମାନେ ଅର୍ଥାତ୍ କପଟବିଶ୍ୱାସୀମାନେ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଆମେମାନେ ରୋଗୀ, ଅଭାବି ଏବଂ ରାତିରେ ବର୍ଷାରୁ ରକ୍ଷା ପାଇବା ନିମନ୍ତେ ଏକ ମସ୍‌ଜିଦର ନିର୍ମାଣ କରିଛୁ । ଆମେମାନେ ଚାହୁଁଛୁ ଯେ, ଆପଣ ସ.ଅ ଆସି ଆମମାନଙ୍କ ନିମନ୍ତେ ଉକ୍ତ ମସ୍‌ଜିଦରେ ନମାଜ ପାଠ କରନ୍ତୁ । ଆପଣ ସ.ଅ କହିଲେ, ହେ ଲୋକମାନେ ! ମୁଁ ବର୍ତ୍ତମାନ ଟିକିଏ ବ୍ୟସ୍ତ ଅଛି, ମୁଁ ଯାତ୍ରାକୁଯିବା ନିମନ୍ତେ ପ୍ରସ୍ତୁତ ହେଉଛି ଓ ପ୍ରସ୍ତୁତି କାମ କରୁଛି । ମୁଁ ଯେତେବେଳେ ଯାତ୍ରାରୁ ଫେରି ଆସିବି ସେତେବେଳେ ସେଠାରେ ନମାଜ ପାଠ କରିବି । ଅତଏବ୍ ଆଁହଜରତ୍ ସ.ଅ ଯେତେବେଳେ ତୁବୁକ୍ ଯୁଦ୍ଧରୁ ଫେରି ଆସିଲେ ଏବଂ ଜି ଅଓ୍ୱାନ୍ ନାମକ ସ୍ଥାନରେ ଶିବିର ପକାଇଲେ । ଜି ଅଓ୍ୱାନ୍ ଏବଂ ମଦିନା ମଧ୍ୟରେ ଏକ ଘଣ୍ଟାର ବ୍ୟବଧାନ ରହିଛି । ତେବେ କପଟବିଶ୍ୱାସୀମାନଙ୍କ ଦ୍ୱାରା ନର୍ମିତ ସେହି ମସ୍‌ଜିଦ୍ ସଂପର୍କରେ ନିମ୍ନୋକ୍ତ ଆୟତ୍ ଅବତୀର୍ଣ୍ଣ ହେଲା:- اَعُوۡذُ بِاللّٰهِ مِنَ الشَّيۡطٰنِ الرَّجِيۡمِ
وَالَّذِیۡنَ اتَّخَذُوۡا مَسۡجِدًا ضِرَارًا وَّ کُفۡرًا وَّتَفۡرِیۡقًۢا بَیۡنَ الۡمُؤۡمِنِیۡنَ وَاِرۡصَادًا لِّمَنۡ حَارَبَ اللّٰہَ وَرَسُوۡلَہٗ مِنۡ قَبۡلُ ؕ وَلَیَحۡلِفُنَّ اِنۡ اَرَدۡنَاۤ اِلَّا الۡحُسۡنٰی ؕ وَاللّٰہُ یَشۡہَدُ اِنَّہُمۡ لَکٰذِبُوۡنَ (ଅତ୍ ତୌବା:107)

**ଅନୁବାଦ:** ଏବଂ ଯେଉଁ ଲୋକମାନେ ଅନିଷ୍ଟ ସାଧନ କରିବା ଓ ଅବିଶ୍ୱସାର ପ୍ରଚାର କରିବା ଉଦ୍ଦେଶ୍ୟରେ ତଥା ବିଶ୍ୱାସକାରୀମାନଙ୍କ ମଧ୍ୟରେ ଭେଦଭାବ ସୃଷ୍ଟି କରିବା ଓ ଯେଉଁ ବ୍ୟକ୍ତି ଅଲ୍ଲାଃ ଓ ତାହାଙ୍କ ରସୁଲଙ୍କ ବିରୁଦ୍ଧରେ ପୂର୍ବରୁ ଯୁଦ୍ଧ କରିଅଛି ତାହାକୁ ଗୁପ୍ତ ସ୍ଥାନ ଯୋଗାଇବା ପାଇଁ ଉପାସନା ଗୃହକୁ ମନୋନୀତ କରିଅଛନ୍ତି, ସେମାନେ ନିଶ୍ଚୟ ଶପଥପୂର୍ବକ କହିବେ ଯେ, ଏହି ଉପାସନା ଗୃହ ନିର୍ମାଣରେ ଆମ୍ଭର ମହତ୍ ଉଦ୍ଦେଶ୍ୟ ଥିଲା । କିନ୍ତୁ ଅଲ୍ଲାଃତାଲା ସାକ୍ଷ୍ୟ ଦେଉଛନ୍ତି

### ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ଆମେ ଅହେମଦିମାନଙ୍କୁ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍ ଧର୍ମର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି କି ଆମମାନଙ୍କୁ ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କ ସ୍ଥାପନ କରିବାକୁ ହେବ" ।

ତାଲିବେ ଦୁଆ: Sajeed Khan, S/O- Sultan Ahmad, Jamat Ahmadiya Paradeep (Kerang) (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଆମ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ପକ୍ଷେ ଏହା ଉଚିତ ହେବ କି ଜମାଅତ୍‌ର ସଦସ୍ୟବୃନ୍ଦ ଚାରିତ୍ରିକ ଅବସ୍ଥାରେ ଉନ୍ନତି କରନ୍ତୁ । କାରଣ 'ଅଲ୍ ଇସ୍ତିକାମତୁ ଫୌକଲ୍ କରାମତି' ।"

(ମଲଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Halimuddin Khan & Family, Jamat Ahmadiya Kerang, Darul Barkat (Odisha)

EDITOR
Qamarul Haque Khan
Sub-Editor : SAYED ATAUL WAHAB
Mob : (+91) 8437782443
website : www.akhbarbadr.in

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUN ODI/2016/68750
The Weekly BADAR Qadian
Qadian - 143516 Distt. Gurdaspur (Pb.)
Postal Reg. No.GDP-40/2026-2028 Vol. 10 Thursday- 15 January 2026 Issue No. 03

Act. MANAGER
ATHAR AHMAD SHAMIM
Mobile. : +91 9815639670
e-mail: Badr@qadian.in

ଯେ, ସେମାନେ ବାସ୍ତବରେ ମିଥ୍ୟାବାଦୀ ।

ହୁଜୁର ଅନ୍ୱର୍ ଅ.ବ କହିଲେ, ଉକ୍ତ ଐଶୀବାଣୀ ଅବତୀର୍ଣ୍ଣ ହେବା ପରେ ଆପଣ ସ.ଅ ହ. ମାଲିକ୍ ବିନ୍ ଦୁଖ୍ଶୁମ୍ ର.ଅ ଏବଂ ମାଆନ୍ ବିନ୍ ଅଦି ର.ଅଙ୍କୁ ଡକାଇଲେ ଓ ସେମାନଙ୍କୁ ମସ୍ଜିଦେ ଜିରାର ଭାଙ୍ଗିବା ନିମନ୍ତେ ଆଦେଶ ଦେଲେ । କେତେକ ବର୍ଣ୍ଣନାରେ ଏହା ମଧ୍ୟ ବର୍ଣ୍ଣିତ ହୋଇଛି ଯେ, ହ. ଆସିମ୍ ବିନ୍ ଅଦି ର.ଅ ଏବଂ ହ. ଆମିର୍ ବିନ୍ ସକନ୍ ର.ଅ ଓ ହ. ହମ୍ଜା ର.ଅଙ୍କ ହତ୍ୟାକାରୀ ୱହ୍ଶୀ ତଥା ସୁୱୈଦ୍ ବିନ୍ ଅବ୍ବାସଙ୍କୁ ମଧ୍ୟ ଆଁହଜରତ ସ.ଅ ଉକ୍ତ ଅଭିପ୍ରାୟ ନିମନ୍ତେ ପ୍ରେରଣ କରିଥିଲେ।

ହୁଜୁର ଅନ୍ୱର୍ ଅ.ବ କହିଲେ, ଶରାହ୍ ଜର୍କାନୀରେ ଉଲ୍ଲେଖ ରହିଛି ଯେ, ସମ୍ଭବତଃ ଆଁହଜରତ ସ.ଅ ପ୍ରଥମେ ଦୁଇ ଜଣ ସଦସ୍ୟଙ୍କୁ ପ୍ରେରଣ କିରଥିବେ । ପୁନଶ୍ଚ ଅତିରିକ୍ତ ଚାରିଜଣ ବ୍ୟକ୍ତିଙ୍କୁ ସାହାଯ୍ୟ ପାଇଁ ପ୍ରେରଣ କରିଥାଇ ପାରନ୍ତି ? ସେ ଯାହା ହେଉ ଆପଣ ସ.ଅ ସେମାନଙ୍କୁ ମସ୍ଜିଦେ ଜିରାର୍ ଆଡ଼କୁ ଯିବା ନିମନ୍ତେ ଆଦେଶ ଦେଲେ । ଅର୍ଥାତ୍ ସେହି ମସ୍ଜିଦ୍କୁ ଭାଙ୍ଗି ଦିଆଯାଉ ଓ ଉକ୍ତ ମସ୍ଜିଦ୍ରେ ନିଆଁ ଲଗାଇ ଦିଆଯାଉ ।

ହୁଜୁର ଅନ୍ୱର୍ ଅ.ବ କହିଲେ, ସୁତରାଂ ଏହି ଲୋକମାନେ ସମସ୍ତେ ଦ୍ରୁତ ଗତିରେ ବନୁ ସାଲିମ୍ ସଂପ୍ରଦାୟ ଠାରେ ପହଞ୍ଚିଲେ । ହ. ମାଲିକ୍ ର.ଅ ନିଜର ଉଭୟ ସାଥିମାନଙ୍କୁ କହିଲେ, ହେ ସାଥିମାନେ ! ମୋ ପାଇଁ ଟିକେ ଅପେକ୍ଷା କର ଏପର୍ଯ୍ୟନ୍ତକି ମୁଁ ମଧ୍ୟ ତୁମ ପାଖକୁ ଚାଲି ଆସିବି । ଅର୍ଥାତ୍ ତୁମ ସହିତ ମିଶିଯିବ । ସୁତରାଂ ସେ ନିଜ ଘରୁ ଖଜୁରୀ କୋଳି ବୃକ୍ଷର ଏକ ଶୁଷ୍କ (ଶୁଖିଲା) ଶାଖାରେ ଘରୁ ନିଆଁ ଜଳାଇ ନିଜ ସାଙ୍ଗରେ ନେଇ ଆସିଲେ । ପୁନଶ୍ଚ ସେ ମଗ୍ରିବ୍ ଏବଂ ଇଶାର ମଧ୍ୟବର୍ତ୍ତୀ ସମୟରେ ମସ୍ଜିଦେ ଜିରାର୍ ପାଖରେ ପହଞ୍ଚିଲେ ଏବଂ ସେଠାରେ ପହଞ୍ଚି ସେ ମସ୍ଜିଦ୍ରେ ନିଆଁ ଲଗାଇଗେଲେ ଏବଂ ମସ୍ଜିଦ୍କୁ ଭୂମିସାତ୍ କରିଦେଲେ । ସେତେବେଳେ ସେଠାରେ ମସ୍ଜିଦ୍ ନିର୍ମାଣକାରୀମାନେ ଉପସ୍ଥିତ ଥିଲେ । କିନ୍ତୁ ନିଆଁ ଲାଗିବା ପରେ ସେମାନେ ଏଣେତେଣେ ଧାଇଁବାକୁ ଲାଗିଲେ । ଯେତେବେଳେ ନବୀ କରୀମ୍ ସ.ଅ ମଦିନା ଆସିଲେ, ସେତେବେଳେ ଆପଣ ସ.ଅ ଏହି ସ୍ଥାନକୁ ଆସିମ୍ ବିନ୍ ଅଦିଙ୍କୁ ଦେବାକୁ ଚାହିଁଲେ । କାରଣ ଆସିମ୍ ବିନ୍ ଅଦି ସେହି ସ୍ଥାନରେ ନିଜର ଘର ନିର୍ମାଣ କରନ୍ତୁ । କିନ୍ତୁ ଆସିମ୍ ବିନ୍ ଅଦି ର.ଅ କ୍ଷମା ଯାଚନା କଲେ ଯେ, ଏଥି ସଂକ୍ରାନ୍ତରେ ଅଲ୍ଲାଃତାଲା ଯାହା ଅବତୀର୍ଣ୍ଣ କରିଥାଆନ୍ତେ ତାହା ଅଲ୍ଲାଃତାଲା ଅବତୀର୍ଣ୍ଣ କରିଦେଲେ । ହ. ଆସିମ୍ ବିନ୍ ଅଦି ର.ଅ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଏହି ସ୍ଥାନଟି ଏପରି ବିବାଦାସ୍ପଦ ସ୍ଥାନ ଅଟେ ଯେ, ମୁଁ ଏଠାରେ ନିଜର ଘର ତିଆରି କରିବାକୁ ଚାହିଁବି ନାହିଁ । ମୋତେ ଘର ଏବଂ ଜମିର ଆବଶ୍ୟକତା ନାହିଁ । ତେବେ ରସୁଲ୍ କରୀମ୍ ସ.ଅ ସେହି ସ୍ଥାନକୁ ହ. ସାବିତ୍ ବିନ୍ ଅକ୍ରମ୍ ର.ଅଙ୍କୁ ଦେଇଦେଲେ । କାରଣ ତାଙ୍କ ପାଖରେ କୌଣସି ଘର ନଥିଲା । ଇବ୍ନେ ଇସ୍ହାକ୍ ମସ୍ଜିଦେ ଜିରାର ନିର୍ମାଣକାରୀ କପଟବିଶ୍ୱାସୀଙ୍କ ନାମ ମଧ୍ୟ ବର୍ଣ୍ଣନା କରିଛନ୍ତି । ସେହି କପଟବିଶ୍ୱାସୀମାନଙ୍କର ସଂଖ୍ୟା 12 ଥିଲା । **ଶର୍ହୁଲ୍ ଅଲ୍ଲାମା ଜର୍କାନୀ ଅଲଲ୍ ମୱାହିବିଲ୍ ଲୁଦ୍ନିୟାହ୍, ଭାଗ-4, ପୃ-97-98, ଦାରୁଲ୍ କୁତୁବୁଲ୍ ଇଲମିୟାହ୍, 1996) (ସବ୍ଲୁଲ୍ ହୁଦା ୱର୍ ରଶ୍ଶାଦ୍, ଗ୍ରନ୍ଥଖଣ୍ଡ-5, ପୃ-470-472, ଦାରୁଲ୍ କୁତୁବୁଲ୍ ଇଲ୍ମିୟାହ୍, ବୈରୁତ୍, 1993 ମସିହା)(ଅସ୍ ସିରତୁନ୍ ନବୱିୟାହ୍ ଲିଇବନି ଇସ୍ହାକ୍, ପୃ-608-609, ଦାରୁଲ୍ କୁତୁବୁଲ୍ ଇଲ୍ମିୟାହ୍, ବୈରୁତ୍, 2004 ମସିହା)(ଅଲ୍ ଲୁଉଲୁଉଲ୍ ମକ୍ନୁନ୍, ଜୀବନୀ ଶବ୍ଦକୋଷ, ଗ୍ରନ୍ଥଖଣ୍ଡ-2 ପୃ-555, ଦାରୁସ୍ ସଲାମ୍)**

ହୁଜୁର ଅନ୍ୱର୍ ଅ.ବ କହିଲେ, ଆଁହଜରତ ସ.ଅଙ୍କ ଅସୀମ ଦୟା ଏବଂ କରୁଣା, ଆପଣ ସ.ଅଙ୍କ ବ୍ୟାପକ ସତ୍ସାହସ ଏବଂ କ୍ଷମା ଭଳି ଗୁଣାବଳୀର ଜ୍ୱଳନ୍ତ ଉଦାହରଣ ଏହିକି ଯେ, ପ୍ରତ୍ୟେକ ପାଦରେ କପଟବିଶ୍ୱାସୀମାନଙ୍କ ପକ୍ଷରୁ ଭୟଙ୍କର ତଥା ଘୋର ଷଡ଼ଯନ୍ତ୍ରର ସମ୍ମୁଖୀନ ହେବାକୁ ପଡୁଥିଲା । ସେହି ଷଡ଼ଯନ୍ତ୍ର ମଧ୍ୟରେ ଦୁଃଖ, ଯନ୍ତ୍ରଣା ଏବଂ ହତ୍ୟା ଇତ୍ୟାଦିର ସମ୍ମୁଖୀନ କରିବାକୁ ପଡୁଥିଲା । କପଟବିଶ୍ୱାସୀମାନେ ଏହି (ଅମକ) ଷଡ଼ଯନ୍ତ୍ର କରୁଛନ୍ତି । ପୁନଶ୍ଚ ସେହି ଅବସ୍ଥାରେ ଧରା ମଧ୍ୟ ପଡୁଥିଲେ । କିନ୍ତୁ ଆପଣ ସ.ଅ ସର୍ବଦା ପ୍ରତ୍ୟେକ ଅବସରରେ ସେମାନଙ୍କୁ କ୍ଷମା ପ୍ରଦାନ କରି ଦେଉଥିଲେ । ଆପଣ ସ.ଅ ସେମାନଙ୍କୁ କେବଳେ ସେହି ସ୍ଥଳେ ଶାସ୍ତି ପ୍ରଦାନ କଲେ ଯେଉଁଠି ରାଜ୍ୟ କିମ୍ବା ଶାସନ ବ୍ୟବସ୍ଥା ପ୍ରତି ଥିବା ବିପଦ ପ୍ରତୀୟମାନ ହେଉଥିଲା ।

**(ଅବଶିଷ୍ଟାଂଶ....ପରବର୍ତ୍ତୀ ସଂଖ୍ୟାରେ)**

## ପୃ-୨ରେ ବର୍ଣ୍ଣିତ ସମ୍ପାଦକୀୟର ଅବଶିଷ୍ଟାଂଶ....

ସକାଶେ ଯାତ୍ରା ଅବଲମ୍ବନ କରୁଛନ୍ତି ଅଲ୍ଲାଃତାଲା ସେମାନଙ୍କ ସହିତ ଥାଆନ୍ତୁ ଏବଂ ସେମାନଙ୍କୁ ମହାପ୍ରତିଫଳ ପ୍ରଦାନ କରନ୍ତୁ ଓ ସେମାନଙ୍କ ଉପରେ ଦୟାବତୀର୍ଣ୍ଣ କରନ୍ତୁ। ଅଲ୍ଲାଃତାଲା ସେମାନଙ୍କର ଦୁଃଖ, ସମସ୍ୟା ଓ ବ୍ୟଗ୍ରାବସ୍ଥାକୁ ସେମାନଙ୍କ ନିମନ୍ତେ ସହଜ କରି ଦିଅନ୍ତୁ ଏବଂ ସେମାନଙ୍କର ଦୁଃଖ ଦୁର୍ଦ୍ଦଶାକୁ ଦୂର କରନ୍ତୁ । ଅଲ୍ଲାଃତାଲା ସେମାନଙ୍କୁ ପ୍ରତ୍ୟେକ ପ୍ରକାରରଲ ଯନ୍ତ୍ରଣା (କଷ୍ଟ)ରୁ ମୁକ୍ତି ପ୍ରଦାନ କରନ୍ତୁ ଏବଂ ସେମାନଙ୍କର ମନୋକାମନାର ମାର୍ଗକୁ ସେମାନଙ୍କ ନିମନ୍ତେ ଉନ୍ମୁକ୍ତ କରି ଦିଅନ୍ତୁ ଏବଂ ପ୍ରଳୟ ଦିବସ ଦିନ ନିଜର ସେହି ଭକ୍ତମାନଙ୍କ ସହିତ ବୈକୁଣ୍ଠଗାମୀ ତଥା ସ୍ତର ଉନ୍ନୀତ କରନ୍ତୁ ଯେଉଁମାନଙ୍କ ଉପରେ ତାହାଙ୍କର (ଅଲ୍ଲାଃତାଲାଙ୍କର) ବିଶେଷ କୃପା ଓ ଦୟା ରହିଛି। ଯାତ୍ରାର ପରିସମାପ୍ତି ପରେ ସେମାନଙ୍କ ପରେ ସେମାନଙ୍କର ଖଲିଫା ସେମାନଙ୍କ ସହିତ ଥାଆନ୍ତୁ । **ଆମିନ୍** । ତେଣୁ ହେ ଈଶ୍ୱର ! ହେ ସର୍ବଶ୍ରେଷ୍ଠ ଈଶ୍ୱର ! ହେ କ୍ଷମାଶୀଳ ଈଶ୍ୱର ! ହେ ସଦା କରୁଣାମୟ ଓ ଅଶେଷ ଦୟାବାନ ଈଶ୍ୱର! ହେ ଦୁଃଖହର୍ତ୍ତା ! ଏହି ସମସ୍ତ ଦୁଆକୁ ତୁମ୍ଭେ ସ୍ୱୀକାର କର ଏବଂ ଆମମାନଙ୍କୁ ଆମର ବିରୋଧୀମାନଙ୍କ ଉପରେ ଅନନ୍ୟ ନିଦର୍ଶନର ସହିତ ବିଜୟ ପ୍ରଦାନ କର । କାରଣ ସକଳ ପ୍ରକାରର ଶକ୍ତି ଏବଂ ବଳର ଅଧିକାରୀ ତୁମ୍ଭେ ହିଁ ଅଟ । **ଆମିନ୍ ସୁମ୍ମା ଆମିନ୍**।"
**(ଇସ୍ତହାର, 1892 ମସିହା, ଡିସମ୍ବର ମାସ 7 ତାରିଖ)**

ଅଲ୍ଲାଃତାଲା ଆମ ସମସ୍ତଙ୍କ ସପକ୍ଷରେ ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କ ଉପରୋକ୍ତ ଦୁଆ (ପ୍ରାର୍ଥନାକୁ) ସ୍ୱୀକାର କରନ୍ତୁ ଏବଂ ଜଲସା ସମସ୍ତ କାର୍ଯ୍ୟକ୍ରମକୁ ବିଶେଷ କରି ହ. ଅମୀରୁଲ୍ ମୁମିନିନ୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜଙ୍କୁ ଏମ୍.ଟି.ଏରେ ସିଧା ପ୍ରସାରଣ ଶୁଣିବା ଏବଂ ହୁଜୁର ଅନ୍ୱର୍ ଅ.ବଙ୍କ ଆଦେଶାବଳୀକୁ କାର୍ଯ୍ୟକାରୀ କରିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । **ଆମିନ୍** ।

☆--☆--☆

## କ'ଣ ଆପଣମାନେ ପ୍ରତ୍ୟେକ ଦିନ ନିମ୍ନଲିଖିତ ଦୁଆ ଜପନ୍ତି କି ?

سُبْحَانَ اللّٰهِ وَ بِحَمْدِهٖ سُبْحَانَ اللّٰهِ الْعَظِيْمِ

اَللّٰهُمَّ صَلِّ عَلٰى مُحَمَّدٍ اٰلِ مُحَمَّدٍ

**ଅନୁବାଦ୍:** ଅଲ୍ଲାଃତାଲା ନିଜର ପ୍ରଶଂସା ସହିତ ପବିତ୍ର ଅଟନ୍ତି, ଅଲ୍ଲାଃତାଲା ପବିତ୍ର ଅଟନ୍ତି ଏବଂ ସେ ମହାନ୍ ଅଟନ୍ତି । ହେ ଅଲ୍ଲାଃ ତୁମ୍ଭେ ମୁହମ୍ମଦ୍ ସ.ଅଙ୍କ ଉପରେ ଶାନ୍ତି ଅବତୀର୍ଣ୍ଣ କର ଓ ଆପଣ ସ.ଅଙ୍କ ପରିବାରବର୍ଗଙ୍କ ଉପରେ ମଧ୍ୟ ଶାନ୍ତି ଅବତୀର୍ଣ୍ଣ କର । ☆--☆--☆

اَسْتَغْفِرُ اللّٰهَ رَبِّيْ مِنْ كُلِّ ذَنْبٍ وَّاَتُوْبُ اِلَيْهِ

**ଅନୁବାଦ୍:** ଅଲ୍ଲାଃତାଲାଙ୍କ ନିକଟରେ ମୁଁ କ୍ଷମାପ୍ରାର୍ଥୀ ଅଟେ, ସେ ମୋର ପାଳନକର୍ତ୍ତା ଅଟନ୍ତି । ମୁଁ ତାହାଙ୍କ ଆଡ଼କୁ ହିଁ ଆନତ ହେଉଅଛି (ନତମସ୍ତକ ହେଉଅଛି) । ☆--☆--☆

رَبِّ كُلُّ شَيْءٍ خَادِمُكَ رَبِّ فَاحْفَظْنِيْ وَانْصُرْنِيْ وَارْحَمْنِيْ

**ଅନୁବାଦ୍:** ହେ ମୋର ପାଳନକର୍ତ୍ତା ! ପ୍ରତ୍ୟେକ ବସ୍ତୁ ତୁମ୍ଭର ସେବକ ଅଟେ । ତେଣୁ ହେ ମୋର ପାଳନକର୍ତ୍ତା ! ତୁମ୍ଭେ ମୋତେ ସୁରକ୍ଷିତ ଏବଂ ନିରାପଦ ରଖ, ମୋତେ ସାହାଯ୍ୟ କର ଓ ମୋ ଉପରେ ଦୟା କର ।

☆--☆--☆

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

**ଅଲ୍ଲାଃତାଲା କୁହନ୍ତି:** اَلَيْسَ اللّٰهُ بِكَافٍ عَبْدَهٗ
(ଅଜ୍ ଜୁମର: 36)

ଅନୁବାଦ୍: କ'ଣ ଅଲ୍ଲାଃତାଲା ନିଜ ଭକ୍ତ ପାଇଁ ଯଥେଷ୍ଟ ନୁହନ୍ତି କି ?

**ତାଲିବେ ଦୁଆ:** Qamrun Nisa, W/o- Zainul Khan,
Jamat Ahmadiya Pankal,
Halqa Qudrat Nagar (Odisha)

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଯେଉଁ ବ୍ୟକ୍ତି ଅଲ୍ଲାଃତାଲାଙ୍କ ମାର୍ଗରେ କିଛି ଖର୍ଚ୍ଚ କରିଥାଏ ତେବେ ଏହା ବଦଳରେ ଉକ୍ତ ବ୍ୟକ୍ତିକୁ ସାତ ଶହ ଗୁଣା ପୁଣ୍ୟ ପ୍ରାପ୍ତ ହୋଇଥାଏ ।"

(ତିର୍ମିଜି, କିତାବୁ ଫଜାଇଲିଲ୍ ଜିହାଦ୍, ବାବ୍ ଫଜ୍ଲୁଲ୍ ଇଫ୍କତା ଫି ସବିଲିଲ୍ଲାଃହି )

**ତାଲିବେ ଦୁଆ:** Shenaz Begum, W/o- Sheikh Ghulam Ahmed & Family, Jamat Ahmadiya Bhadrak (Odisha)

Printed & Published by: Jameel Ahmed Nasir on behalf of Nigran Board of Badar. Name of Owner: Nigran Board of Badar. And printed at Fazle-Umar Printing Press. Harchowal Road, Qadian, Distt. Gurdaspur-143516, Punjab. And published at office of the Weekly Badar Mohallah - Ahmadiyya, Qadian Distt. Gsp-143516, Punjab. India. Editor: Qamrul Haque Khan